# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ଏପ୍ରିଲ ୨୯/୨୦୨୧ (୧୨ ପୃଷ୍ଠା) | Berhampur, Thursday, April 29/2021 | ★★★

୧୭ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ସାହାଯ୍ୟ କରିବାକୁ ଖୁସି ଲାଗୁଛି**

ଫିଲ୍ମରୁ ୧୦୦ କୋଟି ମିଳିଲେ ବି ସେତିକି ଖୁସି ଲାଗି ନ ଥାଏ, ଯେତିକି ଲୋକଙ୍କୁ ସାହାଯ୍ୟ କରିବାରେ ମିଳୁଛି ବୋଲି କହିଛନ୍ତି ଅଭିନେତା ସୋନୁ ସୁଦ୍

୧୦

୧୨

**ମନୀଷ ପାଣ୍ଡେଙ୍କ ଦ୍ରୁତ ଅର୍ଦ୍ଧଶତକ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଛନ୍ତି ସନ୍‌ରାଇଜର୍ସ ହାଇଦ୍ରାବାଦର ମନୀଷ ପାଣ୍ଡେ।



# ଟିକା ବ୍ୟବସାୟ

ଭାରତରେ କରୋନାର ଦ୍ୱିତୀୟ ଲହରକୁ ନେଇ ପ୍ରଥମେ କଲିକତା ହାଇକୋର୍ଟ ନିର୍ବାଚନ କମିଶନ(ଇସି)ଙ୍କୁ ସମାଲୋଚନା କଲେ। ତା'ପରେ ମାଡ୍ରାସ୍ ହାଇକୋର୍ଟ ଇସିଙ୍କୁ ହତ୍ୟାକାରୀ ଆଖ୍ୟା ଦେଲେ। ଏହା ପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଦ୍ରା ଭଙ୍ଗ ହେଲା। କରୋନା ପରିଚାଳନା ଅବ୍ୟବସ୍ଥାକୁ ନେଇ ଆଉ ନୀରବ ରହିବୁ ନାହିଁ ବୋଲି ସୁପ୍ରିମକୋର୍ଟ ମତ ଦେଇଛନ୍ତି। ଏଥିସହିତ ଭାରତରେ ମିଳୁଥିବା ଦୁଇଟି ଭାକ୍ସିନ-କୋଭାକ୍ସିନ ଓ କୋଭିଶିଲ୍ଡର ଖୋଲାବଜାର ଦର କେଉଁ ଆଧାରରେ ସ୍ଥିର କରାଯାଇଛି ସେ ସମ୍ପର୍କରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। ହସ୍ପିଟାଲରେ ଅକ୍ସିଜେନ୍ ଅଭାବରୁ ରୋଗୀଙ୍କ ମୃତ୍ୟୁ ଘଟିବା ଉପରେ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିବା ସହ ଏଭଳି ସଙ୍କଟ ସମୟରେ କେନ୍ଦ୍ର ସରକାରଙ୍କ ଜାତୀୟ ନୀତି କ'ଣ ବୋଲି ଜାଣିବାକୁ ଚାହିଁଛନ୍ତି।

ପୁନର୍ବାର କୋଭିଡ୍‌ର ନୂତନ ପ୍ରକାରର ସଂକ୍ରମଣ ସମୟରେ ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥା, ହସ୍ପିଟାଲରେ ଆବଶ୍ୟକତାଠାରୁ ଶଯ୍ୟା ସଂଖ୍ୟା କମ୍, ଔଷଧ ଏବଂ ଅକ୍ସିଜେନ୍‌ର ଅଭାବକୁ ମୁକାବିଲା କରିବା ପାଇଁ ସରକାର କାହିଁକି ପ୍ରସ୍ତୁତ ହୋଇପାରିଲେ ନାହିଁ ତାହା ଏକ ମୁଖ୍ୟ ପ୍ରଶ୍ନ ପାଲଟିଗଲାଣି। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବରୁ ଯେତେ ସଂକ୍ରମଣ ବିଶ୍ୱବ୍ୟାପୀ ଏବଂ ଭାରତରେ ହୋଇଛି, ସେଥିପାଇଁ ସ୍ୱାଧୀନତା ପୂର୍ବରୁ ଓ ପରେ ସରକାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରି ନାଗରିକଙ୍କୁ ସ୍ପାନିଶ୍ ଫ୍ଲୁ, ପ୍ଲେଗ୍, ପୋଲିଓ, ମ୍ୟାଲେରିଆ, ବସନ୍ତ, ଯକ୍ଷ୍ମା, କୁଷ୍ଠରୋଗ ଭଳି ଅନେକ ରୋଗ ପାଇଁ ଔଷଧ ଏବଂ ଆବଶ୍ୟକସ୍ଥଳେ ଟିକା ବିନା ମୂଲ୍ୟରେ ଦେଇ ଆସିଛନ୍ତି। ଏପରି କି ମ୍ୟାଲେରିଆ ବିରୋଧରେ ଲଢ଼ିବା ପାଇଁ ରାସାୟନିକ ପ୍ରଲେପଯୁକ୍ତ ମଶାରି ସରକାରଙ୍କ ଦ୍ୱାରା ବଣ୍ଟାଯାଇଥାଏ। ଏବେ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ସ୍ଥିତି ବଦଳି ଯାଇଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଲୋକଙ୍କ ପାଖରେ ଉଚିତ ସମୟରେ ଔଷଧ ଏବଂ ଟିକା ପହଞ୍ଚାଇ ଜୀବନ ରକ୍ଷାକରିବା ପରିବର୍ତ୍ତେ ସମସ୍ତେ ପାଲଟିଗଲେଣି ବ୍ୟବସାୟୀ। ନେତାମାନେ କହୁଛନ୍ତି ଖୋଲା ବଜାରକୁ ୫୦% ଔଷଧ ବିକ୍ରି କରିବା ସକାଶେ ଛଡ଼ାଯାଉ। ଏଭଳି ମନ୍ତବ୍ୟ ଦ୍ୱାରା କୋଭିଡ୍‌ର ମୁକାବିଲା ପାଇଁ ଭାରତରେ ମିଳୁଥିବା ଦୁଇଟି ଭାକ୍ସିନର ମୂଲ୍ୟ ସମ୍ପର୍କରେ ସୁପ୍ରିମକୋର୍ଟଙ୍କୁ ମଧ୍ୟ ପଚାରିବାକୁ ପଡ଼ିଲା। ଯେତେବେଳେ ଜୀବନ ରକ୍ଷାକାରୀ କୌଣସି ଟିକା ବା ସରଞ୍ଜାମ ଖୋଲା ବଜାରକୁ ଛାଡ଼ିବା ପାଇଁ ଉଚ୍ଚସ୍ତରୀୟ ନିଷ୍ପତ୍ତି ବା ଦାବି କରାଯାଏ, ସେଥିରେ ସର୍ବନିମ୍ନ ଅର୍ଥନୈତିକ ସ୍ଥିତିରେ ବଞ୍ଚୁଥିବା ଭାରତୀୟ ସୁବିଧାରୁ ବଞ୍ଚିତ ହୋଇଯାଏ। ଆଜି ମଧ୍ୟ ଭାରତରେ ଅନେକ ଯୁବତୀଯୁବକ ୮ ହଜାରରୁ ୧୦ ହଜାର ଟଙ୍କା ମାସକର ଦରମା ପାଇ ପରିବାର ଚଳାଉଛନ୍ତି। ସେମାନଙ୍କୁ ଯଦି ମୁଣ୍ଡପିଛା ଟିକାର ଗୋଟିଏ ଡୋଜ୍ ପାଇଁ ୧୨୦୦ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିବାକୁ ପଡ଼ିବ, ତେବେ ପରିବାରରେ ଥିବା ଅନ୍ୟ ତିନି ଚାରିଜଣ ସଦସ୍ୟଙ୍କ ସକାଶେ ସମ୍ପୂର୍ଣ୍ଣ ମାସକର ଦରମା ଚାଲିଯିବ। ଏଭଳି ଭାରତୀୟମାନେ ଟିକା ନେବାକୁ ଅନିଚ୍ଛା ପ୍ରକାଶ କରିବେ। ଏହାଛଡ଼ା ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ଥିବା ଭାରତୀୟଙ୍କ ସଂଖ୍ୟା ମଧ୍ୟ ବିରାଟକାୟ। ଏହିଭଳି ବର୍ଗ ସବୁବେଳେ ସଂକ୍ରମଣର ଶିକାର ହେବା ପାଇଁ ରହିଯିବେ। ଭାରତ ସରକାର କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏହି ଗରିବ ଏବଂ ଅସହାୟ ଅଂଶର ହିତକୁ ମନରେ ରଖି ନୀତି ପ୍ରଣୟନ ସହିତ ବାକ୍ୟ ଉଚ୍ଚାରଣ କରିବା ଦରକାର।

ଏହିସବୁ ଯୁକ୍ତିର ଶେଷରେ ମନେ ରଖିବାକୁ ହେବ ଯେ, ଉଚ୍ଚ ଚାହିଦା ଥିବା ସାମଗ୍ରୀ ଭାରତର ବଜାରକୁ ଆସିବା ମାତ୍ରକେ ଅହେତୁକ ଦର ବୃଦ୍ଧି ସହିତ କଳାବଜାରି ଆରମ୍ଭ ହୋଇଯାଏ। ସରକାରୀ ବ୍ୟବସ୍ଥାକୁ ସମସ୍ତେ ଜାଣନ୍ତି। ମାଗଣାରେ ଦିଆଯିବାକୁ ଥିବା ଟିକାକୁ ସମ୍ପୃକ୍ତ ଅଧିକାରୀମାନେ କଳାବଜାରକୁ ଦେଇ ବ୍ୟକ୍ତିଗତ ମୁନାଫା ଉଠାଇବେ। ଏହାର ଉଦାହରଣ ସରକାରୀ ଡାକ୍ତରଖାନାକୁ ଆସୁଥିବା ମାଗଣା ଔଷଧ କେଉଁଭଳି ନିକଟସ୍ଥ ଔଷଧ ଦୋକାନକୁ ଚୋରା ଚାଲାଣ ହୁଏ, ତାହା ଜନସାଧାରଣ ଜାଣନ୍ତି। ଏବର ସ୍ଥିତି ଦେଖିଲେ ଜୀବନ ମୃତ୍ୟୁ ସହିତ ସମ୍ପୃକ୍ତ ଔଷଧ ଏମ୍‌ଆର୍‌ପି କିମ୍ବା ଛପା ଯାଇଥିବା ମୂଲ୍ୟରେ କେବେହେଲେ ମିଳିବ ନାହିଁ। ଜନସାଧାରଣ ଆକାଶଛୁଆଁ ଦର ଦେଇ ଟିକା କିଣିବାକୁ ବାଧ୍ୟହେବେ। ଏହା ଏକ ମାରାତ୍ମକ ପରିସ୍ଥିତି ଟିକା ବ୍ୟବସାୟରେ ସୃଷ୍ଟି କରିବାକୁ ଯାଉଛି।

**ତଥାଗତ ସତପଥୀ**

## ଭୁବନେଶ୍ୱର, କଟକ ପାଇଁ ଚିନ୍ତା ବଢ଼ିଲା

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ରାଜ୍ୟରେ ବଢ଼ିବାରେ ଲାଗିଛି କରେନା ସଂକ୍ରମଣ। ଗତ ୨୪ ଘଣ୍ଟାରେ ୮,୩୮୬ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୦ଜଣଙ୍କ ମୃତ୍ୟୁ ଘଟିଛି। ଏଥିରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧,୮୪୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ କେବଳ ରାଜଧାନୀରୁ ରହିଛନ୍ତି ୧,୦୦୪। ସେହିପରି କଟକ ଜିଲାରେ ୪୯୬ ଚିହ୍ନଟ ହୋଇଛନ୍ତି। ଭୁବନେଶ୍ୱର ଓ କଟକରେ ଗୋଷ୍ଠୀ ସଂକ୍ରମଣ ଭଳି ସ୍ଥିତି ଉପୁଜିଲାଣି ବୋଲି କହିଛନ୍ତି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର। ସେ କହିଛନ୍ତି, କଟକ ଓ ଭୁବନେଶ୍ୱରରେ ସଂକ୍ରମଣ ଅଧିକ ବଢୁଛି। ଜଣେ ଲୋକ ଏକାଧିକ ଲୋକଙ୍କୁ ସଂକ୍ରମଣ କରୁଛନ୍ତି। ଯେଉଁ କାରଣରୁ କମ୍ୟୁନିଟି ଟ୍ରାନ୍ସମିଶନ୍ ବା ଗୋଷ୍ଠୀ ସଂକ୍ରମଣ ଭଳି ସ୍ଥିତି ଉପୁଜିଲାଣି। ଯେହେତୁ ଭୁବନେଶ୍ୱରକୁ ଏକାଧିକ ଲୋକ ବାହାରୁ ଆସୁଛନ୍ତି ସେଥିପାଇଁ ସଂକ୍ରମିତଙ୍କ ସଂଖ୍ୟା ବଢୁଛି ବୋଲି ସେ କହିଛନ୍ତି। ଭୁବନେଶ୍ୱର ମାର୍କେଟ ବିଲ୍‌ଡିଂରେ କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଯୋଗୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଏବଂ କମିଶନରେଟ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବୁଧବାର ରାତିରୁ ୪୮ଘଣ୍ଟା ପାଇଁ ସିଲ୍ କରାଯାଇଛି। ଫଳରେ ଏହା ଶୁକ୍ରବାର ରାତି ପର୍ଯ୍ୟନ୍ତ ଲାଗୁ ରହିବ। ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ ଥିବାରୁ ସୋମବାର ମାର୍କେଟ ବିଲ୍‌ଡିଂ ଖୋଲିବ ବୋଲି ☞ପୃଷ୍ଠା-୪

# ଗୋଷ୍ଠୀ ସଂକ୍ରମଣ ସ୍ଥିତି

**୪୮ ଘଣ୍ଟା ପାଇଁ ସିଲ୍ ହେଲା ମାର୍କେଟ ବିଲ୍‌ଡିଂ**



କୋଭିଡ୍ ନିୟମ ଉଲ୍ଲଂଘନ କରି ଭିଡ଼ ହେଉଥିବାରୁ ଭୁବନେଶ୍ୱର ମହାନଗର ନିଗମ ଏବଂ କମିଶନରେଟ୍ ପୋଲିସ ପକ୍ଷରୁ ବୁଧବାର ରାଜଧାନୀର ମାର୍କେଟ ବିଲ୍ଡିଂକୁ ୪୮ ଘଣ୍ଟା ପାଇଁ ବନ୍ଦ କରାଯାଉଛି।

## ଦିନକରେ ୮,୩୮୬ ଚିହ୍ନଟ

- ଏପ୍ରିଲରେ ୮୭,୫୯୮ ଚିହ୍ନଟ, ୯୬ ମୃତ
- ମେ' ୧୫ ବେଳକୁ ୧୩ ହଜାର ଛୁଇଁପାରେ ଦୈନିକ ସଂକ୍ରମଣ

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ଭୟଙ୍କର ରୂପ ନେଲାଣି କରୋନାର ଦ୍ୱିତୀୟ ଲହର। ଗତ କିଛି ଦିନ ହେବ ଦୈନିକ ସଂକ୍ରମିତ ୬ହଜାର ରହୁଥିବା ବେଳେ ବୁଧବାର ଏହା ଆଠ ହଜାର ପାର୍ କରିଛି। ଦିନକରେ ୮,୩୮୬ ଚିହ୍ନଟ ହୋଇଥିବାବେଳେ ୧୦ଜଣଙ୍କ ମୃତ୍ୟୁ ହୋଇଛି। ଗତ ୨୪ ଘଣ୍ଟାରେ ୪୨,୪୦୧ ନମୁନା ପରୀକ୍ଷା ହୋଇଥିବାବେଳେ ସଂକ୍ରମଣର ହାର ରହିଛି ୧୯.୭୭ ପ୍ରତିଶତ। ଅର୍ଥାତ୍ ରାଜ୍ୟରେ କ୍ରମାଗତ ବୃଦ୍ଧି ପାଉଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଏହାକୁ ଦେଖି ସରକାର ଯେଉଁ ସତର୍କବାଣୀ କରିଛନ୍ତି ତାହା ସବୁଠାରୁ ଚିନ୍ତାଜନକ। ମେ' ୧୫ ବେଳକୁ ☞ପୃଷ୍ଠା-୪

## ୧୨ ଜିଲାରେ ଟିକାକରଣ ବନ୍ଦ

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ରାଜ୍ୟରେ ଏବେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଚାଲୁଛି। ମେ' ପ୍ରଥମ ସପ୍ତାହରୁ ତୃତୀୟ ପର୍ଯ୍ୟାୟ ଆରମ୍ଭ ହେବାର ଯୋଜନା ରହିଛି। ଏପରିସ୍ଥଳେ ପୁଣି ଟିକା ଅଭାବ ଚିନ୍ତା ବଢ଼ାଇଦେଇଥିବାବେଳେ ରାଜ୍ୟର ଟିକାକରଣ କାର୍ଯ୍ୟକ୍ରମକୁ ଶକ୍ତ ଧକ୍କା ଲାଗିଛି। କେଉଁଠି ଟିକାକରଣ କେନ୍ଦ୍ରକୁ ବନ୍ଦ କରିଦିଆଯାଉଛି ତ ପୁଣି ଆଉ କେଉଁଠି ଟିକା ଶେଷ ହୋଇଯିବାରୁ ଲୋକଙ୍କୁ ଫେରିବାକୁ ପଡୁଛି। ବୁଧବାର ମାତ୍ର ୪୬୯ଟି ସେସନରେ ☞ପୃଷ୍ଠା-୪

**ମେ ୧ରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ମିଳିବ ଟିକା ।**




## ଏମ୍‌କେସିଜିରେ ଅକ୍ସିଜେନ୍ ଅଭାବ

**ଭିଡିଓ ଭାଇରାଲ ପରେ ଜିଲାପାଳଙ୍କ ଖଣ୍ଡନ**

ବ୍ରହ୍ମପୁର ଅଫିସ,୨୮।୪

ଗଞ୍ଜାମ ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି। ଦୁଇଦିନ ହେଲା ୨୦୦ରୁ ୩୦୦ ସଂକ୍ରମିତ ଚିହ୍ନଟ ହୋଇଥିବା ସରକାରୀ ତଥ୍ୟ ଥିବାବେଳେ ଜିଲାରେ ତା'ଠାରୁ ବେଶି ରୋଗୀ ରହିଛନ୍ତି। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଆଶୁଚିକିତ୍ସା ବିଭାଗ(କାଜୁଆଲିଟି)ରେ ଏକାଠି ଚିକିତ୍ସିତ ହେଉଛନ୍ତି କରୋନା ଓ ସାଧାରଣ ରୋଗୀ। ମଙ୍ଗଳବାର ଏମ୍‌କେସିଜି ମେଡିକାଲ କାଜୁଆଲିଟିରେ ଜଣେ ରୋଗୀଙ୍କ ଅକ୍ସିଜେନ ସ୍ତର କମି ଯାଇଥିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ଏଭଳି ସ୍ଥିତିରେ ☞ପୃଷ୍ଠା-୪

## ଗଞ୍ଜାମର ସବୁ ସହରରେ ଅପରାହ୍ନ ୨ଟାରୁ ବଜାର ବନ୍ଦ

- ମେ ୯ ପର୍ଯ୍ୟନ୍ତ ବଳବତ୍ତର ରହିବ


ଛତ୍ରପୁର,୨୮।୪(ଡି.ଏନ.ଏ.)

ଗଞ୍ଜାମ ଜିଲାର ସମସ୍ତ ସହରରେ ଅପରାହ୍ନ ୨ଟାରୁ ବଜାର ବନ୍ଦ ରହିବ। ଏଥିସହ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ମଧ୍ୟ ଜାରି ରହିବ। ମେ ୯ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଜିଲାର ବ୍ରହ୍ମପୁର ମହାନଗର, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଓ ୧୬ ଏନ୍‌ଏସିରେ ଏହି କଟକଣା ଲାଗୁ କରିବାକୁ ବ୍ୟବସାୟୀ ☞ପୃଷ୍ଠା-୪

# ପୋର୍ଟାଲ ଭୁଶୁଡ଼ିଲା

ନୂଆଦିଲ୍ଲୀ, ୨୮।୪

ଆସନ୍ତା ୧ ତାରିଖରୁ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ଟିକାକରଣ ପାଇଁ ପଞ୍ଜୀକରଣରେ ଆରମ୍ଭରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ପର୍ଯ୍ୟାୟରେ ୧୮ରୁ ୪୪ ବର୍ଷୀୟ ପ୍ରାୟ ୬୧ କୋଟି ନାଗରିକ କୋଭିଡ୍ ଟିକା ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିଲାଗି ବୁଧବାର ଅପରାହ୍ନରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ବହୁସଂଖ୍ୟକ ଯୁବପିଢ଼ି ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ କୋଭିଡ୍-୧୯ ଭାକ୍ସିନେଶନ ପୋର୍ଟାଲ 'କୋୱିନ୍'କୁ ଖୋଲିବାରୁ ତାହା ବୋଝ ସମ୍ଭାଳି ନ ପାରି ଭୁଶୁଡ଼ିପଡ଼ିଥିଲା। ଫଳରେ କୋଭିଡ୍ ପରିଚାଳନାରେ କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟିର ଅଭାବ ପଦାରେ ପଡ଼ିଥିଲା। ଏହାକୁ କେନ୍ଦ୍ରୀୟ ଅପାରଗତାର ଆଉ ଏକ ନମୁନା ବୋଲି ସୋସିଆଲ ମିଡିଆରେ ସମାଲୋଚନା କରାଯାଇଛି।




**ସାବାଳକଙ୍କ ପାଇଁ ଟିକା ପଞ୍ଜୀକରଣ ବେଳେ ଅଚଳାବସ୍ଥା**


ତୃତୀୟ ପର୍ଯ୍ୟାୟରେ ସାବାଳକମାନଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ହୋଇଥିବାରୁ ଏକ ସଙ୍ଗେ ବହୁସଂଖ୍ୟାରେ ଲୋକ ଆଗେଇ ଆସିଥିଲେ। ଏଥିପାଇଁ ଏକ ମିନିଟରେ ପ୍ରାୟ ୨୭ ଲକ୍ଷ ହିଟ୍ ହୋଇଥିଲା ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଫଳରେ ପଞ୍ଜୀକରଣ ଆରମ୍ଭର କିଛି ମିନିଟ ପରେ ଲୋଡ୍ ନେଇ ନ ପାରି କୋଭିଡ୍-୧୯ ଭାକ୍ସିନେଶନ ପୋର୍ଟାଲ କୋୱିନ୍ କ୍ରାସ୍ କରିଥିଲା। ସେହିପରି ଆରୋଗ୍ୟ ସେତୁ ଆପ୍‌ରେ ମଧ୍ୟ ତ୍ରୁଟି ପରିଲକ୍ଷିତ ହୋଇଥିଲା। କିଛି ସମୟ ପରେ ଉଭୟ ପ୍ଲାଟ୍‌ଫର୍ମ ସ୍ୱାଭାବିକ ହୋଇଥିଲା ଏବଂ ଯୋଗ୍ୟ ହିତାଧିକାରୀମାନେ ଟିକା ପାଇଁ ନାମ ପଞ୍ଜୀକରଣ କରାଇଥିଲେ।

ଟିକା ପାଇଁ ନାମ ପଞ୍ଜୀକରଣ ବେଳେ ସମସ୍ୟାର ☞ପୃଷ୍ଠା-୪

# ଦେଶରେ ୨ ଲକ୍ଷ ଟପିଲା ମୃତ୍ୟୁସଂଖ୍ୟା

ନୂଆଦିଲ୍ଲୀ,୨୮।୪

ଭାରତରେ କରୋନା ସଂକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ମଙ୍ଗଳବାର ୨ ଲକ୍ଷ ଟପିଛି। ଏଥିସହ ବିଶ୍ୱରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମିତ ପ୍ରାଣ ହରାଇଥିବା ଚତୁର୍ଥ ଦେଶ ପାଲଟିଛି ଭାରତ। ଦେଶରେ ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୧ ହଜାର ୧୬୫ ଜଣଙ୍କ ଜୀବନ ନେଇଛି ଘାତକ କୋଭିଡ୍-୧୯ ଭୂତାଣୁ। ଆମେରିକାରେ ଅଦ୍ୟାବଧି ସର୍ବାଧିକ ୫.୭୮ ଲକ୍ଷ, ବ୍ରାଜିଲରେ ୩.୯୫ ଲକ୍ଷ ଓ ମେକ୍ସିକୋରେ ୨.୧୫ ଲକ୍ଷ ଭାଇରସ୍‌ରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ଭାରତରେ ଗତ ୨୪ ଘଣ୍ଟାରେ ସଂକ୍ରମଣ, ମୃତ୍ୟୁସଂଖ୍ୟା ଓ ରିକଭରିର ନୂଆ ରେକର୍ଡ ସାମ୍ନାକୁ ଆସିଛି। ଏହି ଅବଧି ମଧ୍ୟରେ ୩ ଲକ୍ଷ ୬୨ ହଜାର ୭୫୭ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୩,୨୯୩ ଜଣଙ୍କ ଜୀବନ ନେଇଛି ମହାମାରୀ। ଦେଶରେ ପ୍ରଥମ ଥର ପାଇଁ ଦିନକ ମଧ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱ ମୃତ୍ୟୁ ଘଟିଛି। ତେବେ ଆଶ୍ୱସ୍ତିର ବିଷୟ ହେଉଛି ଇତିମଧ୍ୟରେ ୨ ଲକ୍ଷ ୬୨ ହଜାର ୩୯ ଜଣ ସୁସ୍ଥ ହୋଇଛନ୍ତି। ଆରୋଗ୍ୟ ଲାଭର ଏହି ସଂଖ୍ୟା ମଧ୍ୟ ଅଦ୍ୟାବଧି ସର୍ବାଧିକ। ☞ପୃଷ୍ଠା-୪



**ମହାରାଷ୍ଟ୍ରରେ ସର୍ବାଧିକ ୬୬ ହଜାର**

ମହାରାଷ୍ଟ୍ରରେ ମଙ୍ଗଳବାର ସର୍ବାଧିକ ୬୬,୩୫୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୋମବାର ୪୮ ହଜାର ନୂଆ ମାମଲା ସାମ୍ନାକୁ ଆସିଥିଲା। ଅନ୍ୟପକ୍ଷେ କେରଳ, କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ ୨୪ ଘଣ୍ଟାରେ ୩୦ ହଜାରରୁ ଅଧିକ ସଂକ୍ରମିତ ଠାବ ହୋଇଛନ୍ତି। ୟୁପିରେ୩୨,୯୨୧ନୂଆମାମଲାସାମ୍ନାକୁଆସିଥିବାବେଳେକେରଳରେ୩୨,୮୧୯ ଓ କର୍ଣ୍ଣାଟକରେ ୩୧, ୮୩୦ ଜଣ ଭୂତାଣୁ ସଂକ୍ରମଣର ଶିକାର ହୋଇଛନ୍ତି।

**ସହର ମଧ୍ୟରେ ବେଙ୍ଗାଲୁରୁ ସର୍ବାଧିକ ପ୍ରଭାବିତ**

ଦେଶରେ ବିଭିନ୍ନ ସହରର ହିସାବକୁ ଦେଖିଲେ ସବୁଠୁ ବେଶି ରୋଗୀ କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରେ ରହିଛନ୍ତି। ଏଠାରେ ସକ୍ରିୟ ମାମଲା ହେଉଛି ୨ ଲକ୍ଷ ୬ ହଜାର ୨୨୩। ବର୍ତ୍ତମାନ ସୁଦ୍ଧା ଏହି ସହରରେ ୬ ଲକ୍ଷ ୮୭ ହଜାର ୭୫୧ ଜଣ ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଲକ୍ଷ ୭୫ ହଜାର ୫୨୫ ଜଣ ସୁସ୍ଥ ହୋଇ ସାରିଥିବାବେଳେ ୬,୦୦୨ ଜଣଙ୍କ ଜୀବନ ନେଇଛି କରୋନା ଭାଇରସ୍। ବେଙ୍ଗାଲୁରୁର ୩,୦୦୦ କୋଭିଡ୍ ରୋଗୀଙ୍କ ପତ୍ତା ମିଳୁନାହିଁ। ସେମାନେ ଫୋନ୍ ସୁଇଚ୍ ଅଫ୍ କରି ଘର ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଏହି ନିଖୋଜ ବ୍ୟକ୍ତିମାନେ ଅନ୍ୟମାନଙ୍କୁ ଭୂତାଣୁ ବାଣ୍ଟୁଥିବା ରାଜସ୍ୱମନ୍ତ୍ରୀ ଆର୍. ଅଶୋକା ବୁଧବାର ସୂଚନା ଦେଇଛନ୍ତି। ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି ମହାରାଷ୍ଟ୍ରର ପୁଣେ ସହର। ଏଠାରେ ୧ ଲକ୍ଷ ୪ ହଜାର ୫୬୧ ସକ୍ରିୟ ମାମଲା ରହିଛି। ଦିଲ୍ଲୀରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୯୮,୨୬୪।

## ପଶ୍ଚିମବଙ୍ଗରେ ଆଜି ଶେଷ ପର୍ଯ୍ୟାୟ ଭୋଟ

ପଶ୍ଚିମବଙ୍ଗରେ ଗୁରୁବାର ଅଷ୍ଟମ ତଥା ଶେଷ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୩୫ ନିର୍ବାଚନ ମଣ୍ଡଳୀର ୮୪ ଲକ୍ଷରୁ ଅଧିକ ଭୋଟର ୨୮୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ମୁର୍ସିଦାବାଦ ଓ ବୀରଭୂମ୍‌ର ୧୧ଟି ଲେଖାଏ ଆସନ, ମାଲଦାର ୬ ଏବଂ କୋଲକାତାର ୭ ଆସନରେ ସକାଳ ୭ରୁ ମତଦାନ ଆରମ୍ଭ ହେବ। ଏଥିପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ସଂକ୍ଷେପରେ

## କରୋନାରେ ପିଆଇବି ଉପନିର୍ଦ୍ଦେଶକଙ୍କ ପରଲୋକ



**ନୂଆଦିଲ୍ଲୀ, ୨୮।୪:** କରୋନାରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ପ୍ରେସ୍ ଇନ୍‌ଫରମେଶନ ବ୍ୟୁରୋ(ପିଆଇବି) ଉପନିର୍ଦ୍ଦେଶକ ସଞ୍ଜୟ କୁମାର ଶ୍ରୀବାସ୍ତବ( ୫୬)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ଏ ନେଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ସୂଚନା ସେବାରେ ସେ ୩୪ ବର୍ଷ କାର୍ଯ୍ୟରତ ଥିଲେ। ବାଜପେୟୀ ସରକାର ଅମଳରେ ମନ୍ତ୍ରୀ ଥିବା ଶରଦ ଯାଦବଙ୍କ ସହ ସେ କାମ କରିଛନ୍ତି। ପୂର୍ବତନ ଉପରାଷ୍ଟ୍ରପତି ହମିଦ୍ ଅନ୍‌ସାରୀଙ୍କ ସହ ମଧ ପିଆଇବି ଅଧିକାରୀ ଭାବେ ସେ କାର୍ଯ୍ୟ କରିଛନ୍ତି।

## 'ଟିକା ପରେ ମାସ୍କ ପିନ୍ଧିବାକୁ ପଡ଼ିବନି'

**ୱାଶିଂଟନ୍, ୨୮।୪:** ଆମେରିକାରେ କରୋନା ଟିକାର ସମ୍ପୂର୍ଣ୍ଣ ଡୋଜ୍ ନେଇସାରିଥିବା ଲୋକେ ମାସ୍କ ନ ପିନ୍ଧି ବାହାରକୁ ଯାଇପାରିବେ। ତେଣୁ ଏ ପର୍ଯ୍ୟନ୍ତ ଟିକା ନେଇ ନ ଥିବା ଲୋକେ ତୁରନ୍ତ ଭାକ୍ସିନ ନେବାକୁ ଜୋ ବାଇଡେନ୍ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆମେରିକାର ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନଶନର ନୂଆ ଗାଇଡଲାଇନ ଅନୁସାରେ ଟିକା ନେଇସାରିଥିବା ୯ କୋଟି ୬୦ ଲକ୍ଷ ଲୋକେ ବିନା ମାସ୍କରେ ବାହାରକୁ ଯିବା ସହ ଛୋଟ କାର୍ଯ୍ୟକ୍ରମ ତଥା ପାର୍ଟି ଆଦିରେ ସାମିଲ ହୋଇପାରିବେ।

## ହସ୍ପିଟାଲରେ ନିଆଁ: ୪ ଦଗ୍ଧ

ଠାଣେ, ୨୮।୪: ମହାରାଷ୍ଟ୍ରର ଠାଣେ ସ୍ଥିତ ପ୍ରାଇମ୍ କ୍ରିଟିକେୟାର ହସ୍ପିଟାଲରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ରୋଗୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଭୋର ପ୍ରାୟ ୩ଟା ୪୦ରେ ପ୍ରଥମ ମହଲାରେ ନିଆଁ ଲାଗିଯାଇଥିଲା। ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବାବେଳେ ୪ ଜଣ ପୋଡ଼ି ହୋଇ ପ୍ରାଣ ହରାଇଥିଲେ। ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଏବଂ ଆହତଙ୍କ ଚିକିତ୍ସା ନିମନ୍ତେ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ମହାମାରୀରେ ସର୍ବାଧିକ ପ୍ରଭାବିତ ମହାରାଷ୍ଟ୍ରର ବିଭିନ୍ନ ହସ୍ପିଟାଲରେ ଏଭଳି ଘଟଣା ଘଟିଚାଲିଛି। କେଉଁଠି ଅଗ୍ନିକାଣ୍ଡ ତ କେଉଁଠି ଅକ୍ସିଜେନ ଲିକ୍ ଯୋଗୁ ସେଠାକୁ ଚିକିତ୍ସା ହେବାକୁ ଯାଇଥିବା ରୋଗୀ ପ୍ରାଣ ହରାଉଛନ୍ତି।

## ଗୋଆରେ ୪ ଦିନିଆ ଲକ୍‌ଡାଉନ

### ମହାରାଷ୍ଟ୍ରରେ ୧୫ ଦିନ ବଢ଼ିଲା

**ମୁମ୍ବାଇ/ପଣଜୀ,୨୮।୪:** ଗୋଆରେ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ୪ ଦିନିଆ ଲକ୍‌ଡାଉନ୍ ଜାରି କରାଯାଇଛି। ଏପ୍ରିଲ ୨୯ରୁ ମେ ୩ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ବୁଧବାର ପ୍ରମୋଦ ସାୱନ୍ତ ସରକାର ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ଝଟ୍‌କା ଲାଗିଛି। ଅନ୍ୟପକ୍ଷେ ମହାରାଷ୍ଟ୍ରର ମହାବିକାଶ ଅଘାଡ଼ି ସରକାର ମଧ ଲକ୍‌ଡାଉନ୍ ଅବଧିକୁ ଆଉ ୧୫ ଦିନ ବଢ଼ାଇଦେଇଛନ୍ତି। ପୂର୍ବରୁ ଜାରି ଲକ୍‌ଡାଉନ୍ ଏପ୍ରିଲ ୩୦ରେ ଶେଷ ହେଉଥିବାବେଳେ ସଂକ୍ରମଣ ବୃଦ୍ଧିକୁ ଦେଖି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

## ହିମସ୍ଖଳନ ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି

**ଚାମୋଲି, ୨୮।୪:** ଉତ୍ତରାଖଣ୍ଡରେ ଗତ ଶୁକ୍ରବାର ହିମସ୍ଖଳନ ଘଟଣାରେ ବୁଧବାର ଆଉ ଜଣଙ୍କ ମୃତଦେହ ଜବତ କରାଯାଇଛି। ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ଭାରତ-ଚାଇନା ସୀମା ନିକଟ ଉତ୍ତରାଖଣ୍ଡର ଚାମୋଲି ଜିଲାରେ ହିମସ୍ଖଳନ ହୋଇଥିଲା। ୨୫ ତାରିଖ ସୁଦ୍ଧା ବିପର୍ଯ୍ୟୟସ୍ଥଳରୁ ୧୫ ଜଣଙ୍କ ମୃତଦେହ ଜବତ ହୋଇଥିଲା। ସମସ୍ତ ମୃତକ ଝାଡ଼ଖଣ୍ଡର ବର୍ଡର ରୋଡ୍ ଅର୍ଗାନାଇଜେଶ(ବିଆର୍‌ଓ)ର ଶ୍ରମିକ।

## ଟ୍ୱିଙ୍କଲ-ଅକ୍ଷୟଙ୍କ ବଦାନ୍ୟତା

ବଲିଉଡ୍ ଖିଲାଡ଼ି ବୟ ଅକ୍ଷୟ କୁମାର ଓ ସ୍ତ୍ରୀ ଟ୍ୱିଙ୍କଲ ଖାନ୍ନା କରୋନା ସଂକ୍ରମିତଙ୍କ ଚିକିତ୍ସା ନିମନ୍ତେ ୧୦୦ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ଦାନ କରିଛନ୍ତି। ଏ ସମ୍ପର୍କରେ ଟ୍ୱିଙ୍କଲ ଟୁଇଟ୍ କରି ସୂଚନା ଦେଇଛନ୍ତି। ଲଣ୍ଡନର ଏଲିଟ୍ ହେଲ୍ଥର ଡା. ଦ୍ରଶ୍ନିକା ପଟେଲ ଏବଂ ଡା. ଗୋବିନ୍ଦ ବଙ୍କାନୀ ଦୈବିକ ଫାଉଣ୍ଡେଶନ ମାଧ୍ୟମରେ ଆଉ ୧୨୦ କନ୍‌ସେନ୍‌ଟ୍ରେଟର ଦାନ କରିବେ ବୋଲି ଟ୍ୱିଙ୍କଲ କହିଛନ୍ତି। ମୋଟ ୨୦୦ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ଲଣ୍ଡନରୁ ଭାରତକୁ ପଠାଯିବ ବୋଲି ସେ ସୂଚନା ଦେଇଥିଲେ। କିଛି ଦିନ ପୂର୍ବରୁ ଅକ୍ଷୟ କୋଭିଡ୍ ରୋଗୀଙ୍କ ନିମନ୍ତେ ଗୌତମ ଗମ୍ଭୀର ଫାଉଣ୍ଡେଶନକୁ ୧ କୋଟି ଟଙ୍କା ଦାନ କରିଥିଲେ। ନିକଟରେ ଅକ୍ଷୟ କରୋନାରେ ସଂକ୍ରମିତ ହୋଇଥିବାବେଳେ ସେଥିରୁ ଆରୋଗ୍ୟ ହୋଇଛନ୍ତି।



## 'ଭାକ୍ସ ଲାଇଭ୍'ରେ ମେଘାନ୍-ହ୍ୟାରି

ବ୍ରିଟେନ୍ ପ୍ରିନ୍ସ ହ୍ୟାରି ଓ ସ୍ତ୍ରୀ ମେଘାନ ମର୍କେଲ କରୋନା ଟିକାର ପ୍ରୋତ୍ସାହନ ପାଇଁ ଗ୍ଲୋବାଲ କନ୍‌ସର୍ଟ 'ଭାକ୍ସ ଲାଇଭ୍'ରେ ପ୍ରଚାର ଅଭିଯାନରେ ସାମିଲ ହେବେ। ଆସନ୍ତା ୨ ତାରିଖରେ ଆମେରିକାର ଲସ୍ ଆଞ୍ଜେଲ୍ସଠାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଜନସାଧାରଣଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହ ଟିକା ଅଭିଯାନକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି କୁହାଯାଇଛି। ପାଣ୍ଠି ସଂଗ୍ରହ ନିମନ୍ତେ ଏହି ଅଭିଯାନରେ 'ଡୋନେଟ୍ ଡଲାର୍ସ ଫର୍ ଡୋଜେସ୍' ବା ଟିକା ପାଇଁ ଅର୍ଥ ପ୍ରଦାନ କରିବାକୁ ହ୍ୟାରି ଓ ମେଘାନ ଆହ୍ୱାନ ଦେବେ। ଏଥିରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କଠାରୁ ଆରମ୍ଭ କରି ଜେନିଫର ଲୋପେଜଙ୍କ ପର୍ଯ୍ୟନ୍ତ ଅନେକ ରାଜନେତା, ସେଲିବ୍ରିଟି ଅଂଶଗ୍ରହଣ କରିବେ।



# କୋଭିଡ୍ କଷୁଛି ମରଣ ଅଙ୍କ

➡ ୧୦ ରାଜ୍ୟରେ ୭୮%ରୁ ଅଧିକ ମୃତ୍ୟୁ

➡ ମୃତକଙ୍କ ସଂଖ୍ୟା ଲୁଚାଉଛନ୍ତି ସରକାର

ନୂଆଦିଲ୍ଲୀ,୨୮।୪

ଭାରତର ମୋଟ କରୋନା ମୃତ୍ୟୁର ୭୮.୫୩% ମହାରାଷ୍ଟ୍ର, ଦିଲ୍ଲୀ ଓ ଉତ୍ତରପ୍ରଦେଶ ସମେତ ୧୦ ରାଜ୍ୟରେ ଘଟିଥିବା ବୁଧବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ୩,୨୯୩ କରୋନା ରୋଗୀ ପ୍ରାଣ ହରାଇଛନ୍ତି। ଏହା ହେଉଛି ଅଦ୍ୟାବଧି ସର୍ବାଧିକ ମୃତ୍ୟୁ। ଏଥିସହ ଦେଶରେ ମୋଟ ମୃତ୍ୟୁସଂଖ୍ୟା ୨,୦୧,୧୮୭ ହୋଇଛି। ଛତିଶଗଡ଼, କର୍ଣ୍ଣାଟକ, ଗୁଜରାଟ, ଝାଡ଼ଖଣ୍ଡ, ରାଜସ୍ଥାନ, ପଞ୍ଜାବ, ମଧ୍ୟପ୍ରଦେଶ ମଧ ଟପ୍ ଟେନ୍ ତାଲିକାରେ ରହିଛି। ସର୍ବାଧିକ ୮୯୫ ମୃତ୍ୟୁ ସହ ତାଲିକାର ସର୍ବାଗ୍ରେ ରହିଛି ମହାରାଷ୍ଟ୍ର। ୨୪ ଘଣ୍ଟାରେ ଦ୍ୱିତୀୟ ସର୍ବାଧିକ ମୃତ୍ୟୁ ଦିଲ୍ଲୀରେ ଘଟିଛି। ଜାତୀୟ ରାଜଧାନୀରେ ୩୮୧, ୟୁପି ୨୬୪, ଛତିଶଗଡ଼ ୨୪୬, କର୍ଣ୍ଣାଟକ ୧୮୦ ଓ ଗୁଜରାଟରେ ୧୭୦ ଜଣଙ୍କ ଜୀବନ ନେଇଛି ଭୂତାଣୁ। ସେହିପରି ଝାଡ଼ଖଣ୍ଡରେ ୧୩୧ ଓ ରାଜସ୍ଥାନରେ ୧୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପଞ୍ଜାବ ମଧ ଶତକ ଛୁଇଁଛି। ଜାତୀୟ ମୃତ୍ୟୁହାର କମୁଛି ଏବଂ ଏହା ଏବେ ୧.୧୨% ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ରାଜ୍ୟ ସରକାରମାନେ ବିଶେଷକରି ଭାଜପା ଶାସିତ ରାଜ୍ୟଗୁଡ଼ିକରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ଲୁଚାଯାଉଥିବା ରିପୋର୍ଟ ପ୍ରକାଶ ପାଇବାରେ ଲାଗିଛି। ଏହାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ବ୍ୟକ୍ତ କରାଯାଇଛି। କାରଣ ହସ୍ପିଟାଲ ଶବାଗାରରୁ ବାହାରି ଶ୍ମଶାନଗୁଡ଼ିକୁ ଯାଉଥିବା ମୃତଦେହ ସଂଖ୍ୟା ସରକାରୀ ରିପୋର୍ଟରୁ ବହୁଗୁଣରେ ଅଧିକ ରହୁଛି।



ଉତ୍ତରପ୍ରଦେଶର କାନପୁର ସହରସ୍ଥିତ ଶ୍ମଶାନରେ ଦୈନିକ ୫୦୦ରୁ ଊର୍ଦ୍ଧ୍ୱ ମୃତଦେହ ସତ୍କାର କରାଯାଉଛି। ଶତାଧିକ ଶବକୁ ସମାଧି ଦିଆଯାଉଛି। କିନ୍ତୁ ସରକାରୀ ଖାତାକୁ ମାତ୍ର ୧୦-୨୦ ମୃତ୍ୟୁସଂଖ୍ୟା ଚଢ଼ୁଛି।

## ଅକ୍ସିଜେନ ପାଇଁ ୧,୩୦୦ କି.ମି.

**ରାଞ୍ଚି, ୨୮।୪:** ଝାଡ଼ଖଣ୍ଡର ଜଣେ ବ୍ୟକ୍ତି ତାଙ୍କର କରୋନା ସଂକ୍ରମିତ ବନ୍ଧୁଙ୍କ ପାଇଁ ଅକ୍ସିଜେନ୍ ସିଲିଣ୍ଡର ଯୋଗାଡ଼ କରିବାକୁ ୨୪ ଘଣ୍ଟା ମଧ୍ୟରେ ୧,୩୦୦ କିଲୋମିଟର ଯାତ୍ରା କରିଛନ୍ତି। ତାଙ୍କୁ ଝାଡ଼ଖଣ୍ଡର ରାଞ୍ଚିରୁ ଉତ୍ତରପ୍ରଦେଶର ଗାଜିଆବାଦ ଯିବାକୁ ପଡ଼ିଥିଲା। ଖବର ଅନୁଯାୟୀ ଗତ ୨୪ ତାରିଖରେ ଦେବେନ୍ଦ୍ର ଶର୍ମା ତାଙ୍କ ବନ୍ଧୁ ସଞ୍ଜୟ ସାକ୍ସେନାଠାରୁ ଫୋନ୍ କଲ୍ ପାଇଲେ ଯେ ସେମାନଙ୍କ ସାଙ୍ଗ ରାଜନ କରୋନା ସଂକ୍ରମିତ ଏବଂ ଅକ୍ସିଜେନ୍‌ର ଜରୁରୀ ଆବଶ୍ୟକତା ଅଛି। ତାଙ୍କ ପାଖରେ ଥିବା ଅକ୍ସିଜେନ୍ ୨୪ ଘଣ୍ଟାରେ ଶେଷ ହୋଇଯିବ। ଦିଲ୍ଲୀ-ଏନ୍‌ସିଆରରେ ମେଡିକାଲ ଅକ୍ସିଜେନ ଅଭାବ ଯୋଗୁ ରାଜନଙ୍କ ପରିବାର ଓ ସମ୍ପର୍କୀୟମାନେ ଏହା ଯୋଗାଡ଼ କରିବାରେ ସମର୍ଥ ହୋଇ ନ ଥିଲେ। ଫୋନ୍ କଲ୍ ପାଇବା ପରେ ଦେବେନ୍ଦ୍ର ମୋଟରସାଇକେଲ୍‌ରେ ପ୍ରଥମେ ବୋକାରୋ ଯାଇଥିଲେ। ସେ ଝାଡ଼ଖଣ୍ଡ ଗ୍ୟାସ୍ ପ୍ଲାଣ୍ଟର ମାଲିକଙ୍କ ସହ ଯୋଗାଯୋଗ କରି କୌଣସି ପ୍ରକାରେ ଅକ୍ସିଜେନ୍ ଯୋଗାଡ଼ କରିବା ପରେ ଗାଜିଆବାଦ ନେଇଥିଲେ।



ରାଜନ ଦେବେନ୍ଦ୍ର ଶର୍ମା


## ରେମଡେସିଭିର ଲାଗି ଅଫିସରଙ୍କ ପାଦ ଛୁଉଁଛନ୍ତି

ନୋଏଡା, ୨୮।୪

କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ପଡୁଥିବା ରେମଡେସିଭିର ମେଡିସନ୍‌ଅଭାବ ଯୋଗୁ ଉତ୍ତରପ୍ରଦେଶର ନୋଏଡ଼ାଠାରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ରୋଗୀଙ୍କ ଜୀବନ ବଞ୍ଚାଇବାକୁ ସମ୍ପର୍କୀୟମାନେ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀଙ୍କ ଗୋଡ଼ ତଳେ ପଡ଼ି ପାଦ ଛୁଇଁ ନେହୁରା ହେଉଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି। ରୋଗୀ ସମ୍ପର୍କୀୟମାନେ ମେଡିକାଲ ଅଫିସରଙ୍କ ଗୋଡ଼ ଧରି ଏହି ଆଣ୍ଟି-ଭାଇରଲ ଡ୍ରଗ୍ ଯୋଗାଇଦେବାକୁ ଅନୁରୋଧ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି।

## ୧୭ ଦେଶରେ ଭାରତର ମ୍ୟୁଟାଣ୍ଟ

ୱାଶିଂଟନ, ୨୮।୪(ଆଇଏଏନ୍‌ଏସ୍)



ଭାରତରେ ପ୍ରଥମେ ଚିହ୍ନଟ ହୋଇଥିବା ଡବଲ ମ୍ୟୁଟାଣ୍ଟ କୋଭିଡ୍ ଭୂତାଣୁ ବି୧୬୧୭ ଅନ୍ୟୁନ ୧୭ ଦେଶକୁ ବ୍ୟାପିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ଏପ୍ରିଲ ୨୭ ସୁଦ୍ଧା ବି୧୬୧୭ ଭାରିଆଣ୍ଟ ୧,୨୦୦ରୁ ଊର୍ଦ୍ଧ୍ୱ ସିକ୍ୱେନ୍ସରେ ଚିହ୍ନଟ ହୋଇଛି। ଅଧିକାଂଶ ସିକ୍ୱେନ୍ସ ଭାରତ, ବ୍ରିଟେନ, ଆମେରିକା ଓ ସିଙ୍ଗାପୁରରୁ ଜିଆଇଏସ୍‌ଏଆଇଡ୍ (ଗ୍ଲୋବାଲ ଇନିସିଏଟିଭ୍ ହନ୍ ଶେୟାରିଂ ଆଭିଏଶନ ଇନ୍‌ଫ୍ଲୁଏଞ୍ଜା ଡାଟା) ଡାଟାବେସ୍‌ରେ ଅପଲୋଡ୍ ହୋଇଛି।

ନୂଆ କୋଭିଡ୍ ମାମଲା କ୍ରମାଗତ ଭାବେ ୯ ସପ୍ତାହ ହେଲା ବଢ଼ିଚାଲିଛି। ଗତ ସପ୍ତାହରେ ପାଖାପାଖି ୫୭ ଲକ୍ଷ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ ସେଥିରୁ ଭାରତରେ ୩୮ ପ୍ରତିଶତ। ବି୧୬୧୭ ଭାରିଆଣ୍ଟ ଭାରତରେ ପ୍ରଥମେ ଗତବର୍ଷ ଡିସେମ୍ବର ୧ରେ ଚିହ୍ନଟ ହୋଇଥିଲା। ଏଥିରେ ଦୁଇଟି ଭାରିଆଣ୍ଟ ଇ୪୮୪କ୍ୟୁ ଏବଂ ଏଲ୍‌୪୫୨ଆର୍‌ର ମ୍ୟୁଟେଶନ ରହିଛି।

## ଟିକା ଦେବାକୁ କହି ଗଣବଳାତ୍କାର

ପାଟନା, ୨୮।୪

କୋଭିଡ୍ ଟିକା ଦେବାକୁ କହି ପାଟନାର ଦୁଇଜଣ ଲୋକ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ରକି ଓ ମଣ୍ଟୁଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ମାଲସଲାମି ଥାନାରେ ୩୭୬ଡିରେ ମାମଲା ରୁଜୁ ହୋଇଛି। ପୋଲିସ କହିବା ଅନୁଯାୟୀ ଦୁଇ ଅଭିଯୁକ୍ତ ମଙ୍ଗଳବାର ସନ୍ଧ୍ୟାରେ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଟିକା ଦେବାକୁ କହି ତାଙ୍କୁ ଯମୁନାପୁର ଅଞ୍ଚଳର ଏକ ଘରକୁ ନେଇଯାଇ ହାତଗୋଡ଼ ବାନ୍ଧି ବଳାତ୍କାର କରିଥିଲେ। ପୀଡ଼ିତା କୌଣସି ପ୍ରକାରେ ଖସିଯାଇ ଘରେ ସବୁ କଥା କହିବା ପରେ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା।

## ସାହିସ୍ନାନ ପରେ କର୍ଫ୍ୟୁ

ହରିଦ୍ୱାର, ୨୮।୪

ଉତ୍ତରାଖଣ୍ଡର ହରିଦ୍ୱାରଠାରେ କୁମ୍ଭମେଳା ଉପଲକ୍ଷେ ମଙ୍ଗଳବାର ସାହିସ୍ନାନ ଶେଷ ହେବା ପରେ ବୁଧବାର ସେଠାରେ କର୍ଫ୍ୟୁ ଜାରି ହୋଇଛି। ମେ ୩ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ହରିଦ୍ୱାର ପୌର ନିଗମ ସମେତ ମ୍ୟୁନିସିପାଲିଟି ଏବଂ କେତେକ ଗ୍ରାମାଞ୍ଚଳରେ ଏହି କଟକଣା ଲାଗୁ ହୋଇଛି। କୁମ୍ଭମେଳା ଶେଷ ସୁଦ୍ଧା ୧୩ ଆଖଡାର ପ୍ରାୟ ୨ ହଜାର ସାଧୁ ସ୍ୱତନ୍ତ୍ର ଭାବେ ହର୍ କି ପୌରି ଘାଟରେ ବୁଡ଼ ପକାଇଥିଲେ।

## ନିର୍ବାଚନ ଦାୟିତ୍ୱରେ ଥିବା ୧୩୫ କର୍ମଚାରୀଙ୍କ ମୃତ୍ୟୁ

ଲକ୍ଷ୍ନୌ,୨୮।୪

### ୟୁପି ସରକାରଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

ଉତ୍ତରପ୍ରଦେଶର ପଞ୍ଚାୟତ ନିର୍ବାଚନ ପରିଚାଳନାରେ ନିୟୋଜିତ ୧୩୫ ଶିକ୍ଷକ, ଶିକ୍ଷାମିତ୍ର ଓ ତଦନ୍ତକାରୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇ ପ୍ରାଣ ହରାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଆଲ୍ଲାହାବାଦ ହାଇକୋର୍ଟ ରାଜ୍ୟ ସରକାର ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭର୍ତ୍ସନା କରିଛନ୍ତି। ଜଷ୍ଟିସ୍ ଅଜିତ କୁମାରଙ୍କ ଖଣ୍ଡପୀଠ ମହାମାରୀର ମୁକାବିଲା ପାଇଁ ସବୁ ବର୍ଗର ଲୋକଙ୍କୁ ନେଇ କାର୍ଯ୍ୟ କରିବାକୁ ଯୋଗୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଖଣ୍ଡପୀଠ ଏହି ପ୍ରସଙ୍ଗକୁ ସଜ୍ଞାନକୁ ନେଇ କହିଛନ୍ତି, ୟୁପିର ପ୍ରାୟ ସବୁ ବଡ଼ ସହରରେ କୋଭିଡ୍ ସ୍ଥିତି ଅତି ଖରାପ ହୋଇଯାଇଛି। ନିର୍ବାଚନ ବେଳେ କୋଭିଡ୍-୧୯ ଗାଇଡ୍‌ଲାଇନ୍‌ର ଅନୁପାଳନ ହେଉନାହିଁ। ନିୟୋଜିତ କର୍ମଚାରୀଙ୍କୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ପୋଲିସ କିମ୍ବା ନିର୍ବାଚନ କମିଶନ କିଛି ପଦକ୍ଷେପ ନେଇନାହାନ୍ତି। ରାଜ୍ୟ ନିର୍ବାଚନ କମିଶନ ଏଥିରେ କାହିଁକି ବିଫଳ ହେଲେ ଏବଂ ଏଥିପାଇଁ ଦାୟୀ ଅଧିକାରୀମାନଙ୍କ ବିରୋଧରେ ଏହି ଉଲ୍ଲଂଘନ ପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ପ୍ରଶ୍ନ କରିବା ସହ ସ୍ପଷ୍ଟୀକରଣ ଲୋଡ଼ି ନୋଟିସ ଜାରି କରିଛନ୍ତି।

## ରାଜ୍ୟ ପାଇଁ କୋଭିଶିଲ୍ଡ ୩୦୦ ଟଙ୍କା



**ନୂଆଦିଲ୍ଲୀ, ୨୮।୪:** ସିରମ୍ ଇନ୍‌ଷ୍ଟିଟ୍ୟୁଟ୍ ରାଜ୍ୟ ପାଇଁ କୋଭିଶିଲ୍ଡ ଟିକା ଦାମ୍ ୪୦୦ ଟଙ୍କା ଧାର୍ଯ୍ୟ କରିଥିବାବେଳେ ବୁଧବାର ଏହାକୁ ୧୦୦ ଟଙ୍କା କମାଇଦେଇଛନ୍ତି। ଫଳରେ ରାଜ୍ୟ ସରକାର ୩୦୦ ଟଙ୍କାରେ ଏହି ଟିକା କିଣିପାରିବେ। ପରୋପକାରୀ ମନୋଭାବ ସ୍ୱରୂପ ସିରମ୍ ଇନ୍‌ଷ୍ଟିଟ୍ୟୁଟ୍ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଫଳରେ ରାଜ୍ୟ ସରକାରଙ୍କର ବହୁକୋଟି ଟଙ୍କା ସଞ୍ଚୟ ହୋଇପାରିବ ବୋଲି କମ୍ପାନୀର ସିଇଓ ଅଦାର ପୁନାୱାଲା ଟୁଇଟ୍ କରିଛନ୍ତି। ମେ' ୧ରୁ ସମସ୍ତ ସାବାଳକ ଟିକା ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ରାଜ୍ୟ ଓ ଘରୋଇ ହସ୍ପିଟାଲ ସିଧାସଳଖ କମ୍ପାନୀଠାରୁ ଟିକା କିଣିବାକୁ ଅନୁମତି ପାଇଛନ୍ତି। ଗତ ସପ୍ତାହରେ ସିରମ୍ ଇନ୍‌ଷ୍ଟିଟ୍ୟୁଟ କୋଭିଶିଲ୍ଡ ଦାମ୍ ରାଜ୍ୟ ସରକାରଙ୍କ ପାଇଁ ୪୦୦ ଏବଂ ଘରୋଇ ହସ୍ପିଟାଲ ପାଇଁ ୬୦୦ ଟଙ୍କା ଧାର୍ଯ୍ୟ କରିବା ପରେ ଏହାକୁ ନେଇ ବିତର୍କ ଆରମ୍ଭ ହୋଇଥିଲା। ଏହା ପରେ ଭାରତ ବାୟୋଟେକ୍ ଏହାର କୋଭାକ୍ସିନ ଟିକା ଦାମ୍ ରାଜ୍ୟ ପାଇଁ ୬୦୦ ଓ ଘରୋଇ ହସ୍ପିଟାଲ ପାଇଁ ୧,୨୦୦ ଟଙ୍କା ଧାର୍ଯ୍ୟ କରିଥିଲା। ତେବେ କେନ୍ଦ୍ର ସରକାରଙ୍କୁ ଉଭୟ କମ୍ପାନୀ ୧୫୦ ଟଙ୍କାରେ ଟିକା ଯୋଗାଇଦେବେ ଏବଂ ୪୫ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ସରକାରୀ ହସ୍ପିଟାଲରେ ପୂର୍ବଭଳି ମାଗଣା ଟିକା ମିଳିବ। ସାବାଳକଙ୍କ ପ୍ରତି ପାତରଅନ୍ତରକୁ ନେଇ ସମାଲୋଚନା ହେବା ପରେ ବିଭିନ୍ନ ରାଜ୍ୟ ସରକାର ମାଗଣାରେ ସମସ୍ତଙ୍କୁ ଟିକା ଦେବା ପାଇଁ ଘୋଷଣା କରିଛନ୍ତି।

## ଦିଲ୍ଲୀରେ ଏଲ୍‌ଜି ଶାସନ

ନୂଆଦିଲ୍ଲୀ,୨୮।୪

କେନ୍ଦ୍ର ସରକାରଙ୍କ ନୂଆ ଆଇନ ଅନୁସାରେ ଏଣିକି ଦିଲ୍ଲୀରେ ଉପରାଜ୍ୟପାଳ (ଏଲ୍‌ଜି) ସର୍ବେସର୍ବା। ଏଲ୍‌ଜି ଅନିଲ ବୈଜାଲଙ୍କ ନିୟନ୍ତ୍ରଣରେ ୮୦ ବିଭାଗ ରହିବ ଏବଂ ସେ ବିଧାନସଭାରେ ଗୃହୀତ କୌଣସି ବିଲ୍‌କୁ ସ୍ଥଗିତ ରଖିପାରିବେ। ଫଳରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ନିର୍ବାଚିତ ସରକାର ଏକପ୍ରକାର ଦନ୍ତହୀନ ହୋଇଯାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲ ୨୭ରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଗତମାସରେ ପାର୍ଲାମେଣ୍ଟରେ ଗୃହୀତ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର (ସଂଶୋଧନ) ଆଇନ, ୨୦୨୧ ମଙ୍ଗଳବାର ରାତିରୁ ଲାଗୁ ହୋଇଛି। ନୂଆ ଆଇନ ଅନୁସାରେ ଏବେ ସରକାରର ଅର୍ଥ ହେଉଛି ଏଲ୍‌ଜି। ଦିଲ୍ଲୀ ସରକାରଙ୍କୁ କୌଣସି ନିଷ୍ପତ୍ତି ବା ପଦକ୍ଷେପ ନେବା ପୂର୍ବରୁ ଏଲ୍‌ଜିଙ୍କ ଅନୁମତି ନେବାକୁ ପଡ଼ିବ। ଉପରାଜ୍ୟପାଳ ସରକାରଙ୍କ ବିନା ପରାମର୍ଶରେ ପ୍ରତ୍ୟକ୍ଷ ଭାବେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇପାରିବେ। ନିର୍ବାଚିତ ପ୍ରତିନିଧିମାନେ ତାଙ୍କ ନିର୍ଦ୍ଦେଶନାମା ମାନିବାକୁ ବାଧ। ନୂଆ ଆଇନ ବଳରେ ଦିଲ୍ଲୀ ସରକାରଙ୍କୁ ସବୁ କଥାରେ ଏଲ୍‌ଜିଙ୍କ ଅନୁମତି ନେଇ କାମ କରିବାକୁ ପଡ଼ିବ।



ଉପରାଜ୍ୟପାଳ ଅନିଲ ବୈଜାଲ

## ଭୂକମ୍ପରେ ଥରିଲା ଆସାମ: ବ୍ୟାପକ କ୍ଷୟକ୍ଷତି

ନୂଆଦିଲ୍ଲୀ, ୨୮।୪

ଆସାମରେ ବୁଧବାର ସକାଳ ପ୍ରାୟ ୭ଟା ୫୧ ସମୟରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୪ ଥିଲା। ମେଘାଳୟ ଏବଂ ପଶ୍ଚିମବଙ୍ଗ ଉତ୍ତର ଭାଗର କେତେକ ଅଞ୍ଚଳରେ ମଧ କମ୍ପନ ଅନୁଭୂତ ହୋଇଛି। ଭୂକମ୍ପ ପ୍ରଭାବରେ ଆସାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସୋନିପତ୍ ଜିଲାର ତେଜପୁରଠାରେ ୩ ଜଣ ଆହତ ହୋଇଛନ୍ତି। ବହୁ ଘରଦ୍ୱାର ଭାଙ୍ଗିଥିବାବେଳେ ଅନେକ ଘରେ ଫାଟ ସୃଷ୍ଟି ହୋଇଛି। ଭୟରେ ଲୋକେ ଘରୁ ବାହାରିଆସିଥିଲେ। ନାଗାଓଁରେ ଏକ ବହୁତଳ ବିଲ୍ଡିଂ ଢଳିପଡ଼ିବାରୁ ଆତଙ୍କ ସୃଷ୍ଟି ହୋଇଥିଲା। ଦିଶ୍‌ପୁର ହସ୍ପିଟାଲ, ଆପୋଲୋ କ୍ଲିନିକ, ଡାଉନ ଟାଉନ୍ ହସ୍ପିଟାଲ, ଏକ୍ସେଲକେୟାର ହସ୍ପିଟାଲ ଆଦି କ୍ଷତିଗ୍ରସ୍ତ ହୋଇଛି। ହଜାର ହଜାର ଘର, ଆପାର୍ଟମେଣ୍ଟ ବିଲ୍ଡିଂ ଏବଂ ଶପିଂ ମଲ୍‌ରେ ଫାଟ ସୃଷ୍ଟି ହୋଇଛି। କାନ୍ଥ ପଡ଼ି ବହୁ ଗାଡ଼ିମୋଟର କ୍ଷତିଗ୍ରସ୍ତ ହୋଇଛି। ଗୁଆହାଟୀରେ ଜନତା ଭବନ କମ୍ପ୍ଲେକ୍ସରେ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ରାଜ୍ୟ ସଚିବାଳୟ ମଧ ଭୂକମ୍ପରେ କ୍ଷତିଗ୍ରସ୍ତ ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସେହିପରି ଗୁଆହାଟୀସ୍ଥିତ ଲକ୍ସୁରି ହୋଟେଲ ତାଜ୍ ଭିଭାନ୍ତରେ ବହୁ କ୍ଷୟକ୍ଷତି ହୋଇଥିବା କୁହାଯାଉଛି। ମେଘାଳୟରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ।



### କେନ୍ଦ୍ର ଦେଲା ସହାୟତା ପ୍ରତିଶ୍ରୁତି

ଅରୁଣାଚଳପ୍ରଦେଶ ରାଜଧାନୀ ଇଟାନଗରରେ କେତେକ ବିଲ୍ଡିଂରେ ଫାଟ ଦେଖାଦେଇଥିବାବେଳେ ପୂର୍ବ କେମେଙ୍ଗ ଜିଲା ମଧ କ୍ଷତିଗ୍ରସ୍ତ ହୋଇଛି। ପଶ୍ଚିମବଙ୍ଗର ଜଲପାଇଗୁଡ଼ି, ଆଲିପୁରଦୁଆର, କୁଚ୍‌ବିହାର ଏବଂ ଦାର୍ଜିଲିଂ ଜିଲାର କେତେକ ଅଞ୍ଚଳରେ ଶକ୍ତିଶାଳୀ କମ୍ପନ ହୋଇଥିଲେ ହେଁ ବିଶେଷ କ୍ଷତି ହୋଇ ନ ଥିବା ସ୍ଥାନୀୟ ପ୍ରଶାସନ କହିଛନ୍ତି।

ଆସାମକୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଧ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସହ କଥା ହୋଇଛନ୍ତି।

ଧରିତ୍ରୀ
DHARITRI
ଗୁରୁବାର, ୨୯ ଏପ୍ରିଲ୍, ୨୦୨୧

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୯୭,୪୪,୯୧୭ | ୩୧,୫୪,୪୫୯ | ୧୨,୭୩,୦୫,୧୩୫ |
| ଭାରତ | ୧,୮୨,୧୩,୧୯୨ | ୨,୦୨,୫୦୩ | ୧,୪୯,୪୪,୯୪୧ |
| ଓଡ଼ିଶା | ୪,୨୮,୫୧୫ | ୨୦୧୭(+୫୩) | ୩,୭୫,୭୨୧ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ନିଜ ବନ୍ଧୁକରୁ ଗୁଳିକରି ଯବାନଙ୍କ ଆତ୍ମହତ୍ୟା

**ରାୟଗଡ଼ା ଅଫିସ/ଟିକିରି, ୨୮।୪(ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବିଏସ୍ଏଫ୍ କ୍ୟାମ୍ପରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ କର୍ତ୍ତବ୍ୟରତ ଯବାନ ନିଜ ସର୍ଭିସ ରିଭଲଭରରୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିଏସ୍ଏଫ୍-୬୮ ବାଟାଲିୟନର ଯବାନ ଦିଲୀପ କୁମାର ମାହି(୩୩)। ସୂଚନା ଅନୁଯାୟୀ, ଦିନ ପ୍ରାୟ ୧୨ଟାବେଳେ ଯବାନ ଜଣକ କ୍ୟାମ୍ପରେ ଥିବାବେଳେ ହଠାତ୍ ଗୁଳି ଫୁଟିବା ଶବ୍ଦ ଶୁଣାଯାଇଥିଲା। ସାଥୀ ଯବାନମାନେ ଦୌଡ଼ିଆସି ଦେଖିବା ସମୟରେ ଦିଲୀପଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଯବାନ ଜଣକ ନିଜ ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଥିବା ଅନ୍ୟ ଯବାନମାନେ କହିଛନ୍ତି। ଖବର ପାଇ ରାୟଗଡ଼ା ଏଏସ୍ପି ଅଶ୍ୱିନ କୁମାର ମହାନ୍ତି ଏବଂ କାଶୀପୁର ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ମୃତ ଯବାନ ୪ ମାସ ହେଲା ବିବାହ କରିଥିଲେ। ପାରିବାରିକ କଳହକୁ କେନ୍ଦ୍ରକରି ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ତେବେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ମହାନଦୀରେ ବୁଡ଼ିଲା ଲୁହା ରଡ଼ ବୋଝେଇ ଡଙ୍ଗା

**ମହାକାଳପଡ଼ା,୨୮।୪(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତ ନିକଟ ମହାନଦୀରେ ବୁଧବାର ସକାଳେ ଏକ ଲୁହା ରଡ଼ ବୋଝେଇ ଡଙ୍ଗା ସମୁଦ୍ର ଜୁଆର

**୪ ଶ୍ରମିକ ପହଁରି କୂଳକୁ ଫେରିଲେ**

ପ୍ରଭାବରେ ଭାରସାମ୍ୟ ହରାଇ ବୁଡ଼ିଯାଇଛି। ଏହି ଡଙ୍ଗାରେ ୨ଶହ କୁଇଣ୍ଟାଲ ଲୁହା ରଡ୍ ଥିଲା। ୪ ଜଣ ଶ୍ରମିକ ସେହି ରଡ଼ ନେଇ ଖୋଲା ନଦୀ ନିପାଣିଆଠାରେ ସେତୁ ନିର୍ମାଣ ସ୍ଥଳକୁ ଆସୁଥିଲେ। ଶ୍ରମିକମାନେ ପହଁରି କୂଳକୁ ଆସିଛନ୍ତି। ଏହି ଶ୍ରମିକମାନେ ବଟିଘର ଅଞ୍ଚଳର ବୋଲି ଜଣାପଡିଛି। ଡଙ୍ଗାଚାଳକ ନନ୍ଦ ସାମନ୍ତ କହିଛନ୍ତି, ପୂର୍ଣ୍ଣିମା ପ୍ରଭାବରେ ସମୁଦ୍ରରେ ଉଚ୍ଚ ତରଙ୍ଗ ଆସିଥିଲା। ଫଳରେ ଲୁହା ରଡ୍‌ଗୁଡ଼ିକ ଏକ ପାର୍ଶ୍ୱକୁ ଢଳି ପଡ଼ିବା ଯୋଗୁ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସୂଚନାଯୋଗ୍ୟ, ୨୦୧୯ ଜାନୁୟାରୀ ୨ରେ ନିପାଣିଆଠାରେ ଏକ ଡଙ୍ଗା ଓଲଟି ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସେଠାରେ ଏକ ସେତୁ ନିର୍ମାଣ ଚାଲିଛି।

### କରଜଦାତାଙ୍କ ନିର୍ଯାତନା ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା

**ସୁନାବେଡା, ୨୮।୪(ସ୍ୱ.ପ୍ର.):** ଜଣେ ବ୍ୟକ୍ତି କରିଥିବା କରଜ ତାଙ୍କ ପରିବାର ପାଇଁ ଭାରି ପଡ଼ିଛି। ଏଥିପାଇଁ ତାଙ୍କ ସ୍ତ୍ରୀଙ୍କୁ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେବାକୁ ପଡ଼ିଛି। ସେ ହେଲେ କୋରାପୁଟ ଜିଲା ସୁନାବେଡ଼ା ହାଲ ପରିସର ଏଚ୍ ଜୋନର ୬୧ ନମ୍ବର କ୍ୱାର୍ଟର୍ସରେ ରହୁଥିବା ଶ୍ରାବଣୀ ମଲ୍ଲିକ (୩୩)। ସୁନାବେଡ଼ା ପୋଲିସ କ୍ୱାର୍ଟର୍ସରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରିବା ସହ ତାଙ୍କ ନିକଟରୁ ଏକ ସୁଇସାଇଡ୍ ନୋଟ ମଧ୍ୟ ଜବତ ହୋଇଛି। ଏଥିରେ ସେ କେତେକ ବ୍ୟକ୍ତିଙ୍କ ନାମ ଉଲେଖ କରି ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ଅନେକ ସମୟରେ ଘରକୁ ଆସି ଟଙ୍କା ମାଗିବା ସହ ନିର୍ଯାତନା ଦେଉଥିଲେ। ଫୋନ୍ ଦ୍ୱାରା ମଧ୍ୟ ଟଙ୍କା ମାଗି ଅନେକ ସମୟରେ ନିର୍ଯାତନା ଦେଉଥିବା ଉଲ୍ଲେଖ ରହିଛି। ପୋଲିସ କେସ୍ ନଂ. ୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତାଙ୍କ ଆତ୍ମହତ୍ୟା ପଛର କାରଣ ଖୋଜିଛି ପୋଲିସ। ସୂଚନାଯୋଗ୍ୟ ଶ୍ରାବଣୀଙ୍କ ସ୍ୱାମୀ ୨ ମାସ ତଳେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲେ। ଶୁଣିବାକୁ ମିଳୁଛି ତାଙ୍କ ସ୍ୱାମୀ ଅନେକ ଲୋକଙ୍କଠାରୁ କରଜ କରିଥିଲେ। ସେ ଚାଲିଯିବା ପରେ କରଜଦାତାମାନେ ଶ୍ରାବଣୀଙ୍କୁ କରଜ ଅର୍ଥ ମାଗୁଥିଲେ। ତାଙ୍କ ନିକଟରେ ଅର୍ଥାଭାବରୁ ସେ ସେମାନଙ୍କୁ ଦେଇପାରୁ ନ ଥିଲେ। ଏନେଇ ବିଭିନ୍ନ ସମୟରେ ସମ୍ପୃକ୍ତ ବ୍ୟକ୍ତିମାନେ ଶ୍ରାବଣୀଙ୍କୁ ଟଙ୍କା ମାଗି ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

# ୨୫୭୦.୫୪ କୋଟିର ୯ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

**୩ ହଜାର ଜଣଙ୍କୁ ମିଳିବ ନିଯୁକ୍ତି**

ରାଜ୍ୟ ସରକାର ୨୫୭୦.୫୪ କୋଟି ଟଙ୍କାର ୯ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍‌ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ମେଟାଲ, ମେଟାଲ ଡାଉନଷ୍ଟ୍ରିମ୍, ମାନୁଫାକ୍ଚରିଂ, ପ୍ଲାଷ୍ଟିକ, ସିମେଣ୍ଟ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଇତ୍ୟାଦି ୯ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି।। ଏହି ଶିଳ୍ପରେ ୨୭୫୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଅମଲାଗାମ ରିସୋର୍ସେସ ପ୍ରାଇଭେଟ ଲିମିଟେଡ କେନ୍ଦୁଝର ଜିଲାର ଯୋଡ଼ାଠାରେ ୮୮୨ କୋଟି ଟଙ୍କା ପୁଞ୍ଜିନିବେଶରେ ବାର୍ଷିକ ୧୫ ନିୟୁତ ଟନ୍ ବେନିଫିକେଶନ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୭୦୨ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ଆର୍ଡେଣ୍ଟ ଷ୍ଟିଲ୍ କେନ୍ଦୁଝର ଜିଲାର ବାଂଶପାଳଠାରେ ୮୦.୫ କୋଟି ଟଙ୍କା ବ୍ୟୟରେ ୩ ନିୟୁତ ଟନ୍‌ର ଆଇରନ ଓର୍ ସାଟେଲାଇଟ ଗ୍ରାଇଣ୍ଡିଂ ୟୁନିଟ ଏବଂ ୩ ନିୟୁତ ଟନ୍‌ର ସ୍ଲରି ପାଇପ ଲାଇନ ପ୍ରକଳ୍ପ ସ୍ଥାପନ କରିବ। ଏଥିରେ ୬୦ ଜଣଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଛି। ଲାନସେଟ ଇଞ୍ଜିନିୟରିଂ ପକ୍ଷରୁ ଖୋର୍ଦ୍ଧା ଜିଲାରେ ୧୦୦ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୪୫ କୋଟି ରେଜର ବ୍ଲେଡ ପ୍ରସ୍ତୁତି କାରଖାନା ସ୍ଥାପନ କରିବ। ଏଥିରେ ୯୦ ଜଣଙ୍କୁ ନିଯୁକ୍ତି ମିଳିବ। ଏପ୍‌ସିଲନ କାର୍ବନ ଅଶୋକା ପକ୍ଷରୁ ସମ୍ବଲପୁର ଜିଲାର ରେଙ୍ଗାଲିଠାରେ ଦୁଇଟି ପର୍ଯ୍ୟାୟରେ ବାର୍ଷିକ ୮,୭୫,୦୦୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇଣ୍ଟିଗ୍ରେଟେଡ କାର୍ବନ କମ୍ପ୍ଲେକ୍ସ ନିର୍ମାଣ କରିବ। ଏଥିରେ ୯୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୬୦୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଓରିଏଣ୍ଟ ପେପର ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗରଠାରେ ଦୈନିକ ୧୨୦ ଟନ୍ କ୍ଲୋରୋ-ଆଲକାଲି କମ୍ପ୍ଲେକ୍ସ ନିର୍ମାଣ କରିବ। ଏଥିରେ କମ୍ପାନୀ ୧୬୨ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିବା ସହ ୩୩୮ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି କୋଷ୍ଟାଲ ବାୟୋଟେକ୍ ପକ୍ଷରୁ ଗଜପତି ଜିଲାରେ ଡିଷ୍ଟିଲେରି ୟୁନିଟ ସ୍ଥାପନ କରାଯିବ। ଏଥିରେ ୨୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବା ସହ ୪୦୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ରାମିକି ଏନଭିରୋ ଇଞ୍ଜିନିୟର୍ସ ରାୟଗଡ଼ା ଜିଲାର ବୁରୁଜୁଗୁଡାଠାରେ ଇଣ୍ଟିଗ୍ରେଟେଡ କମନ ହାଜାର୍ଡସ ୱେଷ୍ଟ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୧୨୮.୮୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ ହେବା ସହ ୫୦ ଜଣଙ୍କୁ ନିଯୁକ୍ତି ମିଳି ପାରିବ। ସେହିପରି ଏଚଆଇଏଲ ଲିମିଟେଡ ବାଲେଶ୍ୱର ଜିଲାରେ ସିମେଣ୍ଟ ସାଣ୍ଡୱିଚ ପ୍ୟାନେଲ ୟୁନିଟି ସ୍ଥାପନ କରିବ। ଏଥିରେ ୬୩.୨୪ କୋଟି ଟଙ୍କାରୁ ପୁଞ୍ଜିନିବେଶ ହେବା ସହ ୨୬୫ ଜଣଙ୍କୁ ନିଯୁକ୍ତି ମିଳି ପାରିବ। ସେଞ୍ଚୁରୀ ଫାଇବର ପ୍ଲେଟସ୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋର୍ଦ୍ଧା ଜିଲାରେ ମାଟ୍ରେସ, ଫାଇବର ପିଲୋ ପ୍ରସ୍ତୁତି ୟୁନିଟ ସ୍ଥାପନ କରିବ। କମ୍ପାନୀ ଏହି ପ୍ରକଳ୍ପରେ ୫୪ କୋଟି ଟଙ୍କା ବିନିଯୋଗ କରିବା ସହ ୨୫୦ ଜଣଙ୍କୁ ନିଯୁକ୍ତି ଯୋଗାଇ ଦେବ।

## ଦ୍ୱିତୀୟ ଲହର ଚିନ୍ତାଜନକ: ଏଡିବି

**ନୂଆଦିଲ୍ଲୀ,୨୮।୪**




କୋଭିଡ୍‌ର ଦ୍ୱିତୀୟ ଲହରକୁ ନେଇ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ସତର୍କ କରାଇଛି। ଏହା ଚିନ୍ତାର କାରଣ ହୋଇଛି। ଭାରତରେ ଟିକାକରଣ ଧାରା ତ୍ୱରାନ୍ୱିତ ହେଉଥିବାରୁ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୧୧% ଛୁଇଁପାରେ ବୋଲି ଏହି ଏଜେନ୍ସି ବୁଧବାର ଆକଳନ କରିଛି। ବ୍ୟାଙ୍କ ଏହାର ଏସିଆନ ଡେଭଲପମେଣ୍ଟ ଆଉଟଲୁକ୍ ୨୦୨୧ରେ କହିଛି, ଦ୍ୱିତୀୟ ଲହର ସଂକ୍ରମଣ ବଜାରର ସୁଧାର ପ୍ରକ୍ରିୟାରେ ବାଧା ସୃଷ୍ଟି କରିବାର ଆଶଙ୍କା ଉପୁଜିଛି। ମାତ୍ର ଘରୋଇ ବଜାରର ଚାହିଦା, ଭାକ୍ସିନ ପ୍ରଦାନରେ ବୃଦ୍ଧି ଏବଂ ସରକାରଙ୍କ ନିବେଶ ବଢ଼ିବା ଯୋଗୁ ସୁଧାର ପ୍ରକ୍ରିୟା ଉନ୍ନତ ହେବା ନେଇ ଏହା ଆଶାପ୍ରକଟ କରିଛି।

ଟିକାକରଣ ଆହୁରି ଉନ୍ନତ ହେଲେ ଦ୍ୱିତୀୟ ଲହରକୁ ନିୟନ୍ତ୍ରଣ କରିବା ଆହୁରି ସହଜ ହେବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ମାତ୍ର ଟିକାକରଣ ଠିକ୍ ଭାବେ ନ ହେଲେ ଏହା ବଜାରର ଚିନ୍ତା ବଢ଼ାଇବ। ଏହାବାଦ ବିଶ୍ୱ ବଜାରର ସ୍ଥିତି ବିଗିଡ଼ିଲେ ଏହାର ପ୍ରଭାବ ଭାରତ ବଜାର ଉପରେ ମଧ୍ୟ ପଡିବ ବୋଲି ଆଶଙ୍କା କରାଯାଇଛି। କୋଭିଡ୍ ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ୨୦୨୦ରେ ସଙ୍କଟ ସ୍ଥିତିକୁ ଚାଲିଯାଇଥିବା ଏଡିବି କଣ୍ଟ୍ରି ଡାଇରେକ୍ଟର ତାକେଓ କୋନିସି କହିଛନ୍ତି। ସରକାରଙ୍କ ପ୍ୟାକେଜ ଏବଂ ଭାକ୍ସିନ ଯୋଗାଣ ସୁଧାରକୁ ତ୍ୱରାନ୍ୱିତ କରିବ ବୋଲି ସେ ଆଶାବାଦୀ ରହିଛନ୍ତି। ମୁଦ୍ରାସ୍ଫୀତି ସ୍ତର ୫.୨%, କୃଷିଜାତ ଖାଦ୍ୟଶସ୍ୟ ଅମଳରେ ଉନ୍ନତି ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଦିଗରେ କାମ କରିପାରେ। ଚଳିତ ବର୍ଷ ଭାରତ ଏସିଆର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ହେବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ଚଳିତ ବର୍ଷ ଏବଂ ଆସନ୍ତା ବର୍ଷ ଏସିଆର ଅଧିକାଂଶ ଅର୍ଥ ବ୍ୟବସ୍ଥା ଉନ୍ନତ ଅଭିବୃଦ୍ଧି ହାସଲ କରିବେ ବୋଲି ଏଡିବିର ମୁଖ୍ୟ ଅର୍ଥନୀତିଜ୍ଞ ୟାସୁୟୁକି ସୱାଡା କହିଛନ୍ତି।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପଞ୍ଚଭୂତରେ ବିଲୀନ ମନୋଜ

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**



ଅରବିନ୍ଦ ଆଶ୍ରମ ନିକଟସ୍ଥ ଶ୍ମଶାନ ଘାଟରେ ମନୋଜଙ୍କ ଶେଷକୃତ୍ୟ ସମ୍ପନ୍ନ ହେଉଛି।

ଓଡ଼ିଆ ସାହିତ୍ୟର ଯଶସ୍ୱୀ ସାଧକ ମନୋଜ ଦାସ ବୁଧବାର ପଞ୍ଚଭୂତରେ ଲୀନ ହୋଇଛନ୍ତି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୁଡୁଚେରୀସ୍ଥିତ ଅରବିନ୍ଦ ଆଶ୍ରମ ନିକଟସ୍ଥ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶେଷକୃତ୍ୟ ସମୟରେ ପୁଡୁଚେରୀ ସରକାରଙ୍କ ତରଫରୁ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିବାବେଳେ ଓଡ଼ିଶା ସରକାରଙ୍କ ତରଫରୁ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସନ୍ଧ୍ୟାରେ ସ୍ୱର୍ଗତ ମନୋଜ ଦାସଙ୍କ ପରିବାର ଲୋକଙ୍କ ସହ ଟେଲିଫୋନ ଯୋଗେ କଥା ହେବା ସହିତ ଗଭୀର ଶୋକ ପ୍ରକାଶ କରିଛନ୍ତି।

ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଟୁଇଟ୍ କରି କହିଛନ୍ତି ଯେ, ମନୋଜ ଦାସଙ୍କ ବିୟୋଗରେ ଓଡ଼ିଆ ଓ ଇଂଲିଶ୍ ସାହିତ୍ୟରେ ଏକ ବିରାଟ କ୍ଷତି ସୃଷ୍ଟି ହୋଇଛି। ତାଙ୍କର ସରଳତା ଏବଂ ଆଧ୍ୟାତ୍ମିକତା ତାଙ୍କୁ ଏକ ନିଆରା ପରିଚୟ ପ୍ରଦାନ କରିଥିଲା। ପଦ୍ମଭୂଷଣ ସହ ବହୁ ସମ୍ମାନଜନକ ପୁରସ୍କାରରେ ସେ ସମ୍ମାନିତ ହୋଇଥିବା ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଟୁଇଟ୍ କରି ମନୋଜ ଦାସ ପ୍ରସିଦ୍ଧ ଶିକ୍ଷାବିତ୍, ଲୋକପ୍ରିୟ ସ୍ତମ୍ଭକାର ଏବଂ ସଫଳ ଲେଖକ ଭାବେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ ବୋଲି କହିଛନ୍ତି। ଇଂଲିଶ୍ ଏବଂ ଓଡ଼ିଆ ସାହିତ୍ୟରେ ତାଙ୍କର ବିଶେଷ ଅବଦାନ ଥିଲା। ସେ ଶ୍ରୀ ଅରବିନ୍ଦଙ୍କ ଦର୍ଶନର ଜଣେ ଅଗ୍ରଣୀ ପ୍ରଣେତା ଥିଲେ। ତାଙ୍କ ଦେହାନ୍ତରେ ମୁଁ ମର୍ମାହତ ବୋଲି ମୋଦି ଟୁଇଟ କରି ଜଣାଇଛନ୍ତି।

**■ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଜଣାଇଲେ ଶୋକ**

**■ ପରିବାର ଲୋକଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ**

ସୂଚନାଯୋଗ୍ୟ, ୮୭ ବର୍ଷ ବୟସରେ ପୁଡୁଚେରୀସ୍ଥିତ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ମଙ୍ଗଳବାର ରାତିରେ ମନୋଜ ଦାସ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ମନୋଜଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ କରିବାକୁ ଓଡ଼ିଶା ସରକାର ସେଠାକାର ସରକାରଙ୍କୁ ଅନୁରୋଧ କରିଥିଲେ। ଏପରି କି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପୁଡୁଚେରୀ ଉପରାଜ୍ୟପାଳ ତାମିଲସାଇ ସୁନ୍ଦରରାଜନ୍‌ଙ୍କୁ ଅନୁରୋଧ କରିଥିଲେ।



ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଶ୍ରଦ୍ଧାସୁମନ ଜଣାଉଛନ୍ତି।

## ପ୍ରତିଷ୍ଠା ହେବ ୫୦୦ ପିଏସ୍ଏ ଅକ୍ସିଜେନ ପ୍ଲାଣ୍ଟ

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**


ପିଏମ୍ କେୟାର୍ସ ପାଣ୍ଠିରୁ ୧ ଲକ୍ଷ ପୋର୍ଟେବଲ ଅକ୍ସିଜେନ କନ୍‌ସେଣ୍ଟ୍ରେଟର (ପିଓସି) କ୍ରୟ କରିବା ସହ ଅତିରିକ୍ତ ୫୦୦ ପ୍ରେସର ସ୍ୱିଂ ଏଡସରସନ (ପିଏସ୍ଏ) ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଞ୍ଜୁର ଦେଇଛନ୍ତି। ଏଥିଲାଗି ପ୍ରଧାନମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଭାରତରେ ଅକ୍ସିଜେନ ଚାହିଦା ଥିବା ଅଞ୍ଚଳ ତଥା ଡିମାଣ୍ଡ କ୍ଲଷ୍ଟର ନିକଟରେ ମେଡିକାଲ ଅକ୍ସିଜେନର ଯୋଗାଣକୁ ତ୍ୱରାନ୍ୱିତ କରିବା ନେଇ ପ୍ରଧାନମନ୍ତ୍ରୀ ପ୍ରାଥମିକତା ଦେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଦେଶର ସମସ୍ତ ଜିଲା ମୁଖ୍ୟାଳୟ ତଥା ଟାୟର ୨ ସହର ଏବଂ ଅଧିକ କରୋନା ସଂକ୍ରମିତ ରାଜ୍ୟଗୁଡ଼ିକରେ ତରଳ ମେଡିକାଲ ଅକ୍ସିଜେନ୍ ଯୋଗାଣକୁ ବୃଦ୍ଧି କରିବା ପାଇଁ ପିଓସିର କ୍ରୟ ଏବଂ ପିଏସ୍ଏ ଅକ୍ସିଜେନ୍ ପ୍ଲାଣ୍ଟ ଯଥାଶୀଘ୍ର ପ୍ରତିଷ୍ଠା କରିବା ଲାଗି ମଧ୍ୟ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଧର୍ମେନ୍ଦ୍ର ଟୁଇଟ୍ କରିଛନ୍ତି।

## ସିବିଆଇ ଚଢ଼ାଉ: ଏମ୍‌ସିଏଲ୍‌ର ୨ ଅଧିକାରୀ ଗିରଫ

**ତାଳଚେର,୨୮।୪(ନି.ପ୍ର.)**

କ୍ଷତିପୂରଣ ଟଙ୍କା ମଞ୍ଜୁର କରି ଦେବା ଲାଗି ଜଣେ ହିତାଧିକାରୀଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସିବିଆଇ ଜାଲରେ ପଡ଼ିଛନ୍ତି ଅନୁଗୋଳ ଜିଲା ତାଳଚେର ଏମ୍‌ସିଏଲ୍ ଅଧୀନରେ ଥିବା ହିଙ୍ଗୁଳା ଏରିଆର ୨ ଅଧିକାରୀ। ସେମାନେ ହେଲେ ହିଙ୍ଗୁଳା ଏରିଆର ଆସିଷ୍ଟାଣ୍ଟ ରେଭେନ୍ୟୁ ଇନ୍ସପେକ୍ଟର ଲୋକନାଥ ନାୟକ ଏବଂ ମ୍ୟାନେଜର ମାଇନ୍ସ ଓ ଏଲ୍ ଆଣ୍ଡ ଆର୍ ରବୀନ୍ଦ୍ର କୁମାର ପାଢ଼ୀ। ବୁଧବାର ଉଭୟଙ୍କୁ ଭୁବନେଶ୍ୱର ସିବିଆଇ କୋର୍ଟରେ ହାଜର କରାଯାଇଛି।

ତାଳଚେର ବ୍ରାହ୍ମଣୀବାହାଳର ମନ୍ଦରଧର ସେଠୀଙ୍କୁ ଜମି କ୍ଷତିପୂରଣ ବାବଦରେ ୫ ଲକ୍ଷ ୭୮ ହଜାର ଟଙ୍କା ମିଳିବାର ଥିଲା। ଏହି ଟଙ୍କା ମଞ୍ଜୁର କରି ଦେବା ଲାଗି ସମ୍ପୃକ୍ତ ଦୁଇ ଅଧିକାରୀ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ବହୁ ମୂଲଚାଲ ପରେ ୭୦ ହଜାର ଟଙ୍କାରେ ଉଭୟେ ରାଜି ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ଏବଂ ପରେ ଅବଶିଷ୍ଟ ଟଙ୍କା ଦେବାକୁ ସ୍ଥିର ହୋଇଥିଲା। ତେବେ ଦୁଇ ଅଧିକାରୀଙ୍କୁ ପାନେ ଚଖାଇବା ଲାଗି ମନ୍ଦରଧର ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ କାର୍ଯ୍ୟାଳୟରେ ୨୦ହଜାର ଟଙ୍କା ନେବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସିବିଆଇ ଅଧିକାରୀମାନେ ଚଢ଼ାଉ କରି ୨ ଅଭିଯୁକ୍ତ ଅଧିକାରୀଙ୍କୁ ଗିରଫ କରିବା ସହ ଟଙ୍କା ଜବତ କରିଥିଲେ। ସିବିଆଇ ପକ୍ଷରୁ ଉଭୟଙ୍କ ଘରେ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ବହୁ ଆପତ୍ତିଜନକ କାଗଜପତ୍ର ଜବତ କରାଯାଇଥିବା ଜଣାପଡ଼ିଛି।




ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କୁ ବୁଧବାର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ଏସ୍‌ସିବି ମେଡିକାଲରୁ ୪ ଦଲାଲ ଗିରଫ

**କଟକ ଅଫିସ, ୨୮।୪:** ଏସ୍‌ସିବି ମେଡିକାଲ ପରିସରରୁ ୪ ଜଣ ଦଲାଲଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ଆମ୍ବୁଲାନ୍ସ ଡ୍ରାଇଭର ଉପ ମଲ୍ଲିକ, ମଙ୍ଗଳାବାଗ ନୂଆପାଟଣା ଅଞ୍ଚଳର ଭଗବାନ ସାହୁ, କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଞ୍ଚଳର ରଞ୍ଜନ ସିଂ(୪୫) ଓ ଅନୁଗୋଳ ଆଠମଲ୍ଲିକ ଥାନା ଅଞ୍ଚଳର ମନେନ୍ଦ୍ର ନାୟକ(୩୧)। ଡିସିପି ପ୍ରତୀକ୍ ସିଂଙ୍କ ସୂଚନାନୁଯାୟୀ, ଏସ୍‌ସିବି ମେଡିକାଲରେ କେତେଜଣ ଦଲାଲ ଅନ୍ୟ ବେସରକାରୀ ହସ୍ପିଟାଲକୁ ରୋଗୀମାନଙ୍କୁ ପଠାଉଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ପରେ ସେମାନେ ଦୋଷ ସ୍ୱୀକାର କରିଥିଲେ।

# ହୋଟେଲ୍‌ରୁ କୋଟିଏ ଟଙ୍କା ଜବତ

**■ ରାଜଧାନୀରେ ହାୱାଲା ନାଁରେ ଠକେଇ ର୍ୟାକେଟ**

**■ ୩ ପୋଲିସ କର୍ମଚାରୀଙ୍କ ସମେତ ୮ ଗିରଫ**

**ଭୁବନେଶ୍ୱର,୨୮।୪(ବ୍ୟୁରୋ):** ରାଜଧାନୀରେ ହାୱାଲା ନାଁରେ ଠକେଇ ର୍ୟାକେଟ। ହୋଟେଲ୍‌ରେ ଚାଲିଥିଲା କୋଟି କୋଟି ଟଙ୍କାର ଡିଲ୍। କୋଟିଏ ଦେଲେ ଦେଢ କୋଟି ଟଙ୍କା ପାଇବା ଲୋଭରେ ଠକେଇରେ ଫସି ଯାଇଥିଲେ ମୟୂରଭଞ୍ଜ କରଞ୍ଜିଆର ବ୍ୟବସାୟୀ କମଳ ସାହା। ଖବର ପାଇବା ପରେ ଏୟାରପୋର୍ଟ ଥାନା ପୋଲିସ ଫରେଷ୍ଟପାର୍କ ଅଞ୍ଚଳରେ ଥିବା ଏକ ହୋଟେଲରେ ଚଢ଼ାଉ କରି ୩ ପୋଲିସ କର୍ମଚାରୀଙ୍କ ସମେତ ୮ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ କାର୍ପେଟଦାର ତଥା ପୁରୀ ଜିଲାର ପ୍ରଶାନ୍ତ ପଣ୍ଡା, କେନ୍ଦୁଝରର ମହେଶ୍ୱର ସାହୁ, ଭୁବନେଶ୍ୱରର ପ୍ରଶାନ୍ତ ପାଢ଼ୀ ଓ ଅଭିଷେକ ସେଠୀ, କଟକ ଚାଉଳିଆଗଞ୍ଜର ରାଜ୍ ରାୟବାହାଦୂର, ଭୁବନେଶ୍ୱର କମିଶନରେଟ୍ ପୋଲିସରେ କାର୍ଯ୍ୟରତ କନ୍‌ଷ୍ଟେବଲ ଦିଲୀପ ମଲ୍ଲିକ ଓ ସନ୍ଦୀପ୍ତ ପୃଷ୍ଟି ଏବଂ କଟକ କମିଶନରେଟ ପୋଲିସର କନଷ୍ଟେବଲ ପ୍ରଫୁଲ୍ଲ କୁମାର ଭୂୟାଁ। ସେମାନଙ୍କଠାରୁ ମୋଟ ୪୦ ପ୍ୟାକେଟରେ ଥିବା ୯୯ଲକ୍ଷ ୫୦ହଜାର ଟଙ୍କା, ଦୁଇଟିବାଇକ ଓ ୯ ମୋବାଇଲ୍ ଫୋନ୍ ଜବତ କରିଛି। ଏହି ର୍ୟାକେଟ ସହ ଆହୁରି ଅନେକ ଲୋକଙ୍କ ସମ୍ପୃକ୍ତି ଥିବା ଓ ଆନ୍ତଃରାଜ୍ୟ ର୍ୟାକେଟ ସହ ଏମାନଙ୍କର ସମ୍ପର୍କ ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

**୨ କନ୍‌ଷ୍ଟେବଲ ନିଲମ୍ବିତ**

ବ୍ୟବସାୟୀଙ୍କଠାରୁ ଟଙ୍କା ଠକେଇ ଗିରଫ ହୋଇଥିବା ଭୁବନେଶ୍ୱର ୟୁପିଡିର ୨ କନ୍‌ଷ୍ଟବଲ ଦିଲୀପ ମଲ୍ଲିକ ଓ ସନ୍ଦୀପ୍ତ ପୃଷ୍ଟିଙ୍କୁ ନିଲମ୍ବିତ କରାଯାଇଥିବା ନେଇ ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ତେବେ କଟକ ୟୁପିଡିର କନ୍‌ଷ୍ଟେବଲ ପ୍ରଫୁଲ୍ଲ ଭୂୟାଁଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ କଟକ ଡିସିପି ପ୍ରତୀକ ସିଂ କହିଛନ୍ତି, ଘଟଣା ସମ୍ବନ୍ଧରେ ସେ ସୂଚନା ପାଇଛନ୍ତି। ଭୁବନେଶ୍ୱର ଡିସିପିଙ୍କ ନିକଟରୁ ସବିଶେଷ ଚିଠି ଆସିବା ପରେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

# ପ୍ଲାଜମାରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରୁଛି ଟିକା

**କଟକ ଅଫିସ, ୨୮।୪**

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଅଧିକ ସଂକ୍ରାମକ ରହିଛି। ପ୍ରତିଦିନ ରେକର୍ଡ ସଂଖ୍ୟକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏପରି କି ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏପ୍ରିଲ ମାସରେ କେବଳ ୮୭,୫୯୮ ଚିହ୍ନଟ ହୋଇଥିବାବେଳେ, ୯୬ଜଣଙ୍କ ମୃତ୍ୟୁ ଘଟିଲାଣି। ମେ' ମାସରେ ଏହା ଆହୁରି ବଢ଼ିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏଭଳିସ୍ଥିତିରେ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହେଉଛି। ରାଜ୍ୟରେ କୋଭାକ୍ସିନ ଓ କୋଭିଶିଲ୍ଡ ଟିକାକୁ କିପରି ଅଧିକରୁ ଅଧିକ ଲୋକଙ୍କୁ ଦିଆଯାଇପାରିବ ସେନେଇ ଚେଷ୍ଟା ଜାରି ରହିଥିବା କୁହାଯାଉଥିବାବେଳେ ଟିକା ଅଭାବରୁ ଅନେକ ଟିକାକରଣ କେନ୍ଦ୍ର ବନ୍ଦ ହୋଇଗଲାଣି। ଏହା ସତ୍ତ୍ୱେ ଟିକା ଲୋକଙ୍କ ପାଇଁ ଅତି ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଉଛନ୍ତି।

ଟିକାର ପ୍ରଭାବ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ନେଇ ଭୁବନେଶ୍ୱରସ୍ଥିତ ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲର ଛାତି ଓ ଯକ୍ଷ୍ମାରୋଗ ବିଶେଷଜ୍ଞ ଡା. ସମ୍ପଦ ଦାସଙ୍କ କହିବା ହେଲା, ଆମ ଶରୀରରେ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ଜରୁରୀ। ଏହି ରୋଗ ପ୍ରତିରୋଧକ ଶକ୍ତି ଦୁଇ ପ୍ରକାରର। ସ୍ୱଳ୍ପ ସମୟ ପାଇଁ ଦେହରେ ବୃଦ୍ଧି କରାଇ ପାରୁଥିବା ରୋଗ ପ୍ରତିରୋଧକ ଶକ୍ତି ଟିକାକୁ ଆମେ ଇମ୍ୟୁନୋଗ୍ଲୋବୁଲିନ-ଏମ୍ କହିଥାଉ। ଯେପରି କି ଟକ୍ସାଇଡ୍ ଇଞ୍ଜେକ୍ସନ୍। ସେହିପରି ଦୀର୍ଘ ସମୟ ପାଇଁ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇ ପାରୁଥିବା ଟିକାକୁ ଆମେଇମ୍ୟୁନୋଗ୍ଲୋବୁଲିନ-ଜି କହିଥାଉ। କରୋନା ସଂକ୍ରମଣରୁ ରକ୍ଷା ନିମନ୍ତେ ଯେଉଁ କୋଭାକ୍ସିନ୍ ଓ କୋଭିଶିଲ୍ଡ ଟିକା ଦିଆଯାଉଛି ତାହା ଆଇଜିଜି ବର୍ଗର ଅଟେ। କୋଭାକ୍ସିନ୍ ଏବଂ କୋଭିଶିଲ୍ଡ ଟିକା ଲୋକଙ୍କ ରକ୍ତରେ ଥିବା ପ୍ଲାଜ୍‌ମାରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହେଉଛି। ତେବେ ମୋ ନିକଟରେ ଯେଉଁ ୩ ହଜାର ବ୍ୟକ୍ତି କୋଭାକ୍ସିନ ଟିକା ନେଇଛନ୍ତି ସେମାନଙ୍କ ମଧ୍ୟରୁ ମାତ୍ର ୧୦ପ୍ରତିଶତଙ୍କୁ ସାମାନ୍ୟ ଜ୍ୱର ଆସିଥିବାବେଳେ ୫ପ୍ରତିଶତଙ୍କ ଠାରେ ବିକ୍ଷିପ୍ତ ବିକ୍ଷିପ୍ତ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିବା ଜଣାପଡ଼ିଛି। ୨ଡୋଜ୍ ଟିକା ନେବା ପରେ ମଧ୍ୟ ଜଣଙ୍କ ଠାରେ ସଂକ୍ରମଣର ଆଶଙ୍କା ରହିଛି। ଏହା କେବଳ ଶରୀର ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଗୋଟିଏ ଭାଏଲରେ ୧୧ଟି ଡୋଜ୍ ରହୁଥିବା ବେଳେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୦.୫ ଏମ୍ଏଲ୍ ଡୋଜ୍ ଦିଆଯାଉଛି। କୋଭାକ୍ସିନ ଟିକା ପ୍ରଥମ ଡୋଜ୍ ନେବାର ୪ ରୁ ୬ସପ୍ତାହ ମଧ୍ୟରେ ଦ୍ୱିତୀୟ ଡୋଜ୍ ନେବାକୁ କୁହାଯାଉଥିବାବେଳେ କୋଭିଶିଲ୍ଡ ଟିକା ପ୍ରଥମ ଡୋଜ୍ ନେବାର ୬ ରୁ ୮ସପ୍ତାହ ମଧ୍ୟରେ ଦ୍ୱିତୀୟ ଡୋଜ୍ ନେବାକୁ କୁହାଯାଉଛି। ପ୍ରଥମ ଡୋଜ୍ ନେବାର ନିର୍ଦ୍ଧାରିତ ସମୟ ମଧ୍ୟରେ ୨ୟ ଡୋଜ୍ ନ ନେଲେ ପ୍ରଥମ ଡୋଜ୍‌ର ପ୍ରଭାବ ବିଶେଷଭାବେ କାର୍ଯ୍ୟ କରିବ ନାହିଁ। ଉଭୟ ଟିକାର କାର୍ଯ୍ୟକାରିତା ସମାନ ଅଟେ। କେବଳ ୨ଟି ଅଲଗା କମ୍ପାନୀ ଦ୍ୱାରା ଏହା ପ୍ରସ୍ତୁତ ହୋଇଛି ବୋଲି ଡା. ଦାଶ କହିଛନ୍ତି।



> ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ– ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି– ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ। –ଶ୍ରୀଅରବିନ୍ଦ



# ପ୍ରାଣୀ ଚମଡ଼ାର ବିକଳ୍ପ



ମାନେକା ଗାନ୍ଧୀ

ପ୍ରାଣୀ ମାଂସ ଖାଇବା ଓ ପ୍ରାଣିଜ ଉତ୍ପାଦ ପିନ୍ଧିବାରେ ମୁଁ ଏକ ପରିବର୍ତ୍ତନ ଦେଖିବାକୁ ଯାଉଛି। ବିଶ୍ୱର ବୃହତ୍ କଂସେଇଖାନା କମ୍ପାନୀ ଏବଂ ନିବେଶକମାନେ ଲାବରେଟୋରିରେ ରିୟଲ ମିଟ୍ ବା ଅସଲି ମାଂସ (ଏହାକୁ ମଧ୍ୟ କ୍ଲିନ୍ ମିଟ୍ କୁହାଯାଏ) ଏବଂ କ୍ଷୀର ପ୍ରସ୍ତୁତ କରିବା ପାଇଁ ନିବେଶ କରିଛନ୍ତି। ସିଙ୍ଗାପୁର ଭଳି ଅନ୍ୟ ଦେଶଗୁଡ଼ିକର ମାର୍କେଟରେ ରିୟଲ ମିଟ୍ ଉପଲବ୍ଧ ହେଉଛି। 'ପରଫେକ୍ଟ ଡେ' ମିଲ୍କ ସେଲ୍ ପ୍ରସ୍ତୁତ କରୁଛି। ତା'ର ଲହୁଣି ସ୍ମିଟେନ ନାମରେ ମାର୍କେଟରେ ମିଳୁଛି। ଏହା ପ୍ରାଣୀ କ୍ଷୀରରୁ ତିଆରି ହେଉନି। 'ଇନର୍ଭିଟୋ ଆନିମଲ ସେଲ୍ କଲ୍‌ଚର' ଦ୍ୱାରା ମାଂସ ଉତ୍ପାଦନ କରିବାରେ ନେଦରଲାଣ୍ଡ ଏବଂ ଇସ୍ରାଏଲ ଆଗରେ ରହିଛନ୍ତି। ଇଣ୍ଟେନ୍‌ସିଭ ଫାର୍ମିଂ ବା ସଘନ କୃଷି ବଦଳରେ ଯଦି କ୍ଲିନ ମିଟ ଶିଳ୍ପର ମାନକ ଭାବେ ଉଭା ହେବ ତେବେ ପରିବେଶକୁ ବହୁ ଲାଭ ମିଳିବ। ଉପଭୋକ୍ତା ଭାବେ ଆମେ ମଧ୍ୟ କ୍ଲିନ ମିଟ୍ ଖାଇବା ଦରକାର। ଏଥିରେ କଂସେଇଖାନାର ମାଂସ ଭଳି ଆଣ୍ଟିବାୟୋଟିକ୍ସ କି କ୍ଷତିକାରକ ବ୍ୟାକ୍ଟେରିଆ ନ ଥାଏ। ଏହାଦ୍ୱାରା ଆମେ ବର୍ଷକୁ ୫୬ ମିଲିୟନ ପ୍ରାଣୀଙ୍କ ଜୀବନ ବଞ୍ଚାଇପାରିବା। ହଁ, ପ୍ରତିବର୍ଷ ମଣିଷ ଏହି ସଂଖ୍ୟକ ପ୍ରାଣୀଙ୍କୁ ମାରି ମାଂସ ଖାଉଛି। ମାଂସ ଶିଳ୍ପ ମଧ୍ୟ ତା'ର ପରିସଂଖ୍ୟାନ ଉପସ୍ଥାପନ କରିବାରେ ଲାଗିଛି । କହୁଛି ଯେ,ମାର୍କେଟରେ ଶୁଦ୍ଧଶାକାହାରୀ ଏବଂ ଶାକାହାରୀଙ୍କ ସଂଖ୍ୟା ୫%ରୁ କମ୍ ରହିଛି, ହେଲେ ଏଥିରେ ସତ୍ୟତା ନାହିଁ। ଏହା ଯଦି ସତ ହୁଏ ,ତେବେ ସବୁ ସୁପର ମାର୍କେଟ ଏବଂ ଫାଷ୍ଟଫୁଡ୍ ଭେଣ୍ଡର ସେମାନଙ୍କୁ ଖାଦ୍ୟ ପରଷୁ ନ ଥାନ୍ତେ। ଉଦ୍ଭିଦଜ ଖାଦ୍ୟ ପ୍ରସ୍ତୁତ କରୁଥିବା 'ଇମ୍ପସିବଲ ଫୁଡ୍ସ' ଏବେ ବିଶ୍ୱରେ ସବୁଠୁ ଦ୍ରୁତ ଗତିରେ କାୟା ମେଲାଇ ଚାଲିଛି। ଏହାର ମାର୍କେଟ ଭାଲ୍ୟୁ ଏବେ ୪ ବିଲିୟନ ଡଲାର।

ଚମଡ଼ା ପରିଧାନ କରିବା କମିଛି କି? ଏଯାବତ୍ ଏହା ହୋଇ ନ ପାରିଲେ ମଧ୍ୟ ଆଗକୁ ଆଶା ସୃଷ୍ଟିକରିଛି। ଲେଦର ଶିଳ୍ପ ବା ଚମଡ଼ାଶିଳ୍ପ ପ୍ରତିବର୍ଷ ଲକ୍ଷ ଲକ୍ଷ ବାଛୁରୀଙ୍କୁ ହତ୍ୟାକରୁଛି। ଏହା ପ୍ରକୃତି ପାଇଁ ଅତ୍ୟନ୍ତ ବିପଜ୍ଜନକ। ଛମଡ଼ାରେ ବ୍ୟବହୃତ ବିଷାକ୍ତ ରାସାୟନିକ ପଦାର୍ଥ ଯୋଗୁ ନଦୀ ଜଳ ପ୍ରଦୂଷିତ ହେଉଛି। ଲେଦର ପଲିସିରେ ଲକ୍ଷ ଲକ୍ଷ ମାଛ ମରୁଛନ୍ତି। କ୍ୱାଣ୍ଟିସ୍ ଦ୍ୱାରା କରାଯାଇଥିବା ୨୦୧୮ର ଗ୍ଲୋବାଲ ଇମ୍ପାକ୍ଟ ପ୍ରକାଶ କରିଛି ଯେ, ପ୍ରତିବର୍ଷ ଚମଡ଼ା ଜୋତା ଶିଳ୍ପରୁ ୭୦୦ ମିଲିୟନ ମେଟ୍ରିକ ଟନ୍ କାର୍ବନ ଡାଇଅକ୍ସାଇଡ୍ ନିର୍ଗତ ହୁଏ। ଏହା ବିଶ୍ୱ ତାପନର ଏକ ମୁଖ୍ୟ କାରଣ। ନ୍ୟୁଜିଲାଣ୍ଡ ଜୋତା କମ୍ପାନୀ ଅଲ୍‌ବାର୍ଡ ଯାହା ବୃହତ୍ କମ୍ପାନୀ ଆଡିଡାସର ଅଂଶୀଦାର , ତାହା ପ୍ଲାଣ୍ଟ ବେସ୍‌ଡ ଲେଦର ବା ଉଦ୍ଭିଜ ଚମଡ଼ାରେ ପ୍ରଚୁର ନିବେଶ କରିଥିବା ଘୋଷଣା କରିଛି। ଅଲ୍‌ବାର୍ଡ ୟୁକାଲିପଟାସ ଏବଂ କଟନ ଫାଇବର୍‌ରେ ଜୋତା ତିଆରି କରୁଛି। କ୍ୟାଷ୍ଟର ବିନ୍ ଅଏଲ ଏବଂ ରିସାଇକେଲ୍‌ଡ ପ୍ଲାଷ୍ଟିକ ଲେସ୍‌ରେ ସୋଲ୍ ପ୍ରସ୍ତୁତ କରାଯାଉଛି। ଉଦ୍ଭିଦଜ ଚମଡ଼ା ଭେଜିଟେବଲ ଅଏଲ, ନାଚୁରାଲ ରବର ଏବଂ ଅନ୍ୟ ଜୈବିକ କଞ୍ଚାମାଲରୁ ପ୍ରସ୍ତୁତ ହେଉଛି। କମ୍ପାନୀ ତା'ର 'ନ୍ୟାଚୁରାଲ ଫାଇବର ୱେଲ୍ଡିଂ' ଫାର୍ମରେ ନିବେଶ କରିବାକୁ ଘୋଷଣା କରିବା ସହ ଏଠାରେ ପ୍ରଥମେ ୧୦୦% ପ୍ରାକୃତିକ ଉଦ୍ଭିଦଜ ଛମଡ଼ା ଡିସେମ୍ବର ୨୦୨୧ ସୁଦ୍ଧା ପ୍ରସ୍ତୁତ କରାଯିବ ବୋଲି କହିଛି। ଏହାର ନାମ ରଖାଯାଇଛି ମିରୁମ୍। ପରିବେଶ ଉପରେ ପ୍ରାଣୀ ଚମଡ଼ାର କାର୍ବନ ପ୍ରଭାବ ଯାହା ତା'ଠାରୁ ୪୦ ଗୁଣ କମ୍ ରହିବ ମିରୁମରେ। ପେଟ୍ରୋଲିୟମ ଆଧାରିତ ଉତ୍ସରୁ ପ୍ରସ୍ତୁତ କରାଯାଉଥିବା ସିନ୍ଥେଟିକ ଚମଡ଼ା ଠାରୁ ଏହା ୧୭% କମ୍ କାର୍ବନ ନିର୍ଗମନ କରିବ। ବିନା ପଲିୟୁରେଥନରେ ଏହା ତିଆରି ହେବ ଓ ମାଟିରେ ସହଜରେ ବିଘଟନ ହୋଇପାରିବ ଓ ଏଥିରୁ ପୁଣି ନୂଆ ମିରୁମ ପ୍ରସ୍ତୁତ କରାଯାଇପାରିବ। ଅଲ୍‌ବାର୍ଡସ୍‌ର ସହ–ପ୍ରତିଷ୍ଠାତା ଜୋୟ ଜିୱିଲିଙ୍ଗର କହିଛନ୍ତି ଯେ, ନାଚୁରାଲ ଫାଇବର ୱେଲଡିଂ ସ୍ଥାୟୀ ବିଷାକ୍ତ ପଦାର୍ଥରୁ ସହଜରେ ଚମଡ଼ା ତିଆରି କରିପାରୁଛି ଏବଂ କାର୍ବନ ନିର୍ଗମନ ୯୮% ହ୍ରାସ କରିବା ଏହାର କ୍ଷମତା ରହିଛି। ପ୍ରାଣୀ ଓ ପେଟ୍ରୋଲିୟମ ଉପଯୋଗକୁ ଫ୍ୟାଶନ ଇଣ୍ଡଷ୍ଟ୍ରୀରୁ ଦୂରେଇବା ଲାଗି ଏହା ଏକ ଉତ୍ସାହପ୍ରଦ ଯାତ୍ରା।

ଭିଗନ ଲେଦର (ଉଦ୍ଭିଦଜ ଚମଡ଼ା) ପାରମ୍ପରିକ ପ୍ରାଣୀ ଚମଡ଼ାର ଏକ ବିକଳ୍ପ। ଏଥିରେ ପ୍ରାଣୀ କ୍ରୁରତା ବା ଯନ୍ତ୍ରଣାର ସ୍ଥାନ ନାହିଁ। ଏହା ଦେଖିବାକୁ ଠିକ୍ ପ୍ରାଣୀ ଚମଡ଼ା ଭଳି ଏବଂ ପିନ୍ଧିଲେ ପ୍ରାଣୀ ଚମଡ଼ା ଭଳି ଲାଗେ। ଏଥିରେ ପ୍ରଦୂଷଣ ହୁଏ ନାହିଁ। ପରିବେଶ ଓ ପ୍ରାଣୀମାନଙ୍କ ଉପରେ ଲେଦର ଶିଳ୍ପର ପ୍ରଭାବ ସମ୍ପର୍କରେ ଲୋକେ ଅଧିକରୁ ଅଧିକ ସଚେତନ ହେଉଥିବାରୁ କ୍ରୁରତା ବା ଯନ୍ତ୍ରଣାମୁକ୍ତ ବିକଳ୍ପଗୁଡ଼ିକ ପାଇଁ ମାର୍କେଟ ବୃଦ୍ଧି ପାଇବାରେ ଲାଗିଛି। ୨୦୧୩ରେ ପ୍ରତିଷ୍ଠା ହୋଇଥିବା ବ୍ରିଟିଶ କମ୍ପାନୀ 'ଆନନାସ ଆନମ' ଉଦ୍ଭିଦଜ ଚମଡ଼ା ପିନାଟେକ୍ସ ପ୍ରସ୍ତୁତ କରିଥିଲା। ସପୁରି ପତ୍ର ତନ୍ତୁ ଏଥିରେ ଉପଯୋଗ ହେଉଛି। ଏହାକୁ ଫିଲିପାଇନ୍ସ ଯୋଗାଉଛି। ଏହି ତନ୍ତୁକୁ ମକାରୁ ପ୍ରାପ୍ତ ଜୈବ ପ୍ଲାଷ୍ଟିକ ସହ ମିଶ୍ରଣ କରି ପିନାଟେକ୍ସ ତିଆରି ହେଉଛି। ଚମଡ଼ା ସାମଗ୍ରୀ ତିଆରି କରିବା ଲାଗି ଏହାକୁ 'ହୁଗୋ ବସ୍' ଏବଂ କାନାଡ଼ିଆନ ବ୍ରାଣ୍ଡ 'ନେଟିଭ ଶୁ 'ଉପଯୋଗ କରୁଛନ୍ତି। ଡଚ୍ ଡିଜାଇନର ଗିଜେର୍ଡ ଭେନ୍‌ହୋଭେନ ଭିଗନ ଲେଦର ପାଇଁ ଆରେକା ବିଟିଲ ନଟ୍(ଏକ ପ୍ରକାର ଗୁଆ ଗଛ)ର ପତ୍ର ବ୍ୟବହାର କରୁଛି।

ଡେଜର୍ଟୋ କମ୍ପାନୀ ମଧ୍ୟ ନୋପାଲ କାକ୍‌ଟସ (ଏକ ପ୍ରକାର ନାଗଫେଣୀ)ପତ୍ରରୁ ଭିଗନ ଲେଦର ତିଆରି କରିବା ଆରମ୍ଭ କରିଛି। ଏହାକୁ ଫର୍ନିଚର ଏବଂ କାର ଇଣ୍ଟେରିୟର, ଛୋଟ ବ୍ୟାଗ,ପର୍ସ ଏବଂ ଜୋତା ତିଆରିରେ ବ୍ୟବହାର କରାଯାଇପାରିବ। ଷ୍ଟିଲା ମ୍ୟାକ କର୍ଟନୀ, ଆଡିଡାସ୍ ଏବଂ ଗୁସିର ପ୍ୟାରେଣ୍ଟ କମ୍ପାନୀ କେରିଙ୍ଗ ସମେତ ମୁଖ୍ୟ ଲକ୍ଜ୍ୟୁରି ଫ୍ୟାଶନ ହାଉସଗୁଡ଼ିକ ଆନିମଲ ଲେଦର ପରିବର୍ତ୍ତେ ମାୟିଲୋ ପ୍ରସ୍ତୁତ କରୁଛନ୍ତି। ମାୟିଲୋ ଲେଦର ଭଳି ନରମ ଏବଂ ଏହା ଛତୁ ଓ ଅନ୍ୟ ଫଙ୍ଗସ ଜାତୀୟ ଉଦ୍ଭିଦରୁ ସଂଗୃହୀତ ମାୟିସିଲିୟମରୁ ତିଆରି ହେଉଛି। ଏଥିପାଇଁ ଆନିମଲ ଲେଦରଠାରୁ କମ୍ ପାଣି ଆବଶ୍ୟକ ହୁଏ ଓ କମ୍ ସବୁଜ ଗ୍ୟାସ୍ ନିର୍ଗମନ ହୋଇଥାଏ। ଏହା ମାଟିରେ ସମ୍ପୂର୍ଣ୍ଣ ମିଶିଯାଏ ଓ ଏହାର କୌଣସି ବିଷାକ୍ତ ପ୍ରଭାବ ନ ଥାଏ। ମୁସ୍କିନ ଏକ ଚମଡ଼ା ଭଳି ପଦାର୍ଥ ଯାହା ଛତୁର କ୍ୟାପ୍(ଫେଲିନସ ଏଲିପ୍ସୋଇଡିୟସ)ରୁ ପ୍ରସ୍ତୁତ କରାଯାଏ। ଏଭଳି ଛତୁ ବା ଫଙ୍ଗସ ସବ୍‌ଟ୍ରପିକାଲ ଜଙ୍ଗଲରେ ମିଳେ ଓ କାଠଗଣ୍ଡି ଉପରେ ବଢିଥାଏ। ୱିଲ୍ସ ଭିଗନ ଷ୍ଟୋର ଶସ୍ୟଜାତୀୟ ଗଛରୁ ପ୍ରସ୍ତୁତ ଭିଗନ ଲେଦରରେ ଜୋତା ତିଆରି କରିଥାଏ। ଏହି କମ୍ପାନୀ ପଲିୟୁରେଥେନ ବଦଳରେ ଏବେ ୟୁକାଲିପଟାସ ଛାଲିରୁ ମିଳୁଥିବା ଭିସ୍‌କୋସ ଉପଯୋଗ କରିବା ଆରମ୍ଭ କରିଦେଇଛି। ୨୦୧୭ରେ ବି ଭେରା କମ୍ପାନୀ ଆପଲ ଜୁସ ଇଣ୍ଡଷ୍ଟ୍ରୀରୁ ମିଳୁଥିବା ଆପଲ ଚୋପା ଓ ପଲିୟୁରେଥନକୁ ନେଇ ଲେଦର ତିଆରି କରିବା ଆରମ୍ଭ କରିଥିଲା।

ଭାରତର କେରଳସ୍ଥିତ ମଲାଇ ବାୟୋମ୍ୟାଟେରିଆଲ ଡିଜାଇନ ପ୍ରାଇଭେଟ ଲିମିଟେଡ୍ ନଡିଆ ବର୍ଜ୍ୟରୁ ମିଳୁଥିବା ବ୍ୟାକ୍ଟେରିଆଲ ସେଲୁଲୋଜ, କଦଳୀ ଗଣ୍ଡି, ସିସାଲ( ଶୁଷ୍କ ଅଞ୍ଚଳରେ ବଢୁଥିବା ଏକପ୍ରାର ଗଛ) ଓ ଗଞ୍ଜେଇ ଗଛର ତନ୍ତୁରୁ ଉଦ୍ଭିଦଜ ଚମଡ଼ା ପ୍ରସ୍ତୁତ କରୁଛି। ଏହା ମାଟିରେ ମିଶିଯାଉଛି, ନରମ, ଜଳ ପ୍ରତିରୋଧୀ। ଏହି କମ୍ପାନୀ ଦ୍ୱାରା ପ୍ରସ୍ତୁତ ଚମଡ଼ାର ମୁଖ୍ୟ ଗ୍ରାହକ ହେଉଛନ୍ତି କ୍ରାଫ୍ଟିଂ ପ୍ଲାଷ୍ଟିକ୍ସ, ଟିଓଏନ, ମ୍ୟାଟର, କାଜେଟୋ। ଏହାର ଉତ୍ପାଦଗୁଡ଼ିକ ମଧ୍ୟରେ ରହିଛି ବ୍ୟାଗ, ବ୍ୟାକପ୍ୟାକ, ୱାଲେଟ । ଏହା ଜୋତା ତିଆରି କରିଛି କି ନାହିଁ ତାହା ମୋତେ ଜଣାନାହିଁ। 'ଅଲୁଭି' ମଧ୍ୟ ଭିଗନ ଲେଦର ଉତ୍ପାଦ ବିକ୍ରି କରେ। ଏହି ସବୁ କମ୍ପାନୀ ଆନିମଲ ଲେଦର ବ୍ୟବସାୟ ପାଇଁ ପ୍ରାଣୀମାନଙ୍କୁ ଦିଆଯାଉଥିବା ଯନ୍ତ୍ରଣା ଏବଂ ପରିବେଶ ପ୍ରଦୂଷଣ ବିରୋଧରେ ଦୃଢ ଭାବେ ଠିଆ ହୋଇଛନ୍ତି। ଇଞ୍ଜିନିୟର ଅଙ୍କିତ ଅଗ୍ରୱାଲଙ୍କ ଦ୍ୱାରା ପ୍ରତିଷ୍ଠିତ କାନପୁର ଫ୍ଲାୱାର ସାଇକ୍ଲିଂ ପ୍ରସ୍ତୁତ କରୁଛନ୍ତି ଫ୍ଲିଦର। ମନ୍ଦିରର ବର୍ଜ୍ୟ ଫୁଲରୁ ଏହି ଚମଡ଼ା ତିଆରି ହେଉଛି, ଯଦିଓ ଏହା ଏବେ ସୁଦ୍ଧା ବଜାରକୁ ଅସିପାରିନି। ଏଭଳି ଆବିଷ୍କାର ପାଇଁ ଫ୍ଲିଦର ୟୁଏନ ସସ୍‌ଟେନାବିଲିଟି ଆୱାର୍ଡ ଏବଂ ପେଟା (ପିଇଟିଏ) ପୁରସ୍କାର ପାଇଛି। ଏହି କମ୍ପାନୀ ବିଘଟନ ଯୋଗ୍ୟ ଫ୍ଲୋରାଫୋମ ପ୍ରସ୍ତୁତ କରୁଛି। ବଜାଜ ଏବଂ ହାଭେଲ୍‌ସ କମ୍ପାନୀ ପ୍ୟାକେଜିଂରେ ଫ୍ଲୋରଫୋମ ବ୍ୟବହାର କରୁଛନ୍ତି। ଆମେ କିଣିବାର ଧାରା ବଦଳାଇଲେ କେବଳ ଏହି କମ୍ପାନୀଗୁଡ଼ିକ ହିଁ ସଫଳ ହୋଇପାରିବେ।

Email: gandhim@nic.in

# କରୋନା ଆଣିଛି ନିଦ୍ରା ବିଶୃଙ୍ଖଳା



ଡା.ସମ୍ରାଟ କର

ରାଜ୍ୟର ସମସ୍ତ ସହରାଞ୍ଚଳରେ ପୂର୍ବଭାବେ ସପ୍ତାହାନ୍ତ ଶନିବାର ଓ ରବିବାର ଲକ୍‌ଡାଉନ ଆରମ୍ଭ ହୋଇଛି। ଯଦିଓ ଏହା ପୂର୍ବରୁ ବିଶେଷକରି ଦ୍ୱୈତନଗରୀରେ ରାତି ନଅରୁ ପରଦିନ ସକାଳ ପାଞ୍ଚ ପର୍ଯ୍ୟନ୍ତ କର୍ଫ୍ୟୁ ରହୁଛି। ବାସ୍ତବ କଥା ହେଉଛି, ଦେଶବ୍ୟାପୀ କରୋନା ଦ୍ୱିତୀୟ ଲହର ପରେ ତମାମ ଶଟ୍‌ଡାଉନ୍ ସମ୍ଭାବ୍ୟ ଘୋଷଣାକୁ ଚିନ୍ତା କରି କିଛି ଲୋକଙ୍କର କହିବାକୁ ଗଲେ ତାଙ୍କ ନିଦ ହଜିଗଲାଣି। ସେମାନଙ୍କ ମନରେ ଅହେତୁକ ଅବସନ୍ନତା, ଉତ୍କଣ୍ଠା ଆଦି ବଢ଼ିବା ସହ ନିଦ୍ରା ବିଶୃଙ୍ଖଳା ବି ପ୍ରମୁଖ ଅସ୍ୱାଭାବିକତା ଭାବେ ଉଭା ହେଉଛି। ସରସତା ଆଣିବା ଲାଗି ରାତି ଅନିଦ୍ରା ରହି ଦୀର୍ଘକାୟ ଟେଲି ଧାରାବାହିକଗୁଡ଼ିକୁ ଏକାଧିକ୍ରମେ ଉପଭୋଗ କରିବା, ଅସୀମ ଅନ୍‌ଲାଇନ୍ ଗେମ୍ ଖେଳିବା ଓ ଭିଡିଓ ଚାଟିଂ ଭଳି ବିକୃତ ଅଭ୍ୟାସ ଆପଣାଇବା ଯୋଗୁ ଆମ୍ଭମାନଙ୍କର ପ୍ରାକୃତିକ ନିଦ୍ରାଚକ୍ରରେ ଘୋର ବିଭ୍ରାଟ ଦେଖାଦେଇଛି। ଏ ଅବସରରେ ନିଦ୍ରା ବିଶୃଙ୍ଖଳା ସମ୍ପର୍କରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ମଧ୍ୟ ଆଶାତୀତ ଭାବେ ବଢ଼ିଯାଇଛି। କରୋନା ବେଳେ ନିଜର ସ୍ୱାସ୍ଥ୍ୟ, ରୋଜଗାର ଓ ଆର୍ଥିକ ସୁରକ୍ଷାକୁ ନେଇ ବ୍ୟସ୍ତ ବିବ୍ରତ ହୋଇପଡ଼ିବା ସହ ସ୍ଥଳବିଶେଷରେ ଘରେ ବସି ଧାର୍ଯ୍ୟ କାର୍ଯ୍ୟ କରିବା ଓ ସେହି ସମୟରେ ପରିବାରର ଭଲମନ୍ଦ ଆଦି ବୁଝିବା ଘଟଣା ନିଦ୍ରାକୁ ବହୁ ମାତ୍ରାରେ ପ୍ରଭାବିତ କରିଛି। ନିକଟରେ ଏକ ସର୍ଭେର ତଥ୍ୟ ଅନୁଯାୟୀ ଅଧିକାଂଶ ଲୋକ ଦୈନିକ ଛଅଘଣ୍ଟାରୁ କମ୍ ଶୋଉଛନ୍ତି। ଅନେକେ ମଧ୍ୟ ସମ୍ପୂର୍ଣ୍ଣ ନିଦ୍ରାହୀନତା ଭୋଗୁଛନ୍ତି। ଅତ୍ୟନ୍ତ ଦୁଶ୍ଚିନ୍ତା ଓ ବ୍ୟସ୍ତବିବ୍ରତ ହିଁ ନିଦ୍ରାଚକ୍ରରେ ଏଭଳି ନକାରାତ୍ମକ ପ୍ରଭାବ ପକାଇଥାଏ।

ଏଇ କାରଣରୁ ସେମାନେ ଶାରୀରିକ ଏବଂ ମାନସିକ ଅସୁସ୍ଥତାର ଶିକାର ହୋଇପଡୁଛନ୍ତି। ସେମାନଙ୍କଠାରେ ସ୍ମୃତି ବିଭ୍ରମତା ଦେଖାଦେଉଛି । ଖୁବ୍ କମ୍ ସମୟ ଶୋଉଥିବାରୁ ମାନସିକ ଚାପ ଏବଂ ଉଚ୍ଚ ରକ୍ତଚାପ ଦେଖାଦେଉଛି । ସମଗ୍ର ପୃଥିବୀରେ ନିଦ୍ରା ଅଭ୍ୟାସ (ସ୍ଲିପ୍ ହାବିଟ୍) ଉପରେ ନିକଟରେ 'ଏସି ନିଏଲସନ୍ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାଯାଇଛି, ଭାରତୀୟମାନେ ହିଁ ସବୁଠୁ ବେଶୀ ନିଦ୍ରାହୀନତାର ଶିକାର ହୋଇଥାଆନ୍ତି। ଏସିଆ ମହାଦେଶରେ ଭାରତ ଆଗରେ ଅଛି। ଅଧିକାଂଶ ଭାରତୀୟ ୬ ଘଣ୍ଟାରୁ କମ୍ ଶୋଇଥା'ନ୍ତି। ଏମାନଙ୍କ ଭିତରୁ ୪୫% କହନ୍ତି– ଲଗାତର ଦୀର୍ଘ ସମୟ ଧରି କାମ କରିବା ଫଳରେ ସେମାନେ ଶୋଇବାକୁ ସମୟ ପାଇନଥା'ନ୍ତି। ଏଇ ସମସ୍ୟା ଲାଗି ରହିଲେ ନିଦ୍ରାହୀନତା ଏକ ଅଭ୍ୟାସରେ ପରିଣତ ହୋଇଯାଏ। ଚାହିଁଲେ ବି ନିଦ ସହଜେ ଆସେ ନାହିଁ। ନିଦରେ ଭାରତୀୟ ଲୋକ ସବୁଠୁ ଆଗରେ ଥିଲାବେଳେ ଦ୍ୱିତୀୟରେ ସାଉଦିଆରବ ଓ ତୃତୀୟରେ ଚାଇନା ରହିଛି। ସେହିପରି ଭାରତୀୟମାନଙ୍କ ତୁଳନାରେ ଅନ୍ୟାନ୍ୟ ପ୍ରଗତିଶୀଳ ରାଷ୍ଟ୍ରଗୁଡ଼ିକ ନିଦ୍ରାହୀନତାରେ ଅନେକ ପଛରେ ଅଛନ୍ତି– ୩୪% ଆମେରିକୀୟ, ୩୨% ୟୁରୋପୀୟ ଏବଂ ୨୭% ଜାପାନୀମାନେ ନିଦ୍ରାହୀନତା ଭୋଗନ୍ତି। ଟଙ୍କା ରୋଜଗାର କରିବା ଏବଂ ସଞ୍ଚୟ କରିବାର ପ୍ରବଳ ଆକାଂକ୍ଷା ଏହାର ଏକମାତ୍ର କାରଣ ବୋଲି ମନୋବିଜ୍ଞାନୀମାନେ କହନ୍ତି। ଅର୍ଥ ଏବଂ ପ୍ରାଚୁର୍ଯ୍ୟ ପଛରେ ଅନ୍ଧଭଳି ଦୌଡ଼ିବା ଫଳରେ ଭାରତୀୟମାନେ କ୍ଲାନ୍ତି ମେଣ୍ଟାଇବା ପାଇଁ ସମୟ ପାଉନାହାନ୍ତି । ବଡ଼ ବଡ଼ କମ୍ପାନୀ ଏବଂ ଅନ୍ତର୍ଦ୍ଦେଶୀୟ ସଂସ୍ଥାରେ କାମ କରୁଥିବା ପଦସ୍ଥ ଅଫିସରମାନେ ବ୍ୟକ୍ତିଙ୍କ ନାଁ ଭୁଲିଯାଉଥିବା ବେଳେ କେଉଁ ଜିନିଷ କେଉଁଠି ରଖିଛନ୍ତି ତାହା ମଧ୍ୟ ମନେପକେଇ ପାରନ୍ତି ନାହିଁ । ବଜାରକୁ ଗଲେ କ'ଣ କିଣିବେ ଠିକ୍‌ସେ ମନେ ପକେଇ ପାରିନଥା'ନ୍ତି। ଗୋଟିଏ ଦିନର ନିଦ୍ରାହୀନତା ମସ୍ତିଷ୍କର ସ୍ମୃତିଶକ୍ତିକୁ ଅନେକ କ୍ଷତି ପହଞ୍ଚାଇଥାଏ। ବଡ଼ ବଡ଼ ସହରରେ ମାନସିକ ରୋଗ ବିଶେଷଜ୍ଞମାନଙ୍କ ପାଖକୁ ପ୍ରତିଦିନ ୫ରୁ ୧୦ଜଣ ଏହିଭଳି ରୋଗୀ ଆସିଥା'ନ୍ତି ଚିକିତ୍ସା ପାଇଁ। ପାଞ୍ଚବର୍ଷ ପୂର୍ବେ ଏ ସଂଖ୍ୟା ଖୁବ୍ ସୀମିତ ଥିଲା। ଏବେ ଦିନର ବାରଘଣ୍ଟା ଏବଂ ରାତିର ବାରଘଣ୍ଟା ମଧ୍ୟ ଆଧୁନିକ ମଣିଷଙ୍କୁ ନିଅଣ୍ଟ ହେଉଛି। ସମ୍ପୂର୍ଣ୍ଣ ରାତିଟା ବିତିଯାଉଛି ଟିଭି, ନାଇଟ୍ ପାର୍ଟି ଏବଂ ଇଣ୍ଟରନେଟ ଶର୍ଫିଙ୍ଗରେ। ନିଦ୍ରାହୀନତା ମସ୍ତିଷ୍କକୁ ମାନ୍ଦା କରିଦେବା ସହିତ ସମଗ୍ର ସ୍ନାୟୁ ବିଭାଗକୁ କ୍ଷତିଗ୍ରସ୍ତ କରିଥାଏ। ବିଶେଷଜ୍ଞମାନେ କହନ୍ତି– ଏହା ହେଉଛି ବର୍ତ୍ତମାନର ସହରୀ ମଣିଷମାନଙ୍କ ସବୁଠୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟା। ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦିଅନ୍ତି– ନିଦ୍ରାହୀନତା ଶରୀରର ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେଇଥାଏ। ଏଥିପାଇଁ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଏବଂ ଡାଏବେଟିସ୍ ଭଳି ରୋଗ ଦେଖାଦେଇଥାଏ।

ଆଜିକାଲି ଦେଖାଯାଉଛି, ବିଦ୍ୟାର୍ଥୀମାନେ ଦିନ ଅପେକ୍ଷା ରାତିରେ ହିଁ ପଢ଼ାପଢ଼ି ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ତରୁଣ ତରୁଣୀମାନଙ୍କ ପାଇଁ ୯.୨ ଘଣ୍ଟା ନିଦ୍ରା ଶରୀର ଏବଂ ମସ୍ତିଷ୍କ ପାଇଁ ଖୁବ୍ ଭଲ। ପିଲାଙ୍କ ସହିତ ବେଶି ସମୟ ଗପି ସେମାନଙ୍କ ନିଦ୍ରାକୁ ବ୍ୟାଘାତ କରିବା ଉଚିତ ନୁହେଁ। ବାପା–ମା'ଙ୍କ ଡେରିରେ ଶୋଇବାର କୁପ୍ରଭାବ ସେମାନଙ୍କ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଆସନ୍ତୁ, ଆଖିରୁ ନିଦ ଛଡ଼ାଇ ବ୍ୟସ୍ତମୟ ହେବାର ପ୍ରତିପାଦନ କରି ନିଜ ଶରୀରକୁ ନଷ୍ଟ ନ କରିବା ପାଇଁ ଶପଥ ନେବା।

ମାନସିକ ରୋଗ ବିଶେଷଜ୍ଞ, ଦି'ବେନ,
ପୁରୀଘାଟ ରୋଡ୍, କଟକ,
ମୋ: ୯୧୩୨୪୩୩୩୩୩

## ଏଇ ଭାରତରେ

ମେଡିକାଲ କ୍ୟାରିୟରକୁ ପଛରେ ପକାଇ ଆଇପିଏସ୍ ହେବା ପରେ ଡ. ସଂଗ୍ରାମ ପାଟିଲ ରୋଗୀ ସେବାକୁ ଭୁଲିପାରିନାହାନ୍ତି। ମହାରାଷ୍ଟ୍ରରେ ରହନ୍ତି ସଂଗ୍ରାମଙ୍କ ପରିବାର । ୧୮ ଜଣ ଡାକ୍ତର ତାଙ୍କ ପରିବାରରେ ଅଛନ୍ତି। ସଂଗ୍ରାମ ୨୦୧୫ରେ ଆଇପିଏସ୍ ପାଇଥିଲେ। ଏହାପରେ ସେ ତେଲଙ୍ଗାନାର ମୁଲୁଗୁ ଏବଂ ଜୟଶଙ୍କର ଭୁପାଲପାଲ୍ଲୀ ଜିଲାର ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଏସ୍‌ପି) ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ନିଜର ଦାୟିତ୍ୱ ତୁଲାଇବା ସହ ସେ ଜିଲାର ଦୁର୍ଗମ ଅଞ୍ଚଳରେ ରହୁଥିବା ୧୦୦ଟି ପଡ଼ାଗ୍ରାମର ୫,୦୦୦ ଗୋଟିକୋୟା ଆଦିବାସୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି। ସେ ମଧ୍ୟ ଆଦିବାସୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଔଷଧ ଓ ଅନ୍ୟାନ୍ୟ ଉପକରଣ ବାବଦରେ ୭ ଲକ୍ଷ ଟଙ୍କା ବ୍ୟୟ କରିସାରିଲେଣି। ସଂଗ୍ରାମଙ୍କ ବୟସ ୩୬। ସେ ଏସ୍‌ପି ଭାବେ ବିଭିନ୍ନ ଅଞ୍ଚଳକୁ ଯିବା ଅବସରରେ ଆଦିବାସୀଙ୍କ ଚିକିତ୍ସା ଅଭାବ ସମ୍ପର୍କରେ ଜାଣିବାକୁ ପାଇବା ପରେ ଏହି ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନରେ ସେ ୨୦ ଜଣ ଡାକ୍ତରଙ୍କୁ ମଧ୍ୟ ଯୋଡ଼ିଛନ୍ତି। ନିୟମିତ ବ୍ୟବଧାନରେ ସେହି ସବୁ ଅଞ୍ଚଳରେ ମେଡିକାଲ କ୍ୟାମ୍ପ କରୁଛନ୍ତି। କେବଳ ଏତିକି ନୁହେଁ, ଅଧାରୁ ପାଠ ଛାଡ଼ିଥିବା ନବମ ଏବଂ ଦଶମ ଶ୍ରେଣୀର ପ୍ରାୟ ୧,୦୦୦ ପିଲାଙ୍କୁ ପୁଣି ସ୍କୁଲକୁ ଆଣିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଏପ୍ରିଲ ୧୯୯୬

- କେନ୍ଦ୍ରୀୟ ପାକିସ୍ତାନୀ ପ୍ରଦେଶ ପଞ୍ଜାବରେ ଏକ ଯାତ୍ରିବାହୀ ବସ୍‌ରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ହେବା ଫଳରେ ୪୦ ନିହତ।
- ଦକ୍ଷିଣ ଅଷ୍ଟ୍ରେଲିଆର ତାସମାନିଆ ରାଜ୍ୟର ପୋର୍ଟ ଆର୍ଥର ନିକଟରେ ଜଣେ ଉନ୍ମତ୍ତ ବନ୍ଧୁକଧାରୀ ଆଖିବୁଜା ଗୁଳିଚାଳନା କରିବାରୁ ୩୨ ଜଣଙ୍କ ମୃତ୍ୟୁ।
- ପୂର୍ବତନ କଂଗ୍ରେସ ସାଂସଦ ସ୍ୱର୍ଗତ ତେଜ ସିଂ ରାଓ ଭୋସଲେଙ୍କ ପତ୍ନୀ ଚିତ୍ରଲେଖା ଭୋସ୍‌ଲେ ବିଜେପିରେ ଯୋଗ ଦେଇଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 9 | | | 1 | |
| | 5 | | | | | 8 | 7 | 2 |
| 1 | | | | | | | 5 | |
| 9 | 8 | | | 6 | | | | 1 |
| | | | 4 | | | | 8 | |
| | | | | | 2 | | | 5 |
| 7 | | | | 1 | | | | |
| 8 | 4 | | | | 6 | | | 3 |
| | | | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହିର ସମାଧାନ କରିବାକୁ ହେବ, ଯେଉଁଥିରେ ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 9 | 7 | 8 | 5 | 2 | 1 | 4 |
| 5 | 4 | 2 | 3 | 1 | 6 | 9 | 7 | 8 |
| 8 | 1 | 7 | 2 | 4 | 9 | 3 | 5 | 6 |
| 2 | 8 | 6 | 5 | 3 | 7 | 1 | 4 | 9 |
| 7 | 3 | 4 | 8 | 9 | 1 | 6 | 2 | 5 |
| 9 | 5 | 1 | 4 | 6 | 2 | 7 | 8 | 3 |
| 6 | 9 | 8 | 1 | 7 | 4 | 5 | 3 | 2 |
| 4 | 7 | 5 | 9 | 2 | 3 | 8 | 6 | 1 |
| 1 | 2 | 3 | 6 | 5 | 8 | 4 | 9 | 7 |

ଗତକାଲିର ଉତ୍ତର

# ବିଭୀଷିକାର ବ୍ୟବଚ୍ଛେଦ



ଉପେନ୍ଦ୍ର ବିଶ୍ୱାଳ

ସବୁଠି ଆତଙ୍କର ଆସ୍ତରଣ, ବିଭୀଷିକାର ବିତ୍ପାତ। ଏକ ଅନିଶ୍ଚିତ ଭବିଷ୍ୟତର ଆଶଙ୍କା ଦଂଶନ କରୁଛି ସଭିଙ୍କୁ। ଠିକ୍ ବର୍ଷକ ତଳେ, ତାଲାବନ୍ଦର ତାଡନାରେ କି ହନ୍ତସନ୍ତ ହେଉ ନ ଥିଲା ଏ ଜୀବନ! ତଥାପି ଆମର ଚେତା ଆସିଲା ନାହିଁ । ଆଉ ଦିନ କେଇଟା ଅପେକ୍ଷା କରିଥିଲେ, ସମ୍ପୂର୍ଣ୍ଣ ବିଜୟ ଘୋଷିତ ହୋଇଥାନ୍ତୁ ଆମେ। ମାତ୍ର କଷ୍ଟକର ଏ ଲଢ଼େଇକୁ ଆମେ ଭଣ୍ଡୁର କରିଦେଲୁ ଅପରିଣାମଦର୍ଶୀ ହୋଇ। ମାତିଗଲୁ ଉତ୍ସବ ପାଳନରେ। ଭୁଲିଗଲୁ ଭୂତାଣୁର ସେ ବିଭୀଷିକାକୁ। ଅଧିକ ବଳ ଜୁଟାଇ, ଭୟଙ୍କର ରୂପ ନେଇ ପାଲଟା ଆକ୍ରମଣ କଲା। ତା'ର ମୁକାବିଲା କଲାବେଳକୁ, ଆଖି ଆଗରେ ଲୋଟିଯାଉଛି ଅନେକ ଧନ–ଜୀବନ। ଗୋଟିଏ ଦେଶର ପ୍ରଗତି ବା ଦୁର୍ଗତି ଯେତିକି ନିର୍ଭର ନ କରେ ଶାସନ ଖସଡ଼ା ଉପରେ, ତତୋଽଧିକ ନିର୍ଭର କରେ ଲୋକାଚାର ଓ ଲୋକସଂକଳ୍ପ ଉପରେ। ଯଦି କେହି ଦେଶ କରୋନା ଜନିତ ଦୁର୍ଗତିରୁ ମୁକୁଳି, ଦମ୍ଭଧରି ଆଜି ଚାଲିବା ଆରମ୍ଭ କରିଛି ତ ତାହା ସମ୍ଭବ ହୋଇପାରିଛି ସେ ଦେଶର ଲୋକଙ୍କ ସଂଯତ ଆଚରଣ, ଦୃଢ଼ ମୁକାବିଲା ମନୋବୃତ୍ତି ଯୋଗୁ। ମାତ୍ର ବିଚିତ୍ର ଏ ଦେଶ ଭାରତ। ଏଠି ଶୃଙ୍ଖଳା ଓ ଅନୁଶାସନ କଥା କହିଲେ, ଥୋକେ ଚିତ୍କାର ଛାଡ଼ନ୍ତି, ବ୍ୟକ୍ତି ସ୍ୱାଧୀନତା ଉପରେ ଅଯଥା ହସ୍ତକ୍ଷେପ ବୋଲି ଅଭିଯୋଗ କରି। ସବୁକଥାରେ କେଁ ଖୋଜୁଥିବା ଏପରି ଅଜବ ପ୍ରକୃତିର ଲୋକଙ୍କ ପାଇଁ ଭାରତ ଖୁବ୍ ବ୍ୟଥିତ ଆଜି।

ଶୃଙ୍ଖଳିତ ଜୀବନ ପାଇଁ ଏ ମଣିଷ ଯେତିକି କୁଣ୍ଠିତ ସେତିକି ଆତୁର ବିଶୃଙ୍ଖଳାକୁ ବରଣ କରିବାକୁ। ଏଇ ଯେମିତି ହେଲ୍‌ମେଟ ପିନ୍ଧିବା ଘଟଣା। ପ୍ରାଣରକ୍ଷା ଅପେକ୍ଷା ପୋଲିସର ଭୟ ହିଁ ଆମକୁ ବାଧ୍ୟକରେ ହେଲମେଟ ପିନ୍ଧିବାକୁ। ସେମିତି ବି ମାସ୍କ ଯଦି ପିନ୍ଧୁଛୁ, ତେବେ ଜରିମାନା ଡରରେ। ତାହା ବି ଥୋଡ଼ ତଳକୁ। ପୋଲିସକୁ ଦେଖିଲାକ୍ଷଣି ମାସ୍କକୁ ଉଠାଇ ମୁହଁକୁ ଢାଙ୍କିଥାଉ। ଅର୍ଥାତ ବିନା ଲଗାମରେ, ବିନା ଛାଟରେ ଆମେମାନେ ବାଟକୁ ଆସୁନା। ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଗତ ସପ୍ତାହର ଘଟଣାଟିଏ। ବିନା ମାସ୍କରେ ଗାଡ଼ିରେ ବସି ଯାଉଥିବା ଯୁବ ଦମ୍ପତିଙ୍କୁ ପୋଲିସ ଯେବେ ଅଟକାଇବାକୁ ପ୍ରୟାସ କରିଛି, ଦୁହେଁ ଝାମ୍ପି ଉଠିଲେ ପୋଲିସ ଉପରେ। ସେଇଠି ଦେଖିବାକୁ ମିଳିଲା ଉତ୍‌କ୍ଷିପ୍ତ ଯୁବତୀଙ୍କ ଉଦ୍ଦଣ୍ଡ ତାମସା। ପରବର୍ତ୍ତୀ ସମୟରେ ଉଦ୍‌ଭ୍ରାନ୍ତ ଦମ୍ପତିଙ୍କୁ ପାନେ ଦେବାକୁ ଯାଇ ପୋଲିସ ଅବଶ୍ୟ ସେମାନଙ୍କୁ ଗିରଫ କରିଥିବାର ଖବର ପ୍ରକାଶ ପାଇଥିଲା। ଗାଡ଼ି ଭିତରେ ମାସ୍କ ନ ପିନ୍ଧିବାଟା ଯେ ଏକ ଗୁରୁତର ଅପରାଧ, ତାହା ନୁହେଁ। ଏଇଠି ପ୍ରଶ୍ନ ଉଠେ ଆଇନ ପ୍ରତି ଆମର ସମ୍ମାନ, ସଚେତନତା ଓ ସତର୍କପଣିଆ ଉପରେ। ଘରୁ ଗୋଡ଼ କାଢ଼ିଲାକ୍ଷଣି ମାସ୍କ ଅତ୍ୟନ୍ତ ଅପରିହାର୍ଯ୍ୟ। ପୁଣି ଗାଡ଼ିରେ ବାହାରିଛୁ ମାନେ, କେଉଁଠି ନା କେଉଁଠି କାହାକୁ ନା କାହାକୁ ଭେଟିବୁ। ଏଣୁ କାହିଁକି ଆମେ ମାସ୍କ ବ୍ୟବହାର କରିବୁ ନାହିଁ? ମାସ୍କର ବୋଝ କ'ଣ ଏତେ ବେଶି ଯେ ତାକୁ ବୋହିବାକୁ ଆମେ ଅକ୍ଷମ? ଆଇନକୁ ଅସମ୍ମାନ କରିବା ହେଉଛି ଏକ ପ୍ରକାର ପାଗଳାମି, ଉଦ୍ଧତ ଆଚରଣ।

ବିପତ୍ତି ବିରୋଧରେ ଲଢ଼ିବା ଅପେକ୍ଷା ତା' ଠାରୁ ଦୂରେଇ ରହିବା ଶ୍ରେୟସ୍କର। କିନ୍ତୁ ସ୍ୱଚ୍ଛତା ପ୍ରତି ଆମର ଆଗ୍ରହ ବଢୁନାହିଁ। ବରଂ କୁପ୍ରବୃତ୍ତିକୁ କୁଣ୍ଢାଇ ଧରିଛୁ। 'ଗୋମୁଖ'ରୁ ଗଙ୍ଗାର ସ୍ୱଚ୍ଛ ପିତ୍ରଧାର ଝରି ଆସିଲା ପରି ଆମର ଲୋହିତ ଶ୍ରୀମୁଖରୁ ନିର୍ଗତ ରଙ୍ଗିନ ଝରକୁ ଆମେ ସେମିତି ଅବତରଣ କରାଉ ଗଳିଠୁ ଗହଳି, ସହର, ବଜାର, ରାସ୍ତାଘାଟମାନଙ୍କରେ। ସତେଯେମିତି ଗଙ୍ଗାଜଳ ପରି ଆମର ଛେପ–ଖଙ୍କାର ଖୁବ୍ ପବିତ୍ର ଓ ଜୀବାଣୁନାଶକ। ଏହା କ'ଣ ଭୂତାଣୁର ବାହକ ନୁହେଁ କି?

ଭାକ୍ସିନ ହେଉଛି ଭୂତାଣୁ ପାଇଁ ରାମବାଣ ସଦୃଶ ବୋଲି 'ହୁ' ଘୋଷଣା କରି ସାରିଛି। ଗତ ଜାନୁୟାରୀ ମଧ୍ୟଭାଗରୁ ଦେଶରେ ଯେବେ ଟିକାକରଣ ଅଭିଯାନ ଆରମ୍ଭ ହେଲା, ଏହାକୁ ନେଇ ନାନା ତୁମ୍ବିତୋଫାନ ହେଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମେତ ସାରା ବିଶ୍ୱ ଯେତେବେଳେ ଭାରତର ଏ ଅଭିଯାନକୁ ଅଭିନନ୍ଦନ ଜଣାଉଥିଲେ, ସେତେବେଳେ କେନ୍ଦ୍ର ସରକାରଙ୍କୁ ନିଶାଣକରି ଟିକାର ସଫଳତା ଉପରେ ନାନାଦି ପ୍ରଶ୍ନ ଉଠାଇଲେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ। ଏହାଦ୍ୱାରା ଟିକା ନିର୍ମାଣରେ ସମ୍ପୃକ୍ତ ବୈଜ୍ଞାନିକ, ନିର୍ମାତାମାନଙ୍କର ନିଷ୍ଠା ତଥା ଦେଶପ୍ରୀତି ପ୍ରତି ଅଙ୍ଗୁଳି ଉଠାଇ ଅପମାନିତ କଲୁ। ଠିକ୍ ପରୀକ୍ଷଣ ହୋଇ ନଥିବାରୁ ପାର୍ଶ୍ୱ ପ୍ରତିକ୍ରିୟା ଆଦି ମିଥ୍ୟ ଓ ମନଗଢ଼ା କାହାଣୀ କହି ଜନମାନସକୁ ଭ୍ରମିତ କରିବାକୁ ଚେଷ୍ଟା କଲୁ। ଫଳତଃ ଟିକା ନେବାକୁ ଲୋକଙ୍କୁ ନିରୁତ୍ସାହିତ କରାହେଲା। ଅର୍ଥାତ ପରୋକ୍ଷରେ ଭୂତାଣୁର କାୟା ବିସ୍ତାରରେ ଆମେ ସହାୟକ ହେଲୁ।

ଏବେ ଆସିବା ନିର୍ବାଚନ କ୍ଷେତ୍ରକୁ। ବହୁଚର୍ଚ୍ଚିତ ବେଙ୍ଗଲ ନିର୍ବାଚନ ସଭିଙ୍କ ପାଇଁ ଆଜି ଆତଙ୍କର କାରଣ ସାଜିଛି। ଦ୍ୱିତୀୟ ଲହରର ସଂକ୍ରମଣ ସମ୍ବନ୍ଧେ କେନ୍ଦ୍ର ସରକାର ଅନୁମାନ ଲଗାଇ ପାରି ନଥିଲେ କି ଆକଳନ ବି କରି ପାରି ନଥିଲେ। ଅର୍ଥାତ ସରକାର ସମ୍ପୂର୍ଣ୍ଣ ଅପ୍ରସ୍ତୁତ ଥିଲେ, ଯାହାକି ଅତ୍ୟନ୍ତ ନମ୍ରତାର ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱୀକାର କରିଛନ୍ତି। ଆଉ ଏକପ୍ରକାର ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ନିଜ ପ୍ରତି ଅଜ୍ଞତା ଓ ଅବଜ୍ଞାଭାବ। କରୋନା କାଳରେ ଯୋଗ, ପ୍ରାଣାୟାମ, ପୂଜା, ପ୍ରାର୍ଥନା, ପ୍ରାକୃତିକ ଉପଚାର ତଥା ଆୟୁର୍ବେଦ ଏବଂ ଭାରତର ସରଳ ଜୀବନ ଦର୍ଶନକୁ ପାଶ୍ଚାତ୍ୟ ଜଗତ ଅଧିକ ଆପଣାଇଲା। ଏପରିସ୍ଥଳେ ଆମେ ଆମ ନିଜକୁ କେତେ ଚିହ୍ନିଛୁ, କେତେ ଜାଣିଛୁ? ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଆମ ଜୀବନଶୈଳୀ ସମ୍ବନ୍ଧେ ଗବେଷଣା କରି ପାଶ୍ଚାତ୍ୟବାସୀ ଗୋଟେ ପରେ ଗୋଟେ ନୋବେଲ ସମ୍ମାନ ସାଉଁଟି ଚାଲିଛନ୍ତି। ଦୁଇ ଦଶନ୍ଧି ପୂର୍ବେ ବାବା ରାମଦେବ ଓ ତାଙ୍କ ସଂଗଠନ ଦ୍ୱାରା ଯୋଗ ଓ ପ୍ରାଣାୟାମ ସମ୍ବନ୍ଧେ ଯେବେ ଦ୍ରୁତ ପ୍ରଚାର ଓ ପ୍ରସାର ହେବାକୁ ଲାଗିଲା, ସେତେବେଳେ ଏ ସମ୍ବନ୍ଧେ ଅଧିକରୁ ଅଧିକ ଗବେଷଣା ବଢ଼ି ଚାଲିଲା। ଅନେକଙ୍କ ଭିତରୁ ପ୍ରଫେସର ଜେ. ଆଇ. ଲୁଇସ (କାଲିଫର୍ନିଆ ବିଶ୍ୱବିଦ୍ୟାଳୟ) ଅନ୍ୟତମ, ଯିଏକି ୧୯୯୮ରେ ନୋବେଲ ପୁରସ୍କାର ପାଇଥିଲେ। ତାଙ୍କ ମତରେ ଆମ ଶରୀରରେ ସ୍ୱତଃ ଉତ୍ପନ୍ନ ହେଉଥିବା ନାଇଟ୍ରିକ ଅକ୍ସାଇଡ୍, ଯାହାକି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହିତ ରକ୍ତ ସଞ୍ଚାଳନ, ହୃଦ୍‌ଯନ୍ତ୍ର ଓ ଫୁସ୍‌ଫୁସ୍‌ର କାର୍ଯ୍ୟ ଦକ୍ଷତା ବୃଦ୍ଧିରେ ସହାୟକ ହୁଏ, ତାହା ଅଧିକ ପରିମାଣରେ ସୃଷ୍ଟି ହୁଏ ଓଁକାର ଧ୍ୱନି ଓ ଭ୍ରାମରୀ ପ୍ରାଣାୟାମ ଦ୍ୱାରା। ଗବେଷଣାର ତଥ୍ୟ ଅନୁଯାୟୀ ଜଣେ ବ୍ୟକ୍ତି ଅନ୍ତତଃ ଚାରିଥର ଭ୍ରାମରୀ ଓ ଧ୍ୟାନସ୍ଥ ମୁଦ୍ରାରେ ଚାରିଥର ଓଁକାର ମନ୍ତ୍ର ଠିକ୍ ଢଙ୍ଗରେ ଚାରିଦିନ ଉଚ୍ଚାରଣ କଲେ, ଉତ୍ପନ୍ନ ନାଇଟ୍ରିକ ଅକ୍ସାଇଡ୍ ଶରୀର ଭିତରେ ଥିବା ଭୂତାଣୁକୁ ବିନାଶ କରିବାରେ ସକ୍ଷମ ହୁଏ। ଏହାକୁ ପାଥେୟ କରି କାନାଡ଼ାର ଏକ କମ୍ପାନୀ (Sanotised) ଆଜିର ଏହି ସଙ୍କଟ କାଳରେ ନାଇଟ୍ରିକ ଅକ୍ସାଇଡ୍ ଯୁକ୍ତ Nasal drop ବାହାର କରିଛନ୍ତି। ନାକ ରନ୍ଧ୍ରରେ କେଇ ବୁନ୍ଦା ପକାଇଲେ ତାହା ଭୂତାଣୁକୁ ମାରିବାରେ ବେଶ୍ ସହାୟକ ହେଉଥିବାର ଜଣାଯାଇଛି, ଯାହାକୁ ବ୍ରିଟେନର ଏକ ନିଦାନିକ ଗବେଷଣା କେନ୍ଦ୍ର ମଧ୍ୟ ଅନୁମୋଦନ କରିଛି। ପାଶ୍ଚାତ୍ୟରେ ଏହାର ଚାହିଦା ଏବେ ଖୁବ୍ ବଢ଼ି ଚାଲିଛି । ଏପରି ଜଟିଳ ପରିସ୍ଥିତିରେ ଯୋଗ, ପ୍ରାଣାୟାମ ଯେ କେତେ ଜରୁରୀ, ଆମେ ଭାରତୀୟମାନେ ଯେତିକି ବୁଝିବା କଥା, ସେତିକି ବୁଝିବାକୁ ଅସମର୍ଥ ଆଜି । ଆମର ନିଜ ପ୍ରତି ଏମିତି ଅବଜ୍ଞାଭାବ ଭୂତାଣୁ ବିସ୍ତାର ପାଇଁ ସୁଯୋଗ ଦେଉନାହିଁ କି? ସତର୍କ ସମାଜ, ସୁରକ୍ଷିତ ଦେଶ।

ଗୋଦିଶୁଳ, ସଜନାଗଡ଼, ବାଲେଶ୍ୱର
ମୋ :୯୪୩୭୪୩୬୦୭୩
unbiswal05@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାଙ୍କୁ ଚିନ୍ତାମୁକ୍ତ କରାଯାଉ

ମହାଶୟ,

ଚଳିତ ବର୍ଷ କୋଭିଡ କାରଣରୁ ଓଡ଼ିଶା ସରକାର ଯୁକ୍ତ ଦୁଇ ପରୀକ୍ଷାକୁ ବାତିଲ କରିଦେବା ଉଚିତ ; କାରଣ ପିଲାମାନଙ୍କର ଜୀବନ ପ୍ରଥମ ଓ ପରୀକ୍ଷା ଗୌଣ। ପ୍ରାୟ ୯୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ମଧ୍ୟ ପରୀକ୍ଷା ପାଇଁ ଆଦୌ ପ୍ରସ୍ତୁତ ନୁହଁନ୍ତି। ଏପରି ପରିସ୍ଥିତିରେ ପରୀକ୍ଷା କରାଯିବାର ପ୍ରଶ୍ନ ହିଁ ଉଠୁନାହିଁ। ସୁତରାଂ, ପିଲାମାନଙ୍କୁ ସେମାନଙ୍କ ପୂର୍ବ ପରୀକ୍ଷାର ମାର୍କ ଅନୁସାରେ ପାଶ୍ କରିଦିଆଯାଉ। ଏପରି ହେଲେ ପ୍ରାୟତଃ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କର ପରୀକ୍ଷା ଫଳକୁ ନେଇ ଆପତ୍ତି ରହିବ ନାହିଁ। ବର୍ତ୍ତମାନ ଉଭୟ ତଛାତ୍ରୀଛାତ୍ର ଏବଂ ସେମାନଙ୍କର ମାତାପିତା ପରୀକ୍ଷାକୁ ନେଇ ଖୁବ ମାନସିକ ଦୁଃଶ୍ଚିନ୍ତା ମଧ୍ୟରେ ରହିଛନ୍ତି। ସେମାନଙ୍କୁ ସରକାର ଚିନ୍ତାମୁକ୍ତ କରାଇବା ଉଚିତ। ଏପରି ହେଲେ ପିଲାମାନେ ବିଭିନ୍ନ ପ୍ରକାରର ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିବେ। ଏହି ବିଷୟରେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ।

–ରାଇଚରଣ ବିଶ୍ୱାଳ, ପିରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ସକଳ ବସ୍ତୁର ମୂଲ୍ୟ ତୁମେ ଏକା
କରୁଛ ନିର୍ଣ୍ଣୟ
କାଳେ କାଳେ ଏ ଧରଣୀ ଘୋଷୁଥିବ
ତୁମରି ବିଜୟ। (ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ପ୍ରଣବ କୁମାର ଏମ୍‌ସିଏଲ୍‌ର ନୂତନ ସିଭିଓ



ତାଳଚେର, ୨୮।୪(ନି.ପ୍ର.): କୋଲ୍ ଇଣ୍ଡିଆର ସହାୟକ କମ୍ପାନୀ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ) ଭାବେ ବୁଧବାର ପ୍ରଣବ କୁମାର ପଟେଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ହେଉଛନ୍ତି କମ୍ପାନୀର ନବମ ସିଭିଓ। ଏଥିପୂର୍ବରୁ ସେ ଭାରତୀୟ ରେଳୱେର ଷ୍ଟୋର ସର୍ଭିସେସ୍, ଇଷ୍ଟକୋଷ୍ଟ ରେଲୱେରେ ଡେପୁଟି ସିଭିଓ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି। ପ୍ରଣବ ଏନ୍‌ଆଇଟି ରାଉରକେଲାରୁ ସ୍ନାତକ, ଆଇଆଇଟି ଖଡଗପୁରରୁ ସ୍ନାତକୋତ୍ତର (ଏମ୍‌ଟେକ୍) ପାସ୍ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

### ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପ୍ରଥମ କୁଳପତି ଭାବେ କମଲଜିତ୍ ସିଂଙ୍କ ଦାୟିତ୍ୱ ଗ୍ରହଣ



କଟକ ଅଫିସ,୨୮।୪: ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ କଟକସ୍ଥିତ ମଧୁସୂଦନ ଆଇନ ମହାବିଦ୍ୟାଳୟ ବିଧିବଦ୍ଧ ଭାବେ ବୁଧବାରଠାରୁ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ଏହାର ପ୍ରଥମ କୁଳପତି ଭାବେ ପ୍ରଫେସର କମଲଜିତ୍ ସିଂ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ସମଗ୍ର ଦେଶରେ ଉକ୍ତ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ତାଙ୍କର ମୂଳ ଲକ୍ଷ୍ୟ। ବିଶ୍ୱବିଦ୍ୟାଳୟର ଉନ୍ନତି ସହ ଛାତ୍ରୀଛାତ୍ରଙ୍କ ଉନ୍ନତି କରାଯିବା ଉପରେ ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ କହିଥିଲେ, ବର୍ତ୍ତମାନ ସମୟରେ ଆଇନ ଶିକ୍ଷା ଲାଭ କରିବା ପାଇଁ ଛାତ୍ରୀଛାତ୍ରଙ୍କ ଅଧିକ ଆଗ୍ରହ ରହିଛି। ଏଥିରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇଥିଲେ। ପ୍ରଫେସର ସିଂ ହିମାଚଳ ପ୍ରଦେଶ ବେସରକାରୀ ଶିକ୍ଷାନୁଷ୍ଠାନ ନିୟାମକ ଆୟୋଗର ସଦସ୍ୟ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କର ଶିକ୍ଷାଦାନରେ ୨୭ ବର୍ଷର ଅଭିଜ୍ଞତା ଥିବାବେଳେ ସେ ଦୁଇଟି ପୁସ୍ତକ ରଚନା କରିଛନ୍ତି।

### ଅଶ୍ଳୀଳ ଭିଡିଓ ପଠାଇ ଜଣେ ଗିରଫ

କାଶୀନଗର,୨୮।୪(ଡି.ଏନ.ଏ.): ଗଜପତି ଜିଲା କାଶୀନଗର ଅଞ୍ଚଳର ଜଣେ ମହିଳାଙ୍କ ମୋବାଇଲକୁ ଅଶ୍ଳୀଳ ଭିଡିଓ ପଠାଇବା ଅଭିଯୋଗରେ ପୋଲିସ ବୁଧବାର ଜଣେ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଦୁଷ୍ମନ୍ତ ନାୟକ। ଦୁଷ୍ମନ୍ତ ଅଶ୍ଳୀଳ ଭିଡିଓ ପଠାଉଥିବା ନେଇ ଗତ ଜାନୁୟାରୀ ୨୦ରେ ଥାନାରେ ମହିଳା ଏତଲା ଦେଇଥିଲେ। ୧୦/୨୧ରେ ମାମଲା ରୁଜୁ କରି ପୋଲିସ ଜଗତସିଂହପୁରରୁ ଦୁଷ୍ମନ୍ତଙ୍କୁ ଗିରଫ କରିଛି।

# ଜଳୁଛି ଆଭ୍ୟନ୍ତରୀଣ ଓଡ଼ିଶା

ଭୁବନେଶ୍ୱର,୨୮।୪(ବ୍ୟୁରୋ)



■୪୨ ଡିଗ୍ରୀ ଉପରେ ୬ ସହର
■ଝଡ଼ବର୍ଷା ସମ୍ଭାବନା

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଉପକୂଳ ଓଡ଼ିଶାରେ ତାତି ସାମାନ୍ୟ ହ୍ରାସ ପାଇଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶା ଉତ୍ତପ୍ତ ରହିଛି। ୬ ସହରରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଥିବା ବେଳେ ୧୫ ସହରରେ ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧରେ ସର୍ବାଧିକ ୪୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁରରେ ୪୨.୩, ଅନୁଗୋଳ ୪୨.୧, ସୁନ୍ଦରଗଡ଼ ୪୧.୫, ହୀରାକୁଦ ୪୨, ତାଳଚେର ୪୧.୬, ଭବାନୀପାଟଣା ୪୧.୫, ବଲାଙ୍ଗୀର ୪୨.୫, ଫୁଲବାଣୀ ୪୦, ଟିଟିଲାଗଡ଼ ୪୨, ମାଲକାନଗିରି ୪୦.୫, ସୋନପୁର ୪୧, ନୟାଗଡ଼ ୪୧, ପାରଳାଖେମୁଣ୍ଡି ୪୦, କଟକ ୩୯.୮, ଭୁବନେଶ୍ୱର ୩୯.୫ ଏବଂ ରାୟଗଡ଼ାରେ ସର୍ବୋଚ୍ଚ ତାପମାତ୍ରା ୩୮.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଉତ୍ତର ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଥିବାରୁ ରାଜ୍ୟରେ ତାତି ବୃଦ୍ଧିପାଇଛି। ସେହିପରି ବାୟୁ ମଣ୍ଡଳରେ ଆର୍ଦ୍ରତା ପରିମାଣ ୫୦ ପ୍ରତିଶତରୁ ୮୦ ପ୍ରତିଶତ ମଧ୍ୟରେ ରହୁଥିବାରୁ ଉପକୂଳ ଓଡ଼ିଶାରେ ତାତି ସାଙ୍ଗକୁ ଗୁଳୁଗୁଳି ମଧ୍ୟ ବଢ଼ିଯାଇଛି। ତେବେ ଗୁରୁବାର ଠାରୁ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, ନବରଙ୍ଗପୁର, ଗଜପତି, କନ୍ଧମାଳ, ରାୟଗଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୩୦ ତାରିଖରେ ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଗଜପତି, ମାଲକାନଗିରି ଏବଂ କୋରାପୁଟ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ସେହିପରି ମେ' ୧ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ୨ ତାରିଖରେ ରାୟଗଡ଼ା, କୋରାପୁଟ, ଗଜପତି, କନ୍ଧମାଳ, ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଏବଂ ୩ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି।

# ନର୍ସିଂ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ: ନିର୍ଦ୍ଦେଶକ ଗିରଫ

ଦେବଗଡ଼,୨୮।୪(ଡି.ଏନ୍.ଏ.)



ଗିରଫ ପ୍ରଶାନ୍ତ କୁମାର ସାହୁ।

ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ମିରିଗିଡିଆ ସାହିରେ ଥିବା ଘରୋଇ ନର୍ସିଂ ସ୍କୁଲର ଶିକ୍ଷୟିତ୍ରୀଙ୍କୁ ଉକ୍ତ ସ୍କୁଲର ନିର୍ଦ୍ଦେଶକ ବଳାତ୍କାର ଉଦ୍ୟମ ସହ ଜୀବନରେ ମାରିଦେବାର ପ୍ରୟାସ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୋଲିସ ନିର୍ଦ୍ଦେଶକ ପ୍ରଶାନ୍ତ ସାହୁଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି। ବୁଧବାର ପ୍ରଶାନ୍ତଙ୍କୁ ଗିରଫ କରାଯାଇଥିବା ଦେବଗଡ଼ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ ରିଆମାଳ ଥାନା ଅନ୍ତର୍ଗତ ଟିଙ୍କବିର ଗ୍ରାମର ପ୍ରଶାନ୍ତ ମିରିଗିଡିଆ ସାହିରେ ଏକ ନର୍ସିଂ ସ୍କୁଲ କରିଥିଲେ। ଏହି କଲେଜରେ ଜଣେ ମହିଳା ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସ୍କୁଲ ପାଇଁ ଏକ ଗାଡି କିଣିବା ଲାଗି ନିର୍ଦ୍ଦେଶକ ପ୍ରଶାନ୍ତ ଉକ୍ତ ମହିଳା କର୍ମଚାରୀଙ୍କଠାରୁ ୨ଲକ୍ଷ ଟଙ୍କା ଧାର ଆକାରରେ ନେବା ସହ ୨ ମାସ ଭିତରେ ଫେରସ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନିର୍ଦ୍ଦେଶକ ଶିକ୍ଷୟିତ୍ରୀଙ୍କଠାରୁ ମାର୍ଚ୍ଚ ୧୦ରେ ସ୍କୁଲ ଛାତ୍ରୀଙ୍କ ଜମାଥିବା ଟଙ୍କାରୁ ୭୦ ହଜାର ମାଗିଥିଲେ। ଶିକ୍ଷୟିତ୍ରୀ ଜଣକ ପ୍ରଶାନ୍ତଙ୍କୁ ମୋଟ ୨ଲକ୍ଷ ୭୦ ହଜାର ଟଙ୍କା ଦେଲା ପରେ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ତେବେ ଗତ ମାର୍ଚ୍ଚ ୧୬ରେ ପ୍ରଶାନ୍ତ ନିଜ ଗ୍ରାମ ଟିଙ୍କବିରରୁ ନର୍ସିଂ ସ୍କୁଲରେ ପହଞ୍ଚିବା ପରେ ଶିକ୍ଷୟିତ୍ରୀ ଜଣକ ଟଙ୍କା ମାଗିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରଶାନ୍ତ ଶିକ୍ଷୟିତ୍ରୀଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଶିକ୍ଷୟିତ୍ରୀ ସ୍କୁଲରୁ ନିଜ ରୁମ୍‌କୁ ଫେରିବା ପରେ ପ୍ରଶାନ୍ତ ସେଠାରେ ପହଞ୍ଚି କୋଠରି ମଧ୍ୟକୁ ପଶି ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଶିକ୍ଷୟିତ୍ରୀ ଜଣକ ଏହାର ପ୍ରତିବାଦ କରିବାରୁ ପ୍ରଶାନ୍ତ ତାଙ୍କ ଗାଲ, ଓଠକୁ କାମୁଡି ଛିଣ୍ଡାଇ ଦେବା ସହ ବେକକୁ ଚିପି ଦେବାକୁ ଉଦ୍ୟମ କରିଥିଲେ। ସେ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କୁ ନେଇ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତିକରି ପଳାଇ ଆସିଥିଲେ। ଶିକ୍ଷୟିତ୍ରୀ ଚିକିତ୍ସିତ ହୋଇ ଫେରିବା ପରେ ମଙ୍ଗଳବାର ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ନଂ (୧୦୮/୨୧) ରୁଜୁ କରିଛି।

# ସତର୍କ ରହିଲେ ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

**ଦ୍ୱିତୀୟ ଲହରର ବେଗ ଅଧିକ**

■ନେଗେଟିଭ୍ ସତ୍ତ୍ୱେ ଲକ୍ଷଣ ଥିଲେ ଆଉଥରେ ଟେଷ୍ଟ ଆବଶ୍ୟକ
■ରିପୋର୍ଟ ଆସିବା ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବାକୁ ପରାମର୍ଶ

ରାଜ୍ୟରେ ବଢୁଥିବା କୋଭିଡ୍ ସଂକ୍ରମଣ ଭିତରେ ବୁଧବାର ରାଜ୍ୟବାସୀଙ୍କ ବିଭିନ୍ନ ଦ୍ୱନ୍ଦ୍ୱ ଦୂର କରିଛନ୍ତି ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଦ୍ୱିତୀୟ ଲହରରେ ଲୋକମାନେ କିପରି ସୁରକ୍ଷିତ ରହିବେ ସେ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ରଖିଛନ୍ତି। ସେ କହିଛନ୍ତି, ଅଧିକାଂଶ ସମୟରେ ଦେଖାଯାଇଛି ଗୋଟିଏ ମହାମାରୀର ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହରର ବେଗ ଅଧିକ ଥାଏ। ସଂକ୍ରମଣ ଶୀଘ୍ର ବ୍ୟାପିଥାଏ। ଏଥର କରୋନା ସଂକ୍ରମଣ ବଢ଼ିବାର ଏକାଧିକ କାରଣ ରହିଛି। କରୋନାର ଏକାଧିକ ରୂପ ଯୋଗୁ ସଂକ୍ରମଣ ବଢୁଛି। ଲୋକଙ୍କ ସତର୍କତା କମିବା ମଧ୍ୟ ସଂକ୍ରମଣ ବଢ଼ିବାର ଅନ୍ୟତମ କାରଣ। କିନ୍ତୁ ଆମେ ପୂର୍ବଭଳି ସତର୍କ ରହିଲେ ସଂକ୍ରମଣର ଶୃଙ୍ଖଳା ଭାଙ୍ଗିବ। ତେଣୁ ସମସ୍ତେ ଅଧିକ ସଚେତନ, ସତର୍କ ରହିବା ନିହାତି ଆବଶ୍ୟକ। ଏଥିସହ ଯଦି କାହା ପାଖରେ କୋଭିଡ୍‌ର ଲକ୍ଷଣ ପ୍ରକାଶ ପାଉଛି, ତେବେ ସେ ତୁରନ୍ତ ଯାଇ ପରୀକ୍ଷା କରାଇନେବା ଉଚିତ୍। ଟିକା ନେଇ ମଧ୍ୟ କୋଭିଡ୍ ରୋଗୀଙ୍କ ସଂସ୍ପର୍ଶରେ ଆସିଲେ ନିଜକୁ ସଙ୍ଗରୋଧରେ ରଖିବା ସହିତ ୩ ରୁ ୫ ଦିନ ମଧ୍ୟରେ ପରୀକ୍ଷା କରାନ୍ତୁ। ଟେଷ୍ଟ ରିପୋର୍ଟ ନେଗେଟିଭ ଥିଲେ ବି ଯଦି ଲକ୍ଷଣ ଜାରି ରହୁଛି, ତେବେ ଆଉଥରେ ପରୀକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ଜଣେ ବ୍ୟକ୍ତି ନିଜର ନମୁନା ପରୀକ୍ଷା ପାଇଁ ଦେଇଥିଲେ ରିପୋର୍ଟ ଆସିବା ପର୍ଯ୍ୟନ୍ତ ନିଜକୁ ସଙ୍ଗରୋଧରେ ରଖନ୍ତୁ। କୋଭିଡ୍‌ର ସମସ୍ତ ନିୟମ ପାଳନ କରିବା ସହିତ ମାସ୍କ ଓ ସାମାଜିକ ଦୂରତା ପାଳନ କରିବାକୁ ଡା. ପତି ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଆବଶ୍ୟକସ୍ଥଳେ ଲୋକମାନେ ୧୦୪ ଓ ୧୯୨୯ ନମ୍ବରକୁ ଡାଏଲ କରିବା ସହିତ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ଗୋଟିଏ ପରିବାରର ସମସ୍ତେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଲେ ସେମାନେ ସମସ୍ତେ ସାଙ୍ଗ ହୋଇ ରହିପାରିବେ। ହେଲେ ଏହି ସମୟରେ ସେମାନେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ପାଳନ କରିବାକୁ ସେ କହିଛନ୍ତି।

# ପେନ୍‌ସନ ଅଦାଲତ ଅଭିଯୋଗ ଅବଧି ମେ'୧୫କୁ ବଢ଼ିଲା

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପେନ୍‌ସନ ସମ୍ବନ୍ଧିତ ଅଭିଯୋଗର ତୁରନ୍ତ ସମାଧାନ ନିମନ୍ତେ କରାଯାଇଥିବା ସ୍ୱତନ୍ତ୍ର ଅଦାଲତ ଅଭିଯୋଗ ଗ୍ରହଣ ଅବଧି ବୃଦ୍ଧି କରାଯାଇଛି। ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଏହି ସୂଚନା ଦେଇଛନ୍ତି। ଅନ୍‌ଲାଇନରେ ଏଥିପାଇଁ ଦରଖାସ୍ତ ଗ୍ରହଣ ଅବଧି ଏପ୍ରିଲ୍ ୩୦କୁ ଧାର୍ଯ୍ୟ କରାଯାଇଥିଲା । ଏହାକୁ ମେ' ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଚୋପ୍ରା ସ୍ପଷ୍ଟ କରିଛନ୍ତି, ଯେଉଁ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିରୋଧରେ ଫୌଜଦାରି, ଭିଜିଲାନ୍ସ ବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ବିଭାଗୀୟ ପ୍ରୋସିଡିଂ ଆଦି ନାହିଁ ସେମାନେ ଏହି ପେନ୍‌ସନ ଅଦାଲତର ସୁଯୋଗ ନେଇପାରିବେ । ଦରଖାସ୍ତ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ୍(http://pension.hrmsodisha.gov.i) ମାଧ୍ୟମରେ ଗ୍ରହଣ କରାଯିବ । ଏହି ସମୟ ମଧ୍ୟରେ ମିଳିଥିବା ଦରଖାସ୍ତ ବାବଦରେ ସ୍ୱୀକୃତିପତ୍ର ଅନ୍‌ଲାଇନ ଜରିଆରେ ଦରଖାସ୍ତକାରୀଙ୍କୁ ମିଳିବ । ନିଷ୍ପତ୍ତି ବାବଦ ସୂଚନା ମଧ୍ୟ ଦରଖାସ୍ତକାରୀଙ୍କୁ ଇମେଲ୍, ଏସ୍‌ଏମ୍‌ଏସ୍ ଏବଂ ଅନ୍‌ଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯିବ । ଯେଉଁ ଦରଖାସ୍ତଗୁଡ଼ିକର ସମାଧାନ ପେନ୍‌ସନ ମଞ୍ଜୁର କର୍ତ୍ତୃପକ୍ଷଙ୍କ ସ୍ତରରେ ହୋଇ ନ ପାରିବ ସେ ସେଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଇଦେବେ । ପରବର୍ତ୍ତୀ ସମୟରେ ଏହି ଅସମାଧିତ ଦରଖାସ୍ତଗୁଡ଼ିକର ବିଚାର ପାଇଁ ମୁଖ୍ୟ ଶାସନ ସଚିବ ଏବଂ ଅତିରିକ୍ତ ଶାସନ ସଚିବଙ୍କ ସ୍ତରରେ ସ୍ୱତନ୍ତ୍ର ଅଦାଲତ ଅନୁଷ୍ଠିତ ହେବ । ଏହି ଅଦାଲତରେ ଶୁଣାଣି ତାରିଖ ଓ ନୋଟିସ୍ ଆଦି ମଧ୍ୟ ସମ୍ପୃକ୍ତ କର୍ମଚାରୀଙ୍କୁ ଇମେଲ୍ ବା ଏସ୍‌ଏମ୍‌ଏସ୍ ମାଧ୍ୟମରେ ଜଣାଇ ଦିଆଯିବ । ଅନ୍‌ଲାଇନ ଦରଖାସ୍ତ ପଞ୍ଜୀକରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଲେ ସିଏମ୍‌ଜିଆଇ ହେଲ୍‌ପ ଲାଇନ୍ ନମ୍ବର ମାଧ୍ୟମରେ ସହାୟତା ନେବା ପାଇଁ ଅତିରିକ୍ତ ଶାସନ ସଚିବ ଅବନୀକାନ୍ତ ପଟ୍ଟନାୟକ ଜଣାଇଛନ୍ତି। ଏଥିପାଇଁ (୦୬୭୪)୨୫୭୦୧୫୦ ଏବଂ ୨୫୭୨୪୧୦ ଦୁଇଟି ନମ୍ବରର ବ୍ୟବସ୍ଥା କରାଯାଇଛି । ସମସ୍ତ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଏହି ବ୍ୟବସ୍ଥାର ସୁଯୋଗ ନେଇ ନିଜ ନିଜ ପେନ୍‌ସନ ମଞ୍ଜୁରୀ କାର୍ଯ୍ୟ ଠିକ୍ ଭାବେ କରାଇ ନେବା ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚୋପ୍ରା ଅନୁରୋଧ କରିଛନ୍ତି ।

# ପୁରୀରେ ପହଞ୍ଚିଲା ପଞ୍ଚମ ପର୍ଯ୍ୟାୟ ରଥକାଠ



ପୁରୀ ଅଫିସ, ୨୮।୪

ଶ୍ରୀକ୍ଷେତ୍ରର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପଞ୍ଚମ ପର୍ଯ୍ୟାୟରେ ନୟାଗଡ଼ ବନଖଣ୍ଡରୁ ୧୨ଖଣ୍ଡ ଫାସିକାଠ ବୁଧବାର ଗୋଟିଏ ଟ୍ରକରେ ଆସି ପୁରୀ ବଡ଼ଦାଣ୍ଡରେ ପହଞ୍ଚିଛି। କାଠଗୁଡ଼ିକୁ ଶ୍ରୀନଅର ସମ୍ମୁଖରେ ନିର୍ମାଣ ହେବାକୁ ଥିବା ରଥଖଳା ନିକଟରେ ରଖାଯାଇଛି। ଏହି ଫାସିକାଠରେ ତିନିରଥର ଚକ ପାଇଁ ତୁମ୍ବ ନିର୍ମାଣ କରାଯିବ। ତିନିରଥ ପାଇଁ ମୋଟ ୪୨ଟି ଚକ ନିର୍ମାଣ କରାଯାଇଥାଏ। ମଙ୍ଗଳବାର ବୌଦ୍ଧ ବନଖଣ୍ଡରୁ ଚତୁର୍ଥ ପର୍ଯ୍ୟାୟରେ ୯୬ ଖଣ୍ଡ କାଠ ଆସିଥିଲା। ବୁଧବାର ସୁଦ୍ଧା ପୁରୀରେ ମୋଟ ୧୮୭ ଖଣ୍ଡ କାଠ ପହଞ୍ଚି ସାରିଲାଣି। ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷର ୬୯ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତବର୍ଷ ରଥଯାତ୍ରା ପାଇଁ ଆଉ ୭୯୬ ଖଣ୍ଡ କାଠ ଆବଶ୍ୟକ। ବଳକା କାଠ ପର୍ଯ୍ୟାୟ କ୍ରମେ ଆସିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କଟକ ଖପୁରିଆସ୍ଥିତ କରତକଳକୁ ୩୬୦ ଖଣ୍ଡ କାଠ ପଠାସରିଛି। ଗତ ସରସ୍ୱତୀ ପୂଜାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ତିନୋଟି କାଠକୁ ପାରମ୍ପରିକ ବିଧିରେ ପୂଜାର୍ଚ୍ଚନା କରାଯାଇଥିଲା। ଆସନ୍ତା ଅକ୍ଷୟତୃତୀୟାରେ ତିନି ରଥ ନିର୍ମାଣ ଶୁଭାରମ୍ଭ ହେବାର ବିଧି ରହିଛି। ରଥ ନିର୍ମାଣ ସମୟରେ ପ୍ରଥମେ ତିନିରଥ ଚକ ପାଇଁ ତୁମ୍ବ ନିର୍ମାଣ କରାଯାଇଥାଏ। ଶ୍ରୀରାମ ନବମୀଠାରୁ ଖପୁରିଆ କରତକଳରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

## କରୋନାରେ ଡାକ୍ତର ପୀତାମ୍ବର ଖାଡେଙ୍ଗାଙ୍କ ମୃତ୍ୟୁ



ସୋରଡା,୨୮।୪(ଡି.ଏନ୍.ଏ.)–ଗଞ୍ଜାମ ଜିଲା ସୋରଡ଼ା ଅଞ୍ଚଳର ଖ୍ୟାତନାମା ଡାକ୍ତର ପୀତାମ୍ବର ଖାଡେଙ୍ଗା (୭୯)ଙ୍କର ବୁଧବାର କରୋନାରେ ମୃତ୍ୟୁ ଘଟିଛି। ସେ ଗତ ୮ ତାରିଖରେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏମ୍ସ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ପରେ ରିପୋର୍ଟ ପଜିଟିଭ୍ ବାହାରିବାରୁ ସେ ଚିକିତ୍ସିତ ହେଉଥିଲେ। ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ତାଙ୍କର ମୃତ୍ୟୁ ଘଟିଥିବା ବଡଭାଇ ଦଣ୍ଡପାଣି ଖାଡେଙ୍ଗା ସୂଚନା ଦେଇଛନ୍ତି। ସୋରଡ଼ାରେ ଦୀର୍ଘ ୩୫ ବର୍ଷ ହେଲା ଏକ ଡାକ୍ତରଖାନା ଖୋଲି ପୀତାମ୍ବର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିଲେ। ୩୦ ବର୍ଷ ହେଲା ଏଠାରେ ଲାୟନ୍ସ କ୍ଲବ ଭଳି ସେବା ସଙ୍ଗଠନ ଖୋଲିଥିଲେ। ତାଙ୍କ ବିୟୋଗରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ ଓ ଅନ୍ୟମାନେ ଶୋକପ୍ରକାଶ କରିଛନ୍ତି।

## ଶ୍ରମିକ ଦିବସରୁ ଚାଲିବ ମୈଥାନ କାରଖାନା

କଳିଙ୍ଗନଗର,୨୮।୪(ଡି.ଏନ.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳ ମୈଥାନ ଇସ୍ପାତ କାରଖାନାର ମାଲିକାନା ବଦଳିବା ପରେ ଏହା ମେ'ପ୍ରଥମ ସପ୍ତାହରୁ ଚାଲିବ ବୋଲି ସୂଚନା ମିଳିଛି। ମେ'୧ରୁ କାରଖାନାରେ ଅଳ୍ପ କର୍ମଚାରୀଙ୍କୁ ନେଇ ମେଣ୍ଟେନାନ୍ସ କାମ ଆରମ୍ଭ ହେବ। ପରବର୍ତ୍ତୀ ଅବସ୍ଥାରେ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। କ୍ଷତିରେ ଚାଲୁଥିବା ଆଳ ଦେଖାଇ ଡିସେମ୍ବର ୨୦୧୮ରୁ ମୈଥାନ କର୍ତ୍ତୃପକ୍ଷ କାରଖାନାକୁ ବନ୍ଦ ରଖିଥିଲେ। ଅନ୍ୟପକ୍ଷରେ କାରଖାନାର କର୍ମଚାରୀ ଏବଂ ଠିକା କର୍ମଚାରୀ ମିଶି ପ୍ରାୟ ୯୫୫ କର୍ମଚାରୀଙ୍କ ୨୬ ମାସର ବକେୟା ଦରମା ରହିଛି। କର୍ମଚାରୀମାନେ ବହୁ ଦୁର୍ଦ୍ଦିନରେ ପରିବାର ପ୍ରତିପୋଷଣ କରୁଥିବାବେଳେ ମାତ୍ର ୮୩ ଜଣଙ୍କୁ ମାସକର ଦରମା ଦିଆଯାଇଛି। ଏନେଇ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIKASHA FINANCE**
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କେଶିଟ୍, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279, 7656825022
Retamunda, Bhatigaon, Baragarh

**FREE ADMISSION**
Under R.T.E. Act 25% reservation Saraswati Shishu Vidya Mandira, Plot No. 4046, Shre Gita Khetra, Pandara
For Std. - I only.
Ph. No. 9337764632
(S.C., S.T., OBC, Ration Card Holder and other Group under R.T.E. can apply).

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**OFFICE OF THE NOTIFIED AREA COUNCIL, BOUDHGARH**
e-mail: boudhgarhnac@yahoo.co.in, Ph. No.- 06841-222024
Letter No. 1749 Date the 27.4.2021
**QUOTATION CALL NOTICE**
No. C-174:- Sealed Quotations are invited from the General Order Supplier / Authorised Dealer / Contractor having PAN Card up to date GST Registration Certificate for **Supplying, Installation and Commissioning of Music System for open space development from Matangeswar Mandir to Master Line Community Centre in Ward No.-09** of Boudhgarh NAC. The details of Music System items given below. The quotationer can inspect the proposed side of Matangeswar Mandir to Master Line Community Centre on any day from **8.00** AM to **7.00** PM before quoted the rate. The quotation paper will be available in the Office of the undersigned, which can be purchased on payment of Rs.600/- (Rupees Six hundred) only in any working day from dt.**28.04.2021 to 05.05.2021** upto 11.30 A.M. The quotation should be reached at Office of the NAC Boudhgarh through Speed Post/Regd. Post or in person on or before dt.05.05.2021 by **12.00 PM** and same will be opened on same day at **12.30 P.M.** in presence of quotationer or their authorized agent who may wish to attend. The rate should be quoted inclusive all taxes. The payment will be made after inspection and successful functioning of playing Music equipments after receipt of Bill. The quotation Paper will be accompanied with the Registration Certificate and Company Catalogue for the approved make/ Brand of the equipments failing which the quotation will be liable for rejection. The quotationer quote their rate for Annual maintenance cost of all the equipment separately for three year.
The authority reserves the right to accept or reject any or all quotation without assigning any reason thereof.
**Sd./- Executive Officer, Boudhgarh N.A.C.**
OIPR-13155/11/0001/2122

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, DEOGARH**
No.O-102 **E-mail ID-eerw_deogarh@yahoo.co.in**
**E-Procurement Notice**
**BID IDENTIFICATION NO. EEDGH-online-01/2021-22**
1. **Name of work: Road works:- (01 No)**
2. **Estimated Cost:-** Rs.48.30 lakhs
3. **Mode of submission of tender:-** Tender shall be sumitted online in www.tenders.ori.nic.in
4. **Availability of tender for online bidding:- 01.05.2021**, 11.00 AM to **10.05.2021** upto 5.00 PM
5. **Date and time of opening of tender:-** 13.05.2021, 11.00 AM
6. Other details can be seen from the website www.tenders.ori.nic.in
7. Corrigendum / Addendum if any shall only be published in the above website.
**Sd./- Satyabrata Mohanty**
**Executive Engineer, R.W. Division, Deogarh**
OIPR-25087/11/0001/2122

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
**e-Procurement Notice for Bridge Works**
**Identification No. Bridge Online NCB No.304**
**No.1868 // Date:26.04.2021**
No.O-110:- 1. Name of the work : Construction of Bridge work Under BSY for Balance work. 2. Total no. of work : 02 (Two) Nos. 3. Estimated Cost : As per Annexure. 4. Class of contractor : As per Annexure. 5. Period of Completion : As per Annexure. 6. Other details

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Bridge Online NCB No.304 | Dt.04.05.21 at 11.00 A.M. | Dt.19.05.21 upto 5.00 P.M. | Dt.18.05.21 upto 5.00 P.M. | Dt.20.05.21 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in.
**Sd./- P.K. Misra, Superintending Engineer, N.E.R.W. Circle, Keonjhar**
OIPR-25048/11/0006/2122

**OFFICE OF THE MEDICAL OFFICER**
**I/C, CHC, LAXMIPUR, KORAPUT**
**BLOCK PROGRAMME MANAGEMENT UNIT**
**NATIONAL HEALTH MISSION**
**E-mail: nhm.laxmipur2020@gmail.com**
Notice No.287/ BPMU/NHM/2021 Date: 28.04.2021
**NOTICE FOR HIRING TENDER OF VEHICLE FOR BPMU, CHC, LAXMIPUR**
No.E-67:- Sealed proposals as per the prescribed RFP document are invited from interested eligible bidders (Private individuals / Tour operators / Travel Agency / Society / Firm) for hiring of vehicles (1 for BPMU and 2 MHT) at CHC, Laxmipur on a monthly basis for implementation of the National Health Mission Programmes, Under CHC, Laxmipur. The eligibility criteria, the terms of reference and the formats for submission of bid are setforth in the RFP document, which can be available in BPMU CHC, Laxmipur during the office hour as well as the same can be downloaded from district website (www.koraput.nic.in). Interested bidders fulfilling the eligibility criteria may submit their proposals with EMD & documents as per RFP. The bidders have to submit their proposals with all required documents should reach O/o-Medical Officer, Incharge CHC, Laxmipur At- Laxmipur, P.O.- Laxmipur, Dist.- Koraput on or before 21.05.2021 by Registered Post or Speed Post or Courier. The technical & financial bid shall be opened in presence of the bidders on 24.05.2021 at 11 A.M. at the Office Chamber, Medical Officer I/C, CHC Laxmipur, Koraput. The undersigned reserves the right to reject any or all the proposals without assigning any reason thereof.
**Sd./- Medical Officer I/C, CHC, Laxmipur**
OIPR-10077/11/0005/2122

ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ୨୯ ଏପ୍ରିଲ, ୨୦୨୧

## ଶନି, ରବିବାରରେ ବଜାର ବନ୍ଦ

କ.ନୂଆଗାଁ, (ଡି.ଏନ୍.ଏ.)-କ.ନୂଆଗାଁ ବ୍ଲକରେ କରୋନା ସଂକ୍ରମଣ ବୃଦ୍ଧିକୁ ରୋକିବା ଉଦ୍ଦେଶ୍ୟରେ ବୁଧବାର ବିଡିଓ, ତହସିଲଦାର ଓ ବଣିକ ସଂଘଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ବ୍ୟବସାୟୀ ମାସ୍କ ପିନ୍ଧିବା ସହ ଗ୍ରାହକମାନଙ୍କୁ ମାସ୍କ ପିନ୍ଧିବା ପାଇଁ ସଚେତନ କରିବା, ସାମାଜିକ ଦୂରତା ରକ୍ଷା କରିବା ସହ ଅଞ୍ଚଳବାସୀ ତଥା ବ୍ୟବସାୟୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଧ୍ୟାନ ଦେଇ ପ୍ରତି ଶନିବାର ଓ ରବିବାର ବଜାର ବନ୍ଦ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ବିଡିଓ ଶରତ କୁମାର ପାତ୍ର, ତହସିଲଦାର ମନୋଜ କୁମାର ଦେବତା, ବ୍ୟବସାୟୀ ପଣ୍ଡିତ କୁମାର ବିଶମାଝି, ସୁବାସ ଚନ୍ଦ୍ର ମହାରଣା, ବସନ୍ତ କୁମାର ସାହୁ, ଫକୀର ମୋହନ ଦାସ, ଲୁଲୁ ସାହୁ, ରଞ୍ଜିତ କୁମାର ପଣ୍ଡା, ସଞ୍ଜୟ କୁମାର ସାହୁ, ପ୍ରଫୁଲ୍ଲ କୁମାର ପଣ୍ଡା, ରାଜେନ୍ଦ୍ର କୁମାର ମହାକୁଡ଼ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ୧୮ ଖଣ୍ଡ ମୂଲ୍ୟବାନ୍ କାଠଗଣ୍ଡି ଜବତ

**କାଶୀନଗର,୨୮।୪(ଡି.ଏନ.ଏ.):** କାଶୀନଗର ଥାନା ପୋଲିସ ରାତ୍ରି ପାଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ ଆର୍‌ଏମ୍‌ସି ଗୋଦାମ ନିକଟ ଠାକୁରାଣୀ ମନ୍ଦିରଠାରେ ୧୮ ଖଣ୍ଡ ମୂଲ୍ୟବାନ କାଠଗଣ୍ଡି ଜବତ କରିଛି। ଏହି କାଠ ଗୋଟିଏ ଶଗଡ଼ରେ ଯାଉଥିବା ବେଳେ ପୋଲିସ ଜବତ କରି ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟର ଫରେଷ୍ଟରଙ୍କୁ ହସ୍ତାନ୍ତର କରିଛି। ଶଗଡ଼ିଆ କାଠ ଛାଡ଼ି ଫେରାର ହୋଇଯାଇଥିବା ସୂଚନା ମିଳିଛି।

### ଅର୍ଥନୀତି, ଗୃହ ବିଜ୍ଞାନ ବିଭାଗର ୱେବିନାର

**ଆସିକା,୨୮।୪(ଡି.ଏନ.ଏ.):** ଆସିକା ସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଅର୍ଥନୀତି ଓ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ୱେବିନାର ଅନୁଷ୍ଠିତ ହୋଇଥିଲା। ଅର୍ଥନୀତି ବିଭାଗ ପକ୍ଷରୁ କରୋନା ପରିସ୍ଥିତିରେ ଦେଶର ଜନସାଧାରଣଙ୍କ ଜୀବନ ଜୀବିକା ବିଷୟ ଉପରେ ଡ. ଜ୍ଞାନ ରଞ୍ଜନ ମହାନ୍ତି ମୁଖ୍ୟବକ୍ତା ରୂପେ ଯୋଗଦେଇ ଆଲୋଚନା କରିଥିଲେ। ଗୃହ ବିଜ୍ଞାନ ପକ୍ଷରୁ ନ୍ୟୁଟ୍ରିଶନ ଫର ଇମ୍ୟୁନିଟି ବିଷୟ ବସ୍ତୁ ଉପରେ ବିଜୟତା ପ୍ରିୟଦର୍ଶିନୀ ମୁଖ୍ୟବକ୍ତା ରୂପେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କଲେଜ ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଡକେଓମ ନାରାୟଣ ରାଓ ସଂଯୋଜନା କରିଥିଲେ।

### ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ, ଜଣେ ଗିରଫ

**ପୁରୁଷୋତ୍ତମପୁର,୨୮।୪(ଡି.ଏନ.ଏ.):** ପୁରୁଷୋତ୍ତମପୁର ପୋଲିସ ପକ୍ଷରୁ ତାରାତାରିଣୀ ଛକଠାରେ ଏକ ତେଜରାତି ଦୋକାନ ଉପରେ ମଙ୍ଗଳବାର ରାତିରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗୁଟ୍‌ଖା ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଦୋକାନ ମାଲିକ ପ୍ରଭାକର ସାହୁଙ୍କୁ ଗିରଫ କରାଯାଇଛି। ଏନେଇ ସ୍ଥାନୀୟ ଥାନାରେ ନଂ. ୧୮୦/୨୧ରେ ମାମଲା ରୁଜୁ ହୋଇଛି। ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି ଯେ ଏଏସ୍‌ଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀ ଓ ପୋଲିସ କର୍ମଚାରୀମାନେ ପାଟ୍ରୋଲିଂ କରିବା ସମୟରେ ଉକ୍ତ ଦୋକାନ ଉପରେ ଚଢ଼ାଉ କରିଥିଲେ। ସେଠାରୁ ୪୧ ବଡ ଜରି ବସ୍ତାରେ ଭର୍ତ୍ତି ହୋଇ ବିଭିନ୍ନ ପ୍ରକାର ଗୁଟ୍‌ଖା, ଖଇନି ଆଦି ୨ ହଜାର ୮୪ ପ୍ୟାକେଟ ରହିଥିଲା।

### ମରଣଯନ୍ତା ପାଲଟିଛି ମୁଖ୍ୟ ରାସ୍ତା

**ନୂଆଗଡ଼,୨୮।୪:** ନୂଆଗଡ ଠାରୁ କେରେଡାଙ୍ଗ ସଂଯୋଗ ହୋଇଥିବା ଆରଡି ରାସ୍ତା କାମ ଦୀର୍ଘ ବର୍ଷ ହେବ ଅଧପନ୍ତରିଆ ହୋଇ ପଡ଼ିରହିଛି। ଠିକାଦାରଙ୍କ ଦେଖା ନାହିଁ। ସେହି ରାସ୍ତାରେ ଚାରି ଚକିଆ ଯାନ ଯିବା ଦୂରର କଥା ସାଇକେଲ ଯିବା ମଧ୍ୟ ସମ୍ଭବ ନୁହେଁ। ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ହୋଇନଥିବାରୁ କିଛିଦିନ ତଳେ ଏକ ବାଇକ୍ ଦୁର୍ଘଟଣାରେ ଦୁଇଜଣ ପ୍ରାଣ ହରାଇଥିବା ସ୍ଥାନୀୟବାସୀ କହିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ପି.ଆନ୍ତରଡ଼ା ଗ୍ରାମ ନିକଟବର୍ତ୍ତୀ ପୋଲଟି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏ ନେଇ ଅଞ୍ଚଳବାସୀ ପ୍ରଶାସନକୁ ଜଣାଇବା ପରେ ମଧ୍ୟ ସୁଫଳ ମିଳୁନି।

# ପ୍ରତି ପଞ୍ଚାୟତକୁ ୧ ଲକ୍ଷ ଶ୍ରମଦିବସ ଟାର୍ଗେଟ

■ପଞ୍ଚାୟତିରାଜ ପ୍ରତିନିଧିଙ୍କ ସହ ଜିଲାପାଳଙ୍କ ଆଲୋଚନା

■ ସହରକୁ ଗ୍ରାମାଞ୍ଚଳ ଲୋକ ନ ଆସିବାକୁ ଅନୁରୋଧ

**ଛତ୍ରପୁର,୨୮।୪(ଡି.ଏନ.ଏ)**

ଗଞ୍ଜାମ ଜିଲାରେ କୋଭିଡ୍ ନିୟନ୍ତ୍ରଣ ଲାଗି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ସହଯୋଗ କାମନା କରିଛନ୍ତି। ଜିଲାପାଳ ଭଞ୍ଜନଗର ଉପଖଣ୍ଡର ସମସ୍ତ ବ୍ଲକରେ ସ୍ଥିତି ସମୀକ୍ଷା କରିବା ପରେ ବୁଧବାର ଛତ୍ରପୁର ଉପଖଣ୍ଡ ଅଧୀନ ସମସ୍ତ ବ୍ଲକ ଗସ୍ତ କରିଥିଲେ। ପ୍ରତି ବ୍ଲକରେ ବିଡିଓ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧିକାରୀ ଓ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ସହ କୋଭିଡ୍ ମୁକାବିଲା ନେଇ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ପ୍ରବାସୀମାନେ ଫେରିଲେ ୧୪ ଦିନ ଘରେ ସଙ୍ଗରୋଧରେ ରହିବେ। ସେମାନଙ୍କ ପଞ୍ଜୀକରଣ ବାଧ୍ୟତାମୂଳକ ବୋଲି ଜିଲାପାଳ କହିଥିଲେ । କେହି ପ୍ରବାସୀ ନିୟମ ନ ମାନି ବାହାରେ ବୁଲିଲେ ସେମାନଙ୍କ ନାମ ଜଣାନ୍ତୁ , ସେମାନଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏତଲା ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଏବେ ଜିଲାର ସହରାଞ୍ଚଳଗୁଡ଼ିକରେ କରୋନା ସଂକ୍ରମଣ ବଢ଼ୁଛି । ଏଣୁ ଗ୍ରାମାଞ୍ଚଳର ଜନସାଧାରଣ ସହରକୁ ନ ଆସିବାକୁ ଜିଲାପାଳ ଅନୁରୋଧ କରଛନ୍ତି। ଏଥିନେଇ ଲୋକଙ୍କୁ ପ୍ରବର୍ତ୍ତାଇବାକୁ ଜିଲାପାଳଙ୍କ ପକ୍ଷରୁ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ଅନୁରୋଧ କରାଯାଇଥିଲା । ଜିଲାପାଳ ଆହୁରି କହିଥିଲେ, ଗାଁ କୁ ସୁରକ୍ଷିତ ରଖିବା ସରପଞ୍ଚମାନଙ୍କ ମୁଖ୍ୟ ଦାୟିତ୍ୱ । ମୋ ପଞ୍ଚାୟତ ମୋ ଦାୟିତ୍ୱ ସମ୍ପର୍କରେ ଜିଲାପାଳ କହିବା ସହ ସାମାନ୍ୟ ଦେହ ଖରାପ ହେଲେ ବ୍ରହ୍ମପୁର ଏମକେସିଜି ନ ଯାଇ ଅତି ଆବଶ୍ୟକ ପଡ଼ିଲେ ଯିବାକୁ ପରାମର୍ଶ ଦେଇଥିଲେ । ରେଡ୍ ଓ କଣ୍ଟେନମେଣ୍ଟ ଜୋନ୍‌କୁ କିଭଳି ଗ୍ରୀନ୍ ଜୋନ୍ କରାଯିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ପୋଖରୀରେ ଗାଧୋଇବାକୁ ବାରଣ କରାଯାଇଛି। ଘରେ ସୁବିଧା ନ ଥିଲେ ଟିଏମସିରେ ଆଇସୋଲେଶନରେ ରହିବାକୁ କୁହାଯାଇଛି । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପ୍ରତି ପଞ୍ଚାୟତକୁ ୧ ଲକ୍ଷ ଶ୍ରମଦିବସ ସୃଷ୍ଟି ପାଇଁ ଜିଲାପାଳ ଟାର୍ଗେଟ ଦେଇଛନ୍ତି। ପାନୀୟଜଳ ସମସ୍ୟା ସମାଧାନ ସମୟସୀମା ମଧ୍ୟରେ କରିବା ଏବଂ ନଳକୂପ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଚାଷୀମାନଙ୍କୁ ଋଣ ପ୍ରଦାନ, ବିହନ ଓ ୟୁରିଆ ବଣ୍ଟନ ନେଇ ପ୍ଲାନିଂ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଛତ୍ରପୁର ବ୍ଲକରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ବିଡିଓ ଅମ୍ବିକା ପ୍ରସାଦ ଦାଶ, ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀଙ୍କ ସମେତ ପଞ୍ଚାୟତିରାଜ ପ୍ରତିନିଧି ଓ ଅଧିକାରୀମାନେ ଉପସ୍ଥିତ ଥିଲେ । ସେହିପରି ଜିଲାପାଳ ଗଞ୍ଜାମ, ବେଗୁନିଆପଡ଼ା, ପୁରୁଷୋତ୍ତମପୁର, ଖଲ୍ଲିକୋଟ ବ୍ଲକରେ ମଧ୍ୟ କୋଭିଡ ସ୍ଥିତି ସମୀକ୍ଷା କରିଛନ୍ତି। ସନ୍ଧ୍ୟାରେ ଓଡ଼ିଶାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଭିଡିଓ କନଫରେନ୍ସରେ ଜିଲାର କରୋନା ସ୍ଥିତି ସମୀକ୍ଷା କରିଥିଲେ। ଛତ୍ରପୁରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଡିଆରଡିଏ ପିଡି ସିନ୍ଧେ ଦତାତ୍ରୟ ଭାଉସାହେବ ପ୍ରମୁଖ ଉପସ୍ଥିତ ଥିବାବେଳେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସମେତ ଜିଲାର ଏମ୍‌ପି ଓ ବିଧାୟିକା ବିଧାୟକମାନେ ମଧ୍ୟ ଭିସିରେ ଯୋଡି ହୋଇଥିବା ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ଜିଲାରେ ଆଉ ୨୦୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କରୋନା ଜଣଙ୍କ ମୁଣ୍ଡ ନେଇଛି।

# ଗଜପତିରେ ୯୫ ସଂକ୍ରମିତ ଚିହ୍ନଟ

## ସିଙ୍ଗିସାହି କଣ୍ଟେନ୍‌ମେଣ୍ଟ ଜୋନ ଘୋଷିତ




ସିଙ୍ଗିସାହି ପ୍ରବେଶ ପଥରେ ବାଉଁଶ ବନ୍ଧାଯାଇଛି।

**ପାରଳାଖେମୁଣ୍ଡି,୨୮।୪(ଡି.ଏନ୍.ଏ.)**

ଗଜପତି ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଜିଲାରେ ମଙ୍ଗଳବାର ୫୯୦ ଜଣ କରୋନା ପରୀକ୍ଷା କରାଇଥିବା ବେଳେ ସେଥିମଧ୍ୟରୁ ୯୫ ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବା ବୁଧବାର ସୂଚନା ଦିଆଯାଇଛି। ସେଥିମଧ୍ୟରେ ପାରଳାଖେମୁଣ୍ଡିରୁ ସର୍ବାଧିକ ୫୩ ଜଣ ରହିଥିବାବେଳେ ଗୋଷାଣି ବ୍ଲକରୁ ୯, ଗୁମ୍ମାରୁ ୪, କାଶୀନଗରରୁ ୧୧, ମୋହନାରୁ ୯, ରାୟଗଡରୁ ୨, ଆର. ଉଦୟଗିରିରୁ ୫ ଏବଂ ଆନ୍ଧ୍ରରେ ୩ ଜଣ ଅଛନ୍ତି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୯୪୭ରେ ପହଞ୍ଚିଛି। ପାରଳାଖେମୁଣ୍ଡି ପୌରପାଳିକାର ୧୦ ନମ୍ବର ୱାର୍ଡ ସିଙ୍ଗିସାହିରେ ଅଧିକ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ତରଫରୁ ସିଙ୍ଗି ସାହିକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଉକ୍ତ ସାହିକୁ କେହି ନ ଯିବା ପାଇଁ ବ୍ୟାରିକେଡ କରାଯାଇଛି ।

# ପାନୀୟଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ



ଏମପି, ବିଧାୟକ, ବ୍ଲକ ଅଧ୍ୟକ୍ଷ ଓ ଅନ୍ୟମାନେ।

**ଛତ୍ରପୁର,୨୮।୪(ଡି.ଏନ୍.ଏ.)**

ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଲିଙ୍ଗି, ପୋଟଲାମପୁର ଓ ବଉଳଗାଁ ପଞ୍ଚାୟତର ୫ ଗ୍ରାମରେ ପିଇବା ପାଣି ଅଭାବ ଦୂର ପାଇଁ ୪ ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ଗୋଟିଏ ପ୍ରକଳ୍ପର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ. ଧନଞ୍ଜୟ ରେଡ୍ଡୀ, ଉପାଧ୍ୟକ୍ଷା ଅମିତା ସାହୁ, ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପଣ୍ଡା ଓ କନିଷ୍ଠ ଯନ୍ତ୍ରୀ କାଳୁ ଚରଣ ପାତ୍ର, ବିପୁଲିଙ୍ଗି ସରପଞ୍ଚ ଟି. ନରସିଂହ ରେଡ୍ଡୀ, ସମିତିସଭ୍ୟ ଜୟଦେବ ଲେଙ୍କାଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପୋଟଲାମପୁର ପଞ୍ଚାୟତ ସରଭିଁପୁର ଗ୍ରାମ ପାଇଁ ଗୋଟିଏ, ବଉଳଗାଁ ପଞ୍ଚାୟତର ରକୁଣିଗାଁ ପାଇଁ ଗୋଟିଏ, ବିପୁଲିଙ୍ଗି ପଞ୍ଚାୟତର ଡୁଡୁକପଲ୍ଲୀ ଓ ଲୋକନାଥପୁର ଗ୍ରାମ ପାଇଁ ଗୋଟିଏ ଓ ଗେଦଲପଲ୍ଲି ଗ୍ରାମ ପାଇଁ ଗୋଟିଏ ଏପରି ମୋଟ ୪ଟି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର କରାଯାଇଛି। ସେହିପରି ରାଜନାପଲ୍ଲି ଗ୍ରାମର ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପର ଉଦଘାଟନ କରାଯାଇଥିଲା।

# ପୂର୍ତ୍ତ ବିଭାଗର ଅଧିକାରୀ ଛୁଟିରେ, ଉନ୍ନୟନ କାର୍ଯ୍ୟ ଠପ୍

**ପାରଳାଖେମୁଣ୍ଡି,୨୮।୪(ଡି.ଏନ୍.ଏ.)**

କରୋନା ସମୟରେ ଲୋକଙ୍କ ଜୀବନଜୀବିକା ଓ ଉନ୍ନୟନ କାର୍ଯ୍ୟ ଯେଭଳି ପ୍ରଭାବିତ ନ ହେବ ସେଥିଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ଏଭଳି ସ୍ଥିତିରେ ଗଜପତି ଜିଲା ପୂର୍ତ୍ତ ବିଭାଗଠାରେ କାର୍ଯରତ ଥିବା କେତେଜଣ ଅଧିକାରୀ ମାସାଧିକ କାଳ ଛୁଟିରେ ରହିବା ଓ କେତେଜଣଙ୍କ ବଦଳି ହେବା ଫଳରେ ଉନ୍ନୟନ କାର୍ଯ୍ୟ ବଧାପ୍ରାପ୍ତ ହେଉଛି। ଜିଲାରେ ଏବେ କୋଭିଡ୍ କେୟାର ସେଣ୍ଟର ମରାମତି, ଜିଲା ମୁଖ୍ୟ ଚିକିତ୍ସାଳୟ ଅକ୍ସିଜେନ ରୁମ୍ ମରାମତି, କାଶୀନଗରରେ ମଡେଲ ଡିଗ୍ରୀ କଲେଜ ନିର୍ମାଣ, ପାରଳାଖେମୁଣ୍ଡି ନିକଟ ବେତାଗୁଡା ଠାରେ ଏଏନ୍‌ଏମ ଟ୍ରେନିଂ ସେଣ୍ଟର ଓ ହଷ୍ଟେଲ ଆଦି ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ପୂର୍ତ୍ତ ବିଭାଗର ଉପଖଣ୍ଡ–୧ ଏବଂ ଉପଖଣ୍ଡ–୨ରେ କାର୍ଯ୍ୟରତ ୨ ଏସ୍‌ଡିଓ ଏକ ମାସରୁ ଊର୍ଦ୍ଧ୍ୱ ହେବ ଛୁଟିରେ ଅଛନ୍ତି । ଯଦ୍ୱାରା ଏସବୁ କାର୍ଯ୍ୟର ତଦାରଖ ହେଉନି। ସେହିପରି ଉପଖଣ୍ଡ–୧ରେ ୩ ଜଣ ଜେଇ ଥିବା ବେଳେ ଜଣେ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଛନ୍ତି। ଉପଖଣ୍ଡ–୨ରେ ଦୁଇ ଜେଇଙ୍କ ମଧ୍ୟରୁ ଜଣେ କଣ୍ଟ୍ରାକଚୁଆଲ ଭାବେ କାର୍ଯରତ ଥିଲାବେଳେ ଅନ୍ୟଜଣେ ଉନ୍ନୟନ କାର୍ଯ୍ୟ ତଦାରଖ କରିବା ଦୂରର କଥା ଅଧିକାଂଶ ସମୟ ଅଫିସରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ଏ ନେଇ ପୂର୍ତ୍ତ ବିଭାଗ ନିର୍ବାହି ଯନ୍ତ୍ରୀ (ରାସ୍ତା ଓ କୋଠାବାଡ଼ି) ଅଶୋକ କୁମାର ଦାସଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି, ୨ ଏସଡିଓଙ୍କ ମଧ୍ୟରୁ ଜଣେ ଦୁଇମାସରୁ ଊର୍ଦ୍ଧ୍ୱ ଏବଂ ଅନ୍ୟଜଣେ ଏକ ମାସରୁ ହେବ ଛୁଟିରେ ଥିବା କହିଛନ୍ତି। ସେହିପରି ଜେଇ ତାଙ୍କ ନିର୍ଦ୍ଦେଶ ମାନୁନଥିବା କହିଛନ୍ତି । ଏ ନେଇ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି। ଅନ୍ୟପକ୍ଷରେ କରୋନା ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ଯେଉଁସବୁ କାର୍ଯ୍ୟ ସମ୍ପାଦନ କରିବା ସକାଶେ ନିର୍ଦ୍ଦେଶ ଆସିଛି, ସେସବୁ ସମୟ ସୀମା ମଧ୍ୟରେ ସମାପ୍ତ କରିବା ପାଇଁ ଉଦ୍ୟମ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି । ସେପଟେ ଏ ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗଜପତି ଜିଲା ଭାଜପାର ସାଧାରଣ ସଂପାଦକ କୋଟଲା ପୁଣ୍ୟବତୀ ଚେତାବନୀ ଦେଇଛନ୍ତି।

# ସକାଳ ୬ରୁ ୫ ଖୋଲା ରହିବ ଦୋକାନ

**ଜି.ଉଦୟଗିରି,୨୮।୪(ଡି.ଏନ.ଏ.)**

କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସକାଳ ୬ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଦୋକାନ ଖୋଲିବା ପାଇଁ ଜି.ଉଦୟଗିରି ବ୍ୟବସାୟୀ ସଂଘ ନିଷ୍ପତ୍ତି ନେଇଛି। ଏ ନେଇ ବିଡିଓ ବିଜୟ କୁମାର ପ୍ରଧାନ, ତହସିଲଦାର ଅବିନାଶ ମାହାର, ଥାନାଧିକାରୀ ନରେଶ କୁମାର ସାହୁଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି। ସମସ୍ତ ପରିବା ଦୋକାନ ହାଟରେ ଖୋଲିବା ସହିତ ରାସ୍ତା କଡ଼ରେ ଥିବା ସମସ୍ତ ଦୋକାନ ମଧ୍ୟ ହାଟରେ ଖୋଲିବା ପାଇଁ ସ୍ଥିର ହୋଇଛି। କଟକଣା ମଧ୍ୟରେ ସମସ୍ତ ମାଛ ମାଂସ ଦୋକାନ ତିନିକୋଣିଆ ଛକରେ ଖୋଲିବ। ହୋଟେଲ ଫାଷ୍ଟ ଫୁଡ ଦୋକାନ ୭ଟା ପର୍ଯ୍ୟନ୍ତ ଖୋଲି କେବଳ ପାର୍ସଲ୍ ଦେଇପାରିବେ। ମଦ ଦୋକାନ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ବ୍ୟବସାୟୀ ସଂଘ ତରଫରୁ ସଭାପତି ମନୋଜ କୁମାର ମହାପାତ୍ର, ଉପସଭାପତି କାଳୁ ଚରଣ ପଣ୍ଡା, ସହ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ସଞ୍ଜିବ କୁମାର ସୁବୁଦ୍ଧି, ମରାମର୍ଶଦାତା ସମୀର କୁମାର ପାଢ଼ୀ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସଞ୍ଜିବ କୁମାର ପାତ୍ର, ସାମାଜିକ କର୍ମୀ ସାନ୍ତନୁ ପ୍ରଧାନ, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କୋଭିଡ୍ ନିୟମ ପାଳନ ନେଇ ବୈଠକ

**ରମ୍ଭା,୨୮।୪**

ରମ୍ଭା ଥାନା ପରିସରରେ ରମ୍ଭା ଥାନା ଭାରପ୍ରାପ୍ତ ଅଧିକାରୀ କୃଷ୍ଣ ଚନ୍ଦ୍ର ସେଠୀ ଓ ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରମ୍ଭା ବଣିକ ସଂଘ ଓ ବଜାର ୟୁନିୟନ ବ୍ୟବସାୟୀ ସଦସ୍ୟ ଯୋଗ ଦେଇଥିଲେ। ବଜାରର ସମସ୍ତ ଦୋକାନ ସକାଳ ୭ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ। ସମସ୍ତ ବ୍ୟବସାୟୀ ସାମାଜିକ ଦୂରତା ରକ୍ଷା କରିବେ, ମାସ୍କ ପରିଧାନ କରିବାକୁ କୁହାଯାଇଥିଲା।

# ଜଣେ ଫାର୍ମାସିଷ୍ଟରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର



କେରେଡାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର।

**ନୂଆଗଡ଼,୨୮।୪**

ନୂଆଗଡ ବ୍ଲକ ଅନ୍ତର୍ଗତ କେରେଡାଙ୍ଗ ଗ୍ରାମରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟଙ୍କୁ ଛାଡିଦେଲେ ଅନ୍ୟ କେହି କର୍ମଚାରୀ ନାହାନ୍ତି। ଅଞ୍ଚଳବାସୀଙ୍କ ସୂଚନାନୁସାରେ ଆଖପାଖ ୧୫ରୁ ୨୦ଖଣ୍ଡ ଗ୍ରାମର ପ୍ରାୟ ୨୦ ହଜାର ଲୋକ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ସେଠାରେ ଡାକ୍ତର ନଥିବା ବେଳେ କେବଳ ଜଣେ ଫାର୍ମାସିଷ୍ଟ ହିଁ କାର୍ଯ୍ୟ କରୁଛନ୍ତି। କୌଣସି ଲୋକଙ୍କ ଦେହ ଖରାପ ହେଲେ ଦୀର୍ଘ ୧୫କିମି ରାସ୍ତା ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାକୁ ପଡୁଛି। ସେଠାରେ ଯାତାୟାତର କୌଣସି ସୁବିଧା ନଥିବାରୁ ବହୁ ଅସୁବିଧା ହେଉଛି। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ସହ ଆଉ କିଛି କର୍ମଚାରୀଙ୍କୁ ନିଯୁକ୍ତି କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ବୋଲି ସେମାନେ କହିଛନ୍ତି।

# ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କଲେ ବିଧାୟିକା



ମିଶ୍ରଣ ପର୍ବରେ ବିଧାୟିକା ଉଦ୍‌ବୋଧନ ଦେଉଛନ୍ତି।

**ବେଗୁନିଆପଡ଼ା,୨୮।୪(ଡି.ଏନ.ଏ.)**

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମଙ୍ଗଳବାର ବେଗୁନିଆପଡ଼ା ବ୍ଲକ ଗସ୍ତରେ ଆସି ଏକ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ଭାଜପାରୁ ୪୬ ନମ୍ବର ଜୋନ ଜିଲା ପରିଷଦ ପ୍ରାର୍ଥୀ ହୋଇଥିବା ରାଜେନ୍ଦ୍ର କୁମାର ଭୂୟାଁ ଓ ତାଙ୍କ ସମର୍ଥକମାନେ ଭାଜପା ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିର ନୀତି ଆଦର୍ଶ, ନବୀନ ବାବୁଙ୍କ ନେତୃତ୍ୱ, ବିଧାୟିକାଙ୍କ ସାଙ୍ଗଠନିକ ଓ ଜନ ସମ୍ପର୍କରେ ଅନୁପ୍ରାଣିତ ହୋଇ ଯୋଗଦେଇଥିବା କହିଥିଲେ ରାଜେନ୍ଦ୍ର। ବିଧାୟିକା ଚିଙ୍ଗୁଡ଼ିଖୋଲ ପଞ୍ଚାୟତରେ କଲ୍ୟାଣ ମଣ୍ଡପ, ଚନ୍ଦନପୁର ଗ୍ରାମ୍ୟ ଜଳ ପ୍ରକଳ୍ପ ଲୋକାର୍ପଣ ପରେ ଅଙ୍ଗାରଗାଁ କୋଠା ଘର, କୁମ୍ଭାର ଗାଁ ଗ୍ରାମ୍ୟ ଜଳ ପ୍ରକଳ୍ପ, ହଂସତୁଳି ଗ୍ରାମ୍ୟ ଜଳ ପ୍ରକଳ୍ପକୁ ବିଧାୟିକା ଲୋକାର୍ପଣ କରିଥିଲେ। ମିଶ୍ରଣ ପର୍ବରେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡି, ପ୍ରତିନିଧି ତ୍ରିନାଥ ଭୂୟାଁ, ପୂର୍ବତନ ସରପଞ୍ଚ ପଦ୍ମ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ମଧୁବାବୁ ଜୟନ୍ତୀ

**ଆସିକା,୨୮।୪(ଡି.ଏନ.ଏ.)**



ହିଞ୍ଜିଳିକାଟୁରେ ଜିଲା ଜଜ୍ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

ଆସିକା ଓକିଲ ସଂଘ ପକ୍ଷରୁ ବୁଧବାର ସଂଘ କାର୍ଯ୍ୟାଳୟ ପରିସରରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ଅଦାଲତ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଓକିଲ ସଂଘ ସଭାପତି ଚନ୍ଦ୍ରଶେଖର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଓକିଲ ସଂଘର ବରିଷ୍ଠ ସଦସ୍ୟ କାଳିଚରଣ ଦାସଙ୍କୁ ସମ୍ମାନିତ କରାଯାଇଥିଲା।

**ଖଲ୍ଲିକୋଟ:** ଖଲ୍ଲିକୋଟ ଓକିଲ ସଂଘ ସମ୍ପାଦକ ଜୋତିଷ କୁମାର ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୟରାମ ଦାସ, ବାର ସହସମ୍ପାଦକ ସନ୍ତୋଷ କୁମାର ମିଶ୍ର, ବିକ୍ରମ ପଲେଇ, ଗୁଟୁ ପଟ୍ଟନାୟକ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

**ବୁଗୁଡ଼ା:** ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସାମାଜିକ କର୍ମୀ ତ୍ରିଲୋଚନ ସାହୁଙ୍କ ଦ୍ୱାରା ସ୍ଥାପିତ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ହର ପ୍ରସାଦ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୀମାଞ୍ଚଳ ବେହେରା, ମୁଖ୍ୟବକ୍ତା ଭାବେ ଶ୍ୟାମା ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ରଜ କିଶୋର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ପରେଶ ଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ପ୍ରଭାକର ରାଉତ, ରସାନନ୍ଦ ରାଉତ, ରତ୍ନାକର ମେକାପ , ହରପ୍ରସାଦ ରଥ, ଓକିଲ ସଂଘ ସମ୍ପାଦକ ଗିରିଜା ନନ୍ଦନ ମେକାପ, ସହସମ୍ପାଦକ ରବିନ୍ଦ୍ର ଗୌଡ, ପି.ଶିବଶଙ୍କର ପ୍ରମୁଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସମ୍ପର୍କରେ ଆଲୋକପାତ କରିଥିଲେ।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁ ଜେଏମ୍‌ଏଫସି କୋର୍ଟ ପରିସରରେ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଜିଲା ଜଜ୍ ଶଶିକାନ୍ତ ମିଶ୍ର ପ୍ରତିମୂର୍ତ୍ତି ଉନ୍ମୋଚିତ କରିଥିଲେ। ହିଞ୍ଜିଳିକାଟୁ ଜେଏମ୍‌ଏଫସି ଜଜ୍ ରାଜଶ୍ରୀ ପଟ୍ଟନାୟକ ଯୋଗ ଦେଇଥିଲେ ।

# ପାରଳାଖେମୁଣ୍ଡିରେ ଡ୍ରେନେଜ ବିପର୍ଯ୍ୟସ୍ତ

**ପାରଳାଖେମୁଣ୍ଡି,୨୮।୪(ଡି.ଏନ୍.ଏ.)**



ପୋତି ହୋଇ ପଡିଥିବା ଡ୍ରେନ୍।

ଗଜପତି ଜିଲାର ସଦର ମହକୁମା ପାରଳାଖେମୁଣ୍ଡି ସହରର ଡ୍ରେନେଜ ବ୍ୟବସ୍ଥା ଶୋଚନୀୟ ହୋଇପଡିଛି । ପାରଳାଖେମୁଣ୍ଡି ପୌରପାଳିକା ମୋଟ ୧୬ ୱାର୍ଡର ୧୫୦ରୁ ଉର୍ଦ୍ଧ୍ୱ ସାହିକୁ ନେଇ ଗଠିତ। ଜନସଂଖ୍ୟା ପ୍ରାୟ ଏକ ଲକ୍ଷ ହେବ। କୃଷି, ଶିକ୍ଷା, ଗମନାଗମନର ବିକାଶ କ୍ଷେତ୍ରରେ ପାରଳା ରାଜପରିବାର ଦ୍ୱାରା ସୁଚିନ୍ତିତ ଉପାୟରେ ସହରରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରଜାବତ୍ସଳ, ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଯୋଗୁ ଏହି ବ୍ୟବସ୍ଥାଗୁଡିକ ସଫଳ ରୂପାୟନ ହୋଇପାରିଥିଲା। ବିଶେଷକରି ସହରର ଜଳଯୋଗାଣ ଓ ଡ୍ରେନେଜ ବ୍ୟବସ୍ଥାକୁ ଅନ୍ୟମାନେ ଅନୁସରଣ କରିଥିଲେ। ତେବେ ବର୍ତ୍ତମାନର ସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି। ସହରର ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଆସୁଥିବା ଅର୍ଥକୁ ଅନାବଶ୍ୟକ ସ୍ଥାନରେ ବିନିଯୋଗ କରାଯାଉଥିବା ଦେଖିବାକୁ ମିଳିଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ହେଉ କିମ୍ବା କେତେକ ଦାୟିତ୍ୱହୀନ ଅଧିକାରୀଙ୍କ ଯୋଗୁ ସହରର ବିକାଶ ହୋଇପାରୁନି। ଏହି ପୁରାତନ ପୌରପାଳିକାର ୮୦ ପ୍ରତଶତ ଡ୍ରେନ ପୋତିହୋଇ ରହିଥିବା ବେଳେ ଅନ୍ୟ କେଉଁଠି ପୋତି ଦିଆଯାଇଛି। ଏଥିପ୍ରତି ବିଭାଗର ନଜର ପଡୁନାହିଁ । ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜଳ ଯୋଗାଣ ନିମନ୍ତେ ପାଇପଗୁଡିକ ସହରର ପ୍ରମୁଖ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନରେ ବିଛାଯାଇଛି। ଯଦ୍ୱାରା ସହରର ଜଳ ନିଷ୍କାସନ ବ୍ୟବସ୍ଥାରେ ବାଧା ସୃଷ୍ଟି ହେଉଛି। ଅନେକ ସ୍ଥାନରେ ଆବର୍ଜନା ଜମାହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି ।

## ନୀରବିଲା ଶଙ୍ଖଧ୍ୱନି

# ତାରାଲୋକରେ ଶଙ୍ଖ ଘୋଷ

ଶଙ୍ଖ ଘୋଷ ଚାଲିଗଲେ, ଖୁବ୍ ନିଃଶବ୍ଦରେ। ୨୧ ଏପ୍ରିଲ ୨୦୨୧ ବୁଧବାର ପୂର୍ବାହ୍ନରେ। କୋଭିଡ୍-୧୯ରେ ଆକ୍ରାନ୍ତ ହୋଇ କଲକାତାରେ ନିଜ ଘରେ ଚିକିତ୍ସାଧୀନ ଅବସ୍ଥାରେ। ନିମତଲା ମହାଶ୍ମଶାନରେ ସମାହିତ ହେଲା ଭାରତବର୍ଷର ଏକ ମୁଖର କାବ୍ୟସ୍ୱର। ୮୯ ବର୍ଷରେ ସରିଗଲା କବିତାର ଏକ ମହାଉତ୍ସବ। ଶେଷ ପ୍ରଣାମ ବାଢ଼ିଦେଲା ରାଷ୍ଟ୍ର। ଜ୍ୱଳନ୍ତ ଚିତାକୁ ପିଠିକରି ଫେରି ଆସିଲେ ନିଜ ନିଜର ଦୈନନ୍ଦିନତାକୁ ମଶାଣିରେ ସମବେତ ଶଙ୍ଖାନୁରାଗୀ କତିପୟ। ୭୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ମାନବୀୟ ନାନା ବିପଦଆପଦରେ ନିନାଦିତ ଶଙ୍ଖସ୍ୱର ତୁନ୍‌ପଡ଼ିଲା ସବୁଦିନ ପାଇଁ। କେବେ ଏକାନ୍ତରେ, କଲକାତା ନଗର ଶୋଇପଡ଼ିଲେ, ଯଦି କେହି ଚାହିଁରହେ ନିଶୂନ୍ ଆକାଶ ଆଡ଼େ, ତେବେ ତାରାଲୋକରେ ଅବଶ୍ୟ ଦିଶିବେ କବିଶଙ୍ଖ ଘୋଷ। କବିର ମୃତ୍ୟୁ କାଇଁଯେ!

**ଶଙ୍ଖ ଘୋଷ ବଙ୍ଗଳା ଭାଷାରେ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ କବିତାର ଅନ୍ୟତମ ନେତୃତ୍ୱଦାୟୀ କବି। ପ୍ରକାଶିତ କେତୋଟି ପ୍ରମୁଖ କବିତାଗ୍ରନ୍ଥ: 'ଦିନଗୁଲି ରାତଗୁଲି',(୧୯୫୬), 'ନିହିତ ପାତାଲଛାୟା' (୧୯୬୭), 'ମୂର୍ଖ ବଡ଼ୋ, ସାମାଜିକ ନୟ' (୧୯୭୪), 'ବାବରେର ପ୍ରାର୍ଥନା' (୧୯୭୬), 'ମୁଖ ଢେକେ ଯାୟ ବିଜ୍ଞାପନେ' (୧୯୮୪), 'ଲାଇନେଇ ଛିଲାମ ବାବା' (୧୯୯୩), 'ଗାନ୍ଧର୍ବ କବିତାଗୁଚ୍ଛ' (୧୯୯୪) ଏବଂ 'ଏଓ ଏକ ବ୍ୟଥା ଉପଶମ' (୨୦୧୭)। ଭାରତୀୟ କବିତାକୁ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ମିଳିଛି ଦେଶ ଓ ଦେଶ ବାହାରୁ ଭୂରିଭୂରି ସମ୍ମାନ, ଯହିଁରେ ସାମିଲ୍- 'ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୭୭), 'ରବୀନ୍ଦ୍ର ପୁରସ୍କାର' (୧୯୮୯), 'ସରସ୍ୱତୀ ସମ୍ମାନ' (୧୯୯୮), 'ଦେଶିକୋତ୍ତମ' (୧୯୯୯), 'ପଦ୍ମଭୂଷଣ' (୨୦୧୧) ଓ 'ଜ୍ଞାନପୀଠ' (୨୦୧୬)।**

ଶଙ୍ଖ ଘୋଷ ଥିଲେ ବଙ୍ଗଭାଷାରେ କବିତା ଓ ଗଦ୍ୟ ଲେଖୁଥିବା ଭାରତବର୍ଷର ଖୁବ୍ ବଡ଼ ମାପର ଲେଖକ। ସ୍ୱାଧୀନତା ପରବର୍ତ୍ତୀ ଭାରତର ଖୁବ୍ କମ୍ କବି ଗୁଣାତ୍ମକ ଦୃଷ୍ଟିରୁ ତାଙ୍କ ସୃଜନ-ପ୍ରତିଭାର ସମକକ୍ଷ। ଆଜି ସେ ନ ଥିବାବେଳେ ଆଖିନେଲେ ଦିଶିଯାଏ ତାଙ୍କ କବି-ଜୀବନର ଛୋଟବଡ଼ ନାନା ସ୍ମୃତି। କବିତା ରଚନାର ଆରମ୍ଭ ଦିନମାନଙ୍କରେ ସେ ଲେଖିଛନ୍ତି ଅପର୍ଯ୍ୟାପ୍ତ ପ୍ରେମ କବିତା, ଯାହା ପ୍ରକାଶ ପାଇଛି ସୁନୀଲ ଗଙ୍ଗୋପାଧ୍ୟାୟ ସମ୍ପାଦିତ 'କୃତ୍ତିବାସ' ପତ୍ରିକାରେ ଲଗାତର। ପରେ "ଦିନଗୁଲି ରାତଗୁଲି" ଶୀର୍ଷକରେ ଏସବୁ ଗ୍ରନ୍ଥରୂପ ଘେନିଛି ୧୯୫୬ରେ। ନକ୍ଷତ୍ରର ମୃତ୍ୟୁ ଅଛି, ହେଲେ ମୃତ୍ୟୁ ନାହିଁ ଏହି କବିତାର। ଆଜି ବି ପବନ ଦୋହରାଏ ତା'ର କିଛିକିଛି ଦରଭୁଲା ଧାଡ଼ି: "କବି ତୁମି ଯେୟୋନା ଯେୟୋନା/ ବେଦନାର ଶାଦା ଫୁଲେ ଆକାଶ ନିବିଡ଼ ହବେ/ ଅବକାଶେ ଭରେ ଯାବେ ପ୍ରାଣ।" (ଦିନଗୁଲି ରାତଗୁଲି)। ଜୀବନ ଓ ଜଗତକୁ ନେଇ କି ପ୍ରଚଣ୍ଡ ଆଶା ଏ ଅଭିବ୍ୟକ୍ତିରେ!

ଶକ୍ତି ଓ ସୁନୀଲଙ୍କ ସହ ଘନିଷ୍ଠତା ସତ୍ତ୍ୱେ ଆମେରିକୀୟ ବିଟ୍ କବି ଆଲେନ୍ ଗିନ୍‌ସବର୍ଗଙ୍କୁ ବେଢ଼ି ଗଢ଼ି ଉଠିଥିବା କୃତ୍ତିବାସୀ ଗୋଷ୍ଠୀର ଧରାଛୁଆଁ ବାହାରେ ଥିଲେ ଶଙ୍ଖ। ନ ଥିଲେ ଆଦୌ ମିଜାଜ୍‌ବାଜ୍। ବରଂ ଅଧିକତର ଭାବେ ତାଙ୍କର ସମ୍ପର୍କ ନିବିଡ଼ ହୋଇ ଉଠିଥିଲା କବି ସୁଭାଷ ମୁଖୋପାଧ୍ୟାୟଙ୍କ ସହ। ୧୯୪୭ର ଭାରତ ବିଭାଜନ ପରେ କଲକାତାର ଫୁଟ୍‌ପାଥ୍‌ରେ ଘୂରି ବୁଲୁଥିବା ମାଳମାଳ ଅନାହାରକ୍ଲିଷ୍ଟ ମଣିଷଙ୍କ ଆର୍ତ୍ତି ଢେଉ ତୋଳିଥିଲା ତାଙ୍କ କବିତାରେ। 'ଯମୁନାବତୀ' କବିତା ଥିଲା ଶଙ୍ଖଙ୍କର ଏକ ଲୋକପ୍ରିୟ ଅକ୍ଷରକୀର୍ତ୍ତି। ୧୯୫୦ରେ ଶାନ୍ତି ନିକେତନରେ ଅନୁଷ୍ଠିତ ଏକ କବିତା ଉତ୍ସବରେ ସେ ଏହି କବିତାଟି ପାଠ କରିଥିଲେ, ଯାହାକୁ ଶତମୁଖରେ ପ୍ରଶଂସା କରିଥିଲେ ସୁଭାଷ ମୁଖୋପାଧ୍ୟାୟ। କିନ୍ତୁ ସେହି ସଭାରେ ଉପସ୍ଥିତ ଥିବା ରବୀନ୍ଦ୍ର-ସ୍ନେହ-ଧନ୍ୟ କବି ବୁଦ୍ଧଦେବ ବସୁଙ୍କ ତାଚ୍ଛଲ୍ୟର ଶିକାର ହୋଇଥିଲେ ଶଙ୍ଖ ଏହି କବିତାଟି ପାଇଁ। ବୁଦ୍ଧଦେବ କହିଥିଲେ: "ତୁଚ୍ଛ ବାସ୍ତବତାକୁ ମୁଖର କରିବା କବିତା ନୁହେଁ।" ପ୍ରକାଶ୍ୟରେ ଏହି ଅପମାନ କିନ୍ତୁ ତରୁଣ ଶଙ୍ଖଙ୍କ ସୃଜନ ଶୃଙ୍ଖଳାରେ କୌଣସି ବାଧା ଆଣି ପାରି ନ ଥିଲା। ବରଂ ସେଇ ଘଟଣା ପରଠାରୁ ସେ ନିଜ କବିତାରେ ପ୍ରାନ୍ତିକ ଓ ବଞ୍ଚିତ ମଣିଷର ସ୍ୱରକୁ ଅଧିକରୁ ଅଧିକ ରୂପ ଦେବାକୁ ବ୍ରତୀ ହୋଇ ଉଠିଥିଲେ। ଏଇନେ ଆମ ଗହଣରେ ନା ଅଛନ୍ତି ବୁଦ୍ଧଦେବ, ନା ଶଙ୍ଖ। ହେଲେ କରୋନା ଦୂଷିତ ଇଥରରେ ତଥାପି ଜିଇଛି 'ଯମୁନାବତୀ' କବିତାର ସେଇ ଅମର ଧାଡ଼ି: 'ନିଭନ୍ତ ଏଇ ଚୁଲିତେ ମା/ ଏକଟୁ ଆଗୁନ୍ ଦେ/ ଆରେକ୍‌ଟୁ କାଲ ବେଁଚେଇ ଥାକି/ ବାଁଚାର ଆନନ୍ଦେ।'

୫ ଫେବୃୟାରୀ ୧୯୩୨ରେ ବାଂଲାଦେଶର ଚାନ୍ଦପୁରରେ ଜନ୍ମ ନେଇଥିଲେ ଶଙ୍ଖ। ତାଙ୍କର ପ୍ରକୃତ ନାଁ ଥିଲା ଚିତ୍ତପ୍ରିୟ ଘୋଷ। ବାପା ମଣୀନ୍ଦ୍ର କୁମାର ଘୋଷ ଓ ମାଆ ଆମଲାବାଲା ଘୋଷ। ବଙ୍ଗଳା ଭାଷାରେ କଲକାତାର ପ୍ରେସିଡେନ୍ସି କଲେଜରୁ ସ୍ନାତକ ପାସ୍ କରିଥିଲେ ୧୯୫୧ରେ ଓ କଲକାତା ବିଶ୍ୱବିଦ୍ୟାଳୟରୁ ବଙ୍ଗଳା ଭାଷା ସାହିତ୍ୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହୋଇଥିଲେ ସ୍ନାତକୋତ୍ତର ୧୯୫୪ରେ। ତା' ପରେ ଅଧ୍ୟାପନା ଓ କବିତା ରଚନା। ଅକିଞ୍ଚନରୁ କିମ୍ବଦନ୍ତୀ ପାଲଟିଥିବା ଶଙ୍ଖ କବିତାରେ ଥିଲେ ଅଭୀକ। କାନ ଡେରିଲେ ତାଙ୍କ କବିତାରୁ ଶୁଭୁଥିଲା ତରବାରିର ଝଣତ୍କାର। 'କରୁଣା' ଓ 'କାରୁଣ୍ୟ'ର ଯୁଗନଦ୍ଧ ବାଣୀମୂର୍ତ୍ତି ଥିଲା ତାଙ୍କର ପ୍ରାୟ କବିତା। କବିଙ୍କ ଅବର୍ତ୍ତମାନରେ ଆଜି କେତେ କଥା ମନେପଡ଼େ। ମନେପଡ଼େ ତାଙ୍କ କବିତାରୁ କେବେକେବେ ଝରିଥିବା ପ୍ରତ୍ୟାଖ୍ୟାନର ବ୍ୟଥା। 'ଜରୁରିକାଳୀନ ସ୍ଥିତି'କୁ ବିରୋଧ କରି ସେ ଲେଖିଥିବା ଏକ କବିତା ୧୯୭୫ ଶାରଦୀୟ 'ଦେଶ' ପତ୍ରିକାରୁ ବାଦ୍‌ପଡ଼ିବାର କଥା। ମନେପଡ଼େ ନନ୍ଦିଗ୍ରାମରେ ବାମତ୍ରାସର ପ୍ରତିବାଦରେ କଲେଜଛକରୁ ଏସ୍‌ପ୍ଲାନେଡ୍ ଯାଏ ଲମ୍ବିଥିବା ଶୋଭାଯାତ୍ରାରେ ସାମିଲ ତାଙ୍କ ଉଜ୍ଜ୍ୱଳ ମୁହଁ।

ଶଙ୍ଖ ଥିଲେ ଗୋଟାପଣେ ମଣିଷର କବି, କେବେ ବି କୋଉ ଦଳର ନୁହେଁ। ସରକାରୀ କଳର ଆଖିବୁଜା ଦୁର୍ନୀତି ବିରୋଧରେ ତାଙ୍କ କଲମ ଥିଲା ସଦା ସରବ, 'ସୀମାନ୍ତବିହୀନ ଦେଶେଦେଶେ' କବିତା ପୁସ୍ତକ ଯାହାର ପ୍ରମାଣ। ଜନହିତକର ଯୋଜନାରେ ଖଟିଖଟି ମଜୁରି ହଡ଼ପର ଶିକାର ହୋଇଥିବା ଦୁଇ ଶ୍ରମିକଙ୍କ କଥାଭାଷାର ପଞ୍ଜୀକରଣ ଥିଲା ତାଙ୍କ 'ବିଶ୍ରମ୍ଭାଳାପ' କବିତା।

ଶଙ୍ଖଙ୍କ କବିତାରେ ନ ଥାଏ ଦୁରୂହ ବାକ୍-ଚାଲାକି। "ମଣିଷଙ୍କୁ ମଣିଷର କହିବା" (Wordsworth) ହେଉଛି ଶଙ୍ଖଙ୍କର କବିତା। ଏଇ ଯେମିତି "ହାତେର ଉପର ହାତ ରାଖା ଖୁବ୍ ସହଜ ନୟ/ ସାରା ଜୀବନ ବଇତେ ପାରା ସହଜ ନୟ/ ଏକଥା ଖୁବ୍ ସହଜ, କିନ୍ତୁ କେ ନା ଜାନେ/ ସହଜ କଥା ଠିକ୍ ତତଟା ସହଜ ନୟ।" (ସଙ୍ଗିନୀ) 'କବର' କବିତାରେ ଶଙ୍ଖ ଲେଖିଥିଲେ: "ଆମାର୍ ଜନ୍ୟ ଏକ୍‌ଟୁ ଖାନି କବର ଖୋଁଡ଼େ। ସର୍ବସହା/ ଲଜ୍ଜା ଲୁକୋଇ କାଁଚା ମାଟିର ତଲେ-/ ଗୋପନ ରକ୍ତ ଯା-କିଛୁଟୁକ ଆଛେ ଆମାର ଶରୀରେ, ତା'ର / ସବ ଟୁକୁତେଇ ଶସ୍ୟ ଯେନ ଫଲେ।" ଶଙ୍ଖଙ୍କର ଏଇ ନିଷ୍କାମ ଅଭିଳାଷର ପଟାନ୍ତର ଆଜି ଖୋଜି ମରିବାକୁ ହୁଏନାହିଁ କି ଭାରତୀୟ କବିତାରେ!

ଭାରତ-ଭାରତୀ



ଶଙ୍ଖ ଘୋଷ

**ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

## ଶବ୍ଦର ସତ୍ୟଶୀଳତା ଓ କବିତା

**ଶଙ୍ଖ ଘୋଷ**

ଏହି ପୁରସ୍କାର ଯାହାଙ୍କ ନାମରେ ନାମିତ, ସେହି କବି ଗଙ୍ଗାଧର ମେହେରଙ୍କ ପବିତ୍ର ସ୍ମୃତି ପ୍ରତି ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଏହି ସମ୍ମାନ ପାଇବା ନିମନ୍ତେ ମୋତେ ମନୋନୀତ କରାଯାଇଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେକରୁଛି। ମୁଁ କେବଳ ମୋ' ତରଫରୁ ନୁହେଁ, ବରଂ ଆଜି ବଙ୍ଗଳା ଭାଷାରେ ଲେଖୁଥିବା ସମସ୍ତ କବିଙ୍କ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରୁଛି। ସେମାନଙ୍କ ମଧ୍ୟରୁ କେତେଜଣ ବି ଏହି ପୁରସ୍କାର ନିମନ୍ତେ ମୋ'ଠାରୁ ନିଶ୍ଚିତ ଭାବରେ ଯୋଗ୍ୟ- ଏକଥା ମୁଁ ଜାଣେ। ତେଣୁ ଏହାକୁ ଏକ ବ୍ୟକ୍ତିଗତ ସଫଳତା ବୋଲି ମନେକରୁନାହିଁ। ସାମଗ୍ରିକ ଭାବେ ବଙ୍ଗଳା କବିତାକୁ ଆପଣମାନଙ୍କ ସ୍ୱୀକୃତି ଓ ଶ୍ରଦ୍ଧାର ଏହା ସ୍ମାରକୀ।

ଗତ କିଛି ଦିନ ମଧ୍ୟରେ ମୁଁ କେତୋଟି ଘଟଣାର ସାମ୍ନା କରିଛି। ଜଣେ ତରୁଣ ଓଡ଼ିଆ କବି ମୁଁ କଲକାତା ଛାଡ଼ିବାର ଅବ୍ୟବହିତ ପୂର୍ବରୁ ମୋତେ ଚିଠି ଲେଖିଥିଲେ। ଆପଣାର କାବ୍ୟ ପରମ୍ପରାରେ ସରଳତା, ମାନବତା ଓ ମାଟିମନସ୍କତାକୁ ଗୁରୁତ୍ୱ ଦେଇଥିବା କବି ଗଙ୍ଗାଧରଙ୍କ ନାମ ସହିତ ସମ୍ପୃକ୍ତ ହେଉଥିବା ଜଣେ କବିର ଦାୟିତ୍ୱ ସମ୍ପର୍କରେ ସେ ମୋତେ ସ୍ମରଣ କରାଇ ଦେଇଥିଲେ। ଆମ୍ଭେମାନେ ଆଜି ସତରେ କ'ଣ ଏହି କାବ୍ୟିକ ପ୍ରସଙ୍ଗଗୁଡ଼ିକୁ ପାସୋରିଯାଇଛୁ? ଗତ ସପ୍ତାହରେ ମୁଁ ମେଦିନାପୁର ଯାଇଥିବା ସମୟରେ ସ୍ଥାନୀୟ କଲେଜରେ ଇଂରାଜୀ ସାହିତ୍ୟ ପଢୁଥିବା ଜଣେ ଛାତ୍ର 'ଜଣେ କବି ସତରେ ଆଜିକାଲି କେଉଁମାନଙ୍କ ପାଇଁ ଲେଖୁଛି' ବୋଲି ପ୍ରଶ୍ନ କରିଥିଲେ। ସବୁ ଯୋଗାଯୋଗର ପଥରୋଧୀ ସମକାଳୀନ କବିତାର ଭାଷା କ'ଣ ଛିଡ଼ା ହୋଇନାହିଁ? ପ୍ରକୃତରେ କିଏ ଏହାର ପାଠକ? ଗତକାଲି ବି ଏହି ବିଶ୍ୱବିଦ୍ୟାଳୟର ଇଂରାଜୀ ସାହିତ୍ୟର ଜଣେ ଯୁବ ଅଧ୍ୟାପକଙ୍କ ସହ ବାର୍ତ୍ତାଳାପ ଅବକାଶରେ ମୁଁ ଅନୁରୂପ ଏକ ପ୍ରଶ୍ନର ସମ୍ମୁଖୀନ ହୋଇଥିଲି। କବିତା ହେଉ କି ଯେକୌଣସି ସୃଜନଶୀଳ ସାହିତ୍ୟ ହେଉ, ବାସ୍ତବରେ ତା'ର ଭବିଷ୍ୟତ କ'ଣ? ଆଜି ଜୀବନ ଓ ଚିନ୍ତନର ସବୁ କ୍ଷେତ୍ରରେ ଦେଖାଦେଇଥିବା ବ୍ୟାପକ ବିଭାଜନ, ତତ୍ତ୍ୱଜ୍ଞ ତଥା ବିଦ୍ୱାନ୍‌ମାନଙ୍କର କ୍ରମାଗତ ଚାପ ପରମର ସମ୍ଭାବନାରେ ଥିବା ଯେକୌଣସି ପ୍ରକ୍ରିୟାକୁ ପ୍ରତିହତ କରିବା ପାଇଁ କିମ୍ବା ତହିଁରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗିବା ପାଇଁ ହେଉଥିବା ଉଦ୍ୟମରେ ଯେ ବିପଦ ସୃଷ୍ଟି କରିଛି, ଏହା କ'ଣ ସତ୍ୟ ନୁହେଁ?

ଏପରି ଏକ ସମୟରେ, ଏସବୁ ପ୍ରଶ୍ନଗୁଡ଼ିକର ଉତ୍ତର ମୁଁ ଦେଇପାରିବି ନାହିଁ।

ମୁଁ ଏବେ 'ଅତୀତମନସ୍କ' ହେବାକୁ ଇଚ୍ଛା କରିବି। ଏହି 'ଅତୀତମନସ୍କ' ଶବ୍ଦଟି ଗତକାଲି ସେହି ଅଧ୍ୟାପକ ବନ୍ଧୁ ବାରମ୍ବାର ବ୍ୟବହାର କରୁଥିଲେ। ମୋତେ ୩୪ ବର୍ଷ ବୟସବେଳେ ମୁଁ ଗୋଟିଏ କ୍ଷୁଦ୍ର ଗଦ୍ୟ ଲେଖିଥିଲି, ଯାହାର ଅନୁବାଦ ହୋଇପାରେ- 'ନୀରବତାର ତର୍ଜନୀ'। ମଣିଷର ମାନସିକତାକୁ ସମ୍ପୂର୍ଣ୍ଣ ଆବୋରି ରହିଥିବା ନୀରବତାକୁ ସ୍ପର୍ଶ କରିବା ହେଉଛି କବିତାର ଲକ୍ଷ୍ୟ। ହଁ, ଶବ୍ଦମାନେ ଯୋଗାଯୋଗ ବା ସମ୍ପର୍କ ପ୍ରତିଷ୍ଠା ନିମନ୍ତେ ଉଦ୍ଦିଷ୍ଟ, କିନ୍ତୁ ଜୀବନର ଅଧିକାଂଶ ସମୟରେ ଶବ୍ଦମାନେ ସେମାନଙ୍କ ସତ୍ୟଶୀଳତା ହରାଇଥାନ୍ତି ଓ ଆମ୍ଭମାନଙ୍କୁ ପରସ୍ପରଠାରୁ ପୃଥକ୍ କରି ରଖିଥାଆନ୍ତି ବୋଲି ଆମ୍ଭେମାନେ ସଚେତନ ହୋଇ ନ ଥାଉ। କବି ଜୀବନାନନ୍ଦ ଦାସ ତାଙ୍କର ଗୋଟିଏ ଲେଖାରେ କହିଥିଲେ ଯେ, ଶବ୍ଦଟିଏ ଯଦି ଗଭୀର ଅନୁଭବ ବଳରେ ଆଲୋକିତ ହୋଇ ନ ଥାଏ, ତେବେ ତାହା କ୍ଷୟମାଣ ହୋଇ କେବଳ ଶବ୍ଦର କଙ୍କାଳଟିଏରେ ପରିଣତ ହୋଇଥାଏ।

ଅର୍ଥରେ ପରିପୂର୍ଣ୍ଣତା ହାସଲ କରିବାକୁ କବିତାର ଶବ୍ଦମାନେ ହୁଏତ ସେମାନଙ୍କର କ୍ରମିକତାକୁ ଭାଙ୍ଗିଦିଅନ୍ତି ବା ଭାଙ୍ଗିଦେବାର କ୍ଷମତା ରଖନ୍ତି। ତାହା ସମ୍ଭବତଃ ନୀରବତାକୁ ତର୍ଜନୀ ନିର୍ଦ୍ଦେଶ ହୋଇପାରେ। କିନ୍ତୁ ଏହି ଉପାୟ ଅବଲମ୍ବନ କରି ଆମେ ଅନ୍ୟ ଏକ ପ୍ରକାରର ଯୋଗାଯୋଗହୀନତାର ବିପଦକୁ ବରଣ କରୁନାହିଁ କି? ସର୍ବସାଧାରଣରେ କବିତା ପାଠ କଲାବେଳେ ଆମ ଆଗରେ ଏକ ଶୂନ୍ୟ ପ୍ରେକ୍ଷାଳୟ ଦୃଶ୍ୟମାନ ହୁଏ ନାହିଁ କି?

କିନ୍ତୁ ଆମକୁ ମନେରଖିବାକୁ ହେବ ଯେ କବିତା ମୂଳତଃ ଏକ ବ୍ୟକ୍ତିଗତ ସ୍ପର୍ଶ। କବିତାରେ ନୀରବତା ବେଳେବେଳେ ଜଣେ ପ୍ରଶଂସକ ହୋଇ ନଥିବା କି ସାହିତ୍ୟର ନିୟମିତ ଛାତ୍ର ହୋଇ ନ ଥିବା ବାହାର ଲୋକକୁ ମଧ୍ୟ ପ୍ରଚୋଦିତ କରିପାରେ। ଏକଥା ସ୍ୱୀକାର୍ଯ୍ୟ ଯେ, ଜଣେ ସାଧାରଣ ଲୋକ ସବୁବେଳେ ସର୍ବଦା ସାଧାରଣ ଲୋକ ନୁହେଁ। ସମ୍ପୂର୍ଣ୍ଣ ବୁଝିପାରି ନଥିବା, ବିଶେଷ ପାଣ୍ଡିତ୍ୟ ନଥିବା ଅଥଚ ସାରାଂଶ ପ୍ରତି ସମ୍ବେଦନଶୀଳ ଅନେକଙ୍କୁ ଆମେ ଭେଟିଥିବାର ଯଥେଷ୍ଟ ଅନୁଭୂତି ଅର୍ଜନ କରିଛୁ। ଜୀବନର ଅର୍ଥ ଖୋଜିବା ପାଇଁ ଲହୁଲୁହାଣ ହେଉଥିବା, ନିତିଦିନିଆ ଜଞ୍ଜାଳକୁ ସହିବାକୁ ଶିଖୁଥିବା ଓ ତାକୁ ଅତିକ୍ରମ କରି ନିରାଧାର ସ୍ଥିତିରେ ନିଜର ମୂଳ ଖୋଜୁଥିବା ଲୋକମାନଙ୍କୁ ମଧ୍ୟ ଆମେ ଭେଟୁଛୁ ଏବଂ ତାହା ହିଁ ସେମାନଙ୍କ ବିଷାଦ। ଏଥିପାଇଁ ଜଣେ ସାହିତ୍ୟର ଛାତ୍ର ହେବା ଜରୁରୀ ନୁହେଁ। ଏଥିପାଇଁ ଜଣକର ଅସ୍ତିତ୍ୱ, ଅସ୍ତିତ୍ୱର ସଙ୍କଟ ବାବଦରେ ଚେତନା ରହିଥିବା ଜରୁରୀ ଏବଂ ଏହି ଚେତନା ଆମକୁ ନୀରବତା ଆଣିଦିଏ। (୨୦୦୪ରେ 'ଗଙ୍ଗାଧର ମେହେର ଜାତୀୟ କବିତା ସମ୍ମାନ' ଗ୍ରହଣ ଅବକାଶରେ ପ୍ରଦତ୍ତ ଅଭିଭାଷଣ)।

**ଭାଷାନ୍ତର: ସୂର୍ଯ୍ୟ ମିଶ୍ର**
ମୋ: ୮୭୬୩୧୪୩୮୫୭

## ପୁସ୍ତକ ପରିଚୟ


### ଆମେ ଓଡ଼ିଆ



**ସଂକଳକ ଓ ପ୍ରକାଶକ:** ନୃସିଂହ ଚରଣ ସାହୁ, ଟଙ୍କପାଣି ରୋଡ, ଭୁବନେଶ୍ୱର-୧୮
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୦୦୦/-

'ଆମେ ଓଡ଼ିଆ'ର ୭ଟି ଭାଗ ଆଗରୁ ପ୍ରକାଶିତ ଓ ଏହା ହେଉଛି ୮ମ ଭାଗ। ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀ ଓ କୃତି ସମ୍ବନ୍ଧୀୟ ତଥ୍ୟ ଏହି ଜ୍ଞାନକୋଷରେ ଏକତ୍ର କରାଯାଉଛି। ଆଲୋଚ୍ୟ ୮ମ ଭାଗରେ ରହିଛି ଓଡ଼ିଶାର କବି, ଶିଶୁ ସାହିତ୍ୟିକ ଓ ଗୀତିକବିମାନଙ୍କର ବିବରଣୀ। ସରହପାଦ (ଓଡ଼ିଆ ସାହିତ୍ୟରେ ଆଦ୍ୟ ସ୍ରଷ୍ଟାର ମାନ୍ୟତାପ୍ରାପ୍ତ କବି ଓ ସାଧକ)ଙ୍କଠୁଁ ଆରମ୍ଭ କରି ଅଧୁନାତନ ବହୁ କନିଷ୍ଠଙ୍କ ଯାଏଁ ୧୦୪୬ଜଣ କବିଙ୍କର ଜୀବନୀ ଓ କୃତି ସମ୍ବନ୍ଧିତ ଉପଲବ୍ଧ ତଥ୍ୟ ଏଥିରେ ସ୍ଥାନିତ ହୋଇଛି। କବିମାନଙ୍କର ଫଟୋଚିତ୍ର ସଂଗ୍ରହ ଓ ଉପସ୍ଥାପନା ଗ୍ରନ୍ଥଟିର ଅନ୍ୟ ଏକ ବିଶେଷତ୍ୱ। ଯେଉଁ ସାରସ୍ୱତ ଜାତୀୟ କାର୍ଯ୍ୟଟିକୁ କୌଣସି ସରକାରୀ ବା ସାମର୍ଥ୍ୟସମ୍ପନ୍ନ ବେସରକାରୀ ସଂସ୍ଥା ସମ୍ପାଦନ କରିବା ବାଞ୍ଛନୀୟ, ଶ୍ରୀ ସାହୁ ଏକକ ଉଦ୍ୟମରେ ସେହି କାର୍ଯ୍ୟଟିକୁ ହାତକୁ ନେଇ ସଂକଳ୍ପବଦ୍ଧ ଭାବେ କରିଚାଲିବା କିଛି କମ୍ କଥା ନୁହେଁ। ଗ୍ରନ୍ଥଟି ଓଡ଼ିଆ ସାହିତ୍ୟ ଓ ଅନ୍ୟ ଉଲ୍ଲେଖନୀୟ କ୍ଷେତ୍ରରେ ସାଧନାରତ ମହାନ୍ ବ୍ୟକ୍ତିଙ୍କ ସମ୍ପର୍କରେ ସହସା ସୂଚନା ହାସଲ କରିବାର ଏକ ମହତ୍ତର ସମ୍ବଳ। ସାଧାରଣ ପାଠାଗାର ବ୍ୟତୀତ ପ୍ରତ୍ୟେକ ଓଡ଼ିଆ ଭାଷା ଓ ଜାତିପ୍ରେମୀ ଗ୍ରନ୍ଥଟିକୁ ସଂଗ୍ରହ କଲେ ଶ୍ରୀ ସାହୁଙ୍କ ଉଦ୍ୟମ ପ୍ରତି କେବଳ ସହଯୋଗ ହେବ ନାହିଁ, ବରଂ ଏ ଦିଗରେ ଅଧିକ ବାଟ ଅଗ୍ରସର ହେବାରେ ସେ ଉତ୍ସାହୀ ହେବେ। ଆମେ ବହିଟିର ବିପୁଳ ପ୍ରସାର କାମନା କରୁଛୁଁ।

### ଶଙ୍ଖନାଦ



**ଲେଖକ:** ପ୍ରମୋଦ କୁମାର ପଣ୍ଡା
**ପ୍ରକାଶକ:** ଶୁଭପଲ୍ଲବ ପବ୍ଲିକେଶନ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୪୯/-

ଆଲୋଚ୍ୟ ପୁସ୍ତକରେ ମୋଟ ଆଠଟି ଗଳ୍ପ ସ୍ଥାନିତ। 'ମୁଖବନ୍ଧ'ରେ ଗାଳ୍ପିକ ଲେଖିଛନ୍ତି: "ଜୀବନର କିଛି ତିକ୍ତ-ମଧୁର ଘଟଣା ଉପରେ ଆଧାରିତ କିଛି କାହାଣୀର ସଂଗ୍ରହ 'ଶଙ୍ଖନାଦ'। ଏହାର ପ୍ରତିଟି କାହାଣୀ ସହିତ ପାଠିକାପାଠକମାନେ ନିଜକୁ ଯୋଡ଼ିପାରିବେ।" କଥନକ୍ରମରେ ଲେଖକ ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକର ସୃଜନ-ସୂତ୍ରକୁ ବି ଖୋଲି ଧରିଛନ୍ତି ପାଠକଙ୍କ ସମକ୍ଷରେ। ପ୍ରତ୍ୟେକଟି ଗଳ୍ପ ସମ୍ପର୍କରେ ତାଙ୍କର ସୂଚନାରୁ ହୃଦ୍‌ବୋଧ ହୁଏ ଯେ, ଗାଳ୍ପିକ ଗଳ୍ପ ରଚନାବେଳେ ନିଜ ବ୍ୟକ୍ତିଗତ ଅନୁଭୂତିର ପରିସର ବାହାରକୁ ଖୁବ୍ କ୍ୱଚିତ୍ ଯାଇଛନ୍ତି। ଗଳ୍ପଗୁଡ଼ିକର କାହାଣୀ ଓ ଚରିତ୍ରକୁ ଦୃଷ୍ଟିରେ ରଖି ଭାଷା-ସଂଯୋଜନା ହୋଇଥିବାରୁ ଭାଷାଗତ କୃତ୍ରିମତାରୁ ଗଳ୍ପଗୁଡ଼ିକୁ ସୁରକ୍ଷା ଦିଆଯାଇପାରିଛି। ଏଥିରେ ଥିବା 'ଆଦିକନ୍ଦ ମାଧବ', 'ବିଳମ୍ବିତ ପ୍ରହର', 'ବାତାବରଣ' ଓ 'ଦ୍ୱିପହରର ଛାଇ' ପ୍ରଭୃତି ଗଳ୍ପରେ ପାଠକ ନିଜ ଅନୁଭୂତିକୁ ଅଂଶୀଦାର କରିପାରିବେ। ବହିଟି ପାଠକୀୟ ଆଦୃତି ପାଇବ ବୋଲି ଆଶା କରାଯାଏ।

## କବିତା

### ତୁମେ ଥାଉ ଥାଉ

ପିନାକୀ ମିଶ୍ର

ଯେତେଥର ଆସିଛି ଝଡ଼
ସେତେଥର ତୁମେ ମନେପଡ଼ିଛ।

ଝଡ଼ ଫେରିଛି ତା' ବାଟରେ
ମୁଁ ପୁଣି ସଳଖିଛି, ତୁମକୁ ଖୋଜିଛି...

ଆଜିଯାଏଁ କ'ଣ ଦେଲ କ'ଣ ନ ଦେଲ
ନିନ୍ଦିବି କାହିଁକି,
ଦି'ଟା ହାତ ଦେଇଛ, ଯଥେଷ୍ଟ ସେତିକି।

ହଁ, ଯାଇଛି ତ ମାଗିବାକୁ ତୁମ ଦୁଆରକୁ
ଏ ସବୁ ହୋଇପାରେ ଭ୍ରମ
ଦିଓଳି ପେଟପୂରୁଛି, ଛୋଟିଆ କଥା ନୁହେଁ ମ!

ହଳେ ପାଦ କେବେକେବେ ଅବାଟକୁ...
ସେତେବେଳକୁ ତୁମେ ପୂରାପୂରି ନୀରବ
ସତରେ ଜାଣିଛ ବଡ଼ ଈଶ୍ୱରକଳା
ମୁଁ ଅନୁତାପର ବନ୍ଦଘରେ ଜରଜର ମରମଜଳା।

ଦୁଃଖରେ ରଖରଖ ଡାକେ,
ବେଶୀ ବାଧିଲେ ବିକଳରେ ମଥା ପିଟେ,
ଆଉ ସୁଖରେ
ତରବରିଆ ଚାଲୁଚାଲୁ ଜୁହାରଟେ ମାରେ

ତୁମେ କି ହସୁଥାଅ ସତେ
ପୁଣି ଅନ୍ଧାର ଲଦିଦିଅ ଦୀପ ଲିଭିଗଲା ପରେ।

କୁଆଡ଼େ ଯିବି, କାହାର ହେବି, କ'ଣ ପାଇବି
ଆଉ ଭାବିବିନି, ତୁମକୁ ତ ବୁଝି ହେଲାନି,
ତୁମେ ଥାଉଥାଉ
ମୋ' ଜୀବନତରୀ ଅସଂଭାଳ ନ ହେଉ
କେତେ ବାଟ ଯାଉଛି ଯାଉ...!

ମୋ: ୯୪୩୮୧୧୮୩୯୭

### ଯିଏ ଇଟା ଯୋଡୁଛି

ଅଭୀପ୍ସା ଦାଶ

କାଲିଠାରୁ ଆଜିର
ରୂପ-ଛବି ଅଲଗା
ଅଜନ୍ତା-ଏଲୋରା କୋଣାର୍କ କି
ମହେଞ୍ଜୋଦାରୋ ନୁହେଁ,
ଏବେ ଆପାର୍ଟମେଣ୍ଟର କରିଷ୍ମା...
ଆନନ୍ଦବଜାର କି ସ୍ୱର୍ଣ୍ଣମନ୍ଦିରର
ଲଙ୍ଗର ନୁହେଁ, ଡେଲିଭରି ବୟର
କାଗଜ ପ୍ୟାକ୍‌ରେ
ଜିହ୍ୱାର ସ୍ୱାଦ ଖୋଜା!

ମୁକ୍ତ ଆକାଶର ମଳୟ ଆଜି
କିଏ ଖୋଜୁଛି?
ଓଦା ଓଦା ତନୁ-ମନରେ ହଜିବାକୁ
ଆଉ କିଏ ଚାହୁଁଛି?
ସାୱାର ତଳେ ତ ଶ୍ରାବଣର
ଅହର୍ନିଶ ପହରା
ପୁଲକିତ ଦେହ-ମନ, ହେଲେ
କାହିଁ ମାଟିର ବାସ୍ନା?

ଚନ୍ଦ୍ର ଓ ସୂର୍ଯ୍ୟ ଆଜି ପରପର
ତାରା ଆଜି ନିଅନ ଆଲୁଅ...

ହେଲେ, ସତ୍ୟ ଏଇଯେ
ସିଏ ହିଁ ବିଶ୍ୱକର୍ମା
ଯିଏ ଇଟା ଯୋଡୁଛି ମଲ୍‌ରେ
ଯିଏ ପାଇପ୍ ବିଛଉଛି
ପାଣି ପାଇଁ, ରାସ୍ତାରେ...!

ମୋ: ୯୪୩୭୫୫୨୮୨୮

ଗୀତି-କବିତା

### ବିଡ଼ମ୍ବନା ମୋର ଏହି

ହଂସନାଥ ମୁଦୁଲି

ସପନ ଦେଖାରେ
ସମୟ ମୋ' ବିତେ
ନ ଥାଏ ଜୀବନ ପାଇଁ
ମରୀଚିକା ପଛେ
ଧାଇଁଥାଏ ଖାଲି
ଜଳକୁ ମୁଁ ଭୁଲିଥାଇ
ବିଡ଼ମ୍ବନା ମୋର ଏହି... ||୦||

ସପନକୁ ଥରେ
ବଦଳାଇ ଦେଲେ
ଜୀବନଟିଏ ବା କରି
ଏଇ ଜୀବନଟା
ପାଲଟି ଯାଆନ୍ତା
ସୁନ୍ଦରତର ତରୀ
ସବୁ କିଛି ବୁଝି
ତଥାପି ବୁଝେନା
ମିଛ ପଛେ ପଡ଼େ ଯାଇ
ବିଡ଼ମ୍ବନା ମୋର ଏହି...||୧||

ସମୟ ସାଗର
ତଳ ବା ଅତଳ
ମାପିବାରେ ଲାଗିଥାଏ
ମୋ' ନିଜ ମୁହୂର୍ତ୍ତ
ଗଭୀରତା ଜଣା
ତାକୁ ମୁହିଁ ଭୁଲିଯାଏ
କେବେ କିଏ ଯଦି
ପଥଟେ ଦେଖାଏ
ଦି'ପଦ ଦିଏ ମୁଁ କହି
ବିଡ଼ମ୍ବନା ମୋର ଏହି...||୨||

ମୋ: ୯୭୭୭୯୬୮୭୧୯

## ବର୍ଷା ବତାସ ବେଳ

ମିନି ଗଳ୍ପ

**ଶିବ ମିଶ୍ର**

ଦାଣ୍ଡଘରେ ମୁଁ ଆଉ ଜେଜେ ଶୋଇଥିଲୁ। ରାତି ଅଧବେଳକୁ ବାହାର ଦୁଆରେ ଠକ୍‌ଠକ୍ ଶୁଭିଲା। ମୁଁ କହିଲି- କିଏ ଡାକୁଛି କି? ଜେଜେ କହିଲେ- ହଁ, ଉତ୍କଳମଣି ଡାକୁଛନ୍ତି। ମୁଁ କିଛି ନ କହି ଭଲ କରି ଚାଦର ଘୋଡ଼େଇ ହୋଇ ଶୋଇପଡ଼ିଲି। କିଛି ସମୟ ପରେ ପୁଣି ସେମିତି ଶବ୍ଦ ହେଲା। ଏଥର ଜେଜେ ମୋତେ କହିଲେ- ଯା, ଯା, ଏବେ କୁଳବୃଦ୍ଧ ଆସିଛନ୍ତି। ତାଙ୍କ ସାଙ୍ଗରେ ଗଜପତି ବି ଅଛନ୍ତି। ଯା' ଦୁଆର ଖୋଲିବୁ ଯା' କହି ଜେଜେ ମୋତେ ଠେଲିବାକୁ ଲାଗିଲେ। ଇଚ୍ଛା ନ ଥିଲେ ବି ମୁଁ ଉଠିଲି। ଦାଣ୍ଡ କବାଟ ଖୋଲିଲି। ବାହାରେ ସୁ ସୁ ପବନ, ଝର୍‌ଝର୍ ବର୍ଷା। ତିନି ଦିନ ହେଲା ଲାଗି ରହିଥିବା ଅବିରାମ ବର୍ଷାର ପ୍ରକୋପ ଊଣା ପଡ଼ି ନ ଥିଲା। ଲୋକବାକ କିଏ ବା କାହିଁକି ଆସିବ ଏମିତି ଅନ୍ଧାର ରାତିରେ!

ମୁଁ କବାଟ ବନ୍ଦ କରି ଆସିଲାବେଳକୁ ଜେଜେ ତାଙ୍କ ଶୋଇବା ଶେଯରେ ବସିଥିଲେ। ମୁଁ କହିଲି- କେହି ଡାକୁନାହାନ୍ତି। ବାହାରେ ପ୍ରଚଣ୍ଡ ବର୍ଷା, ବତାସ, ଅନ୍ଧାର। ଜେଜେ କହିଲେ- ତୁ ସେତେବେଳେ ଦୁଆର ଖୋଲିଲୁନି ବୋଲି ସେମାନେ ଫେରିଗଲେ। ବର୍ତ୍ତମାନ ନିଜେ ଯାଇ ସେମାନଙ୍କୁ ଡାକି ନ ଆଣିଲା ଯାଏଁ ଏଇ ବର୍ଷା ବତାସ ଅନ୍ଧାର ଏମିତି ଲାଗି ରହିଥିବ।

ମୁଁ ଜେଜେଙ୍କ କଥାର ଅର୍ଥ ଖୋଜୁଥିବା ବେଳେ ଜେଜେ ନୀରବରେ ଆଖିବୁଜି ବସିଥିବାର ଦେଖି ପଚାରିଲି- ଜେଜେ! କ'ଣ ହେଲା? ସିଏ କହିଲେ- ଶୁଣ, ମୁଁ ମଧୁବାବୁ ଆଉ ଗୋପବନ୍ଧୁ ବାବୁଙ୍କ ପାଖକୁ ଯାଉଛି। ସେମାନଙ୍କୁ ଏଇଠିକି ପଠାଇଦେବି। ତୁ ସେମାନଙ୍କ କଥା ବୁଝିବୁ। ମୁଁ ଆଉ ଫେରିବିନି।

ତା'ପରେ ହଠାତ୍ ସିଏ ବସିଲା ଠା'ରେ ଗଡ଼ିପଡ଼ିଲେ। ମୁଁ ବଡ଼ପାଟିରେ ଡାକ ପକାଇଲି- ବାପା, ବୋଉ ଶୀଘ୍ର ଆସ।

ମୋ: ୯୮୫୩୦୭୦୦୧୮



## କାଳକାଳକୁ

**"ମଣିଷ ମେଳ ବାଂଧେ, ନିଜର ଯୌଥ ନତୁବା ବ୍ୟକ୍ତିଗତ ଫାଇଦା ହାସଲ ପାଇଁ..."**

**- ଜେମ୍‌ସ ବ୍ରୁକ୍**



**ଜେମ୍‌ସ ବ୍ରୁକ୍‌ଙ୍କ** ଜନ୍ମ ୨୯ ଏପ୍ରିଲ ୧୮୦୩ରେ, ଇଂଲଣ୍ଡର ବଣ୍ଡେଲ୍‌ରେ ଓ ପରଲୋକ ୧୧ ଜୁନ୍ ୧୮୧୮ରେ, ସେଇ ଇଂଲଣ୍ଡର ବୁରେଟୋର୍‌ରେ। ବୃତ୍ତିରେ ସୈନିକ ଥାଇ ବି ସୃଜନଶୀଳ ସାହିତ୍ୟରେ କୈଶୋରରୁ ଆଗ୍ରହୀ। ଖୁବ୍ କମ୍ ଗ୍ରନ୍ଥର ସେ ପ୍ରଣେତା ହେଲେ ବି ବହୁ ବିଶିଷ୍ଟ କୃତିରେ ତାଙ୍କ ଜୀବନଚିତ୍ର ପ୍ରତିଫଳିତ। କିପ୍‌ଲିଙ୍ଗ୍‌ଙ୍କ କ୍ଷୁଦ୍ରଗଳ୍ପ "The man who would be king"ରେ ବ୍ରୁକ୍‌ଙ୍କ କଥା ସଂକ୍ଷେପରେ ସୂଚିତ। ଚାର୍ଲସ କିଙ୍ଗ୍‌ସଲେ ତାଙ୍କ ଉପନ୍ୟାସ 'ୱେଷ୍ଟୱାର୍ଡ' ଉତ୍ସର୍ଗ କରିଛନ୍ତି ବ୍ରୁକ୍‌ଙ୍କୁ।

**୭୯୦ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ**

ଲଗାତର ତୃତୀୟ ଦିନ ଲାଗି ଭାରତୀୟ ପୁଞ୍ଜିବଜାରରେ କାରବାର ଉନ୍ନତ ରହିଛି। ବୁଧବାର ବ୍ୟାଙ୍କିଙ୍ଗ୍ ଏବଂ ଅଟୋମୋବାଇଲ ଷ୍ଟକ୍ କାରବାର ଭଲ ହେବାରୁ ଷ୍ଟକ୍ ବଜାର ସୂଚକାଙ୍କ ୭୯୦ ପଏଣ୍ଟ ବଢ଼ିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) ୧.୧୬% ଊର୍ଦ୍ଧ୍ୱରେ ରହିବା ଯୋଗୁ ୪୯,୭୩୪ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ନିଫ୍ଟି) କାରବାର ୨୧୨ ପଏଣ୍ଟ( ୧.୪୪%) ଊର୍ଦ୍ଧ୍ୱରେ ରହିବା ଯୋଗୁ ୧୪,୮୬୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

# କରୋନା ଲଢ଼େଇରେ ଶିଳ୍ପଜଗତ

**ବାଙ୍ଗାଲୋର,୨୮।୪**



ଦେଶର ଦ୍ୱିତୀୟ ବୃହତ୍ ଜନବହୁଳ ରାଷ୍ଟ୍ର ଭାରତରେ କରୋନା ମହାମାରୀ ବର୍ତ୍ତମାନ ସଙ୍କଟ ସୃଷ୍ଟି କରିଛି। କରୋନାର ଦ୍ୱିତୀୟ ଲହର ଯୋଗୁ ସଂକ୍ରମଣ ବର୍ତ୍ତମାନ ବଢ଼ିଥିବା ବେଳେ ଏହା ଚିନ୍ତାର କାରଣ ପାଲଟିଛି। ଏଭଳି ସ୍ଥିତିରେ ଦେଶର ଶିଳ୍ପ ଜଗତ କରୋନା ଲଢ଼େଇରେ ନିଜର ଯୋଗଦାନ ରଖିଛି। ଆମାଜନ, ଇଣ୍ଟେଲ,ଗୁଗଲ ଭଳି ବହୁରାଷ୍ଟ୍ରୀୟ କମ୍ପାନୀ ବାଦ୍ ଟାଟାସନ୍ସ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ଜେଏସ୍‌ଡବ୍ଲ୍ୟୁ ଭଳି ଭାରତୀୟ କମ୍ପାନୀଗୁଡ଼ିକ କୋଭିଡ୍ ଲଢ଼େଇରେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ମେଡିକାଲ ଯନ୍ତ୍ରାଂଶ ବିମାନ ଯୋଗେ ପରିବହନ ସହ ମେଡିକାଲ ଅକ୍ସିଜେନ ଲାଗି ପାଣ୍ଠି ପ୍ରଦାନ ଭଳି କାମ ଶିଳ୍ପଜଗତ କରୁଥିବା ନଜରକୁ ଆସିଛି।

ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟକୁ ନଜରରେ ରଖି ଉତ୍ତମ ସମନ୍ୱୟ ସହିତ ଘରୋଇ କ୍ଷେତ୍ର ଯୋଗଦାନର ଆବଶ୍ୟକତା ରହିଛି ବୋଲି ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଟ୍‌ର ଅର୍ଥନୀତିଜ୍ଞ ମଧୁରା ସ୍ୱାମୀନାଥନ କହିଛନ୍ତି। ସୂଚନାଯୋଗ୍ୟ, ଆମାଜନ ଅକ୍ସିଜେନ ଯନ୍ତ୍ରାଂଶ ବିମାନ ଯୋଗେ ପରିବହନ ଲାଗି ପାଣ୍ଠି ପ୍ରଦାନ କରିଛି। ଗୁଗଲ ପକ୍ଷରୁ ନନ୍ ପ୍ରଫିଟ ଏବଂ ଅନ୍‌ଲାଇନ ଆଡ୍ ଗ୍ରାଣ୍ଟ, ଡେଲଏଟ ପକ୍ଷରୁ ଅକ୍ସିଜେନ ଯନ୍ତ୍ରାଂଶ, ତରଳ ଅମ୍ଳଜାନ ପରିବହନ ଲାଗି ଟାଟାର କ୍ରାୟୋଜେନିକ କଣ୍ଟେନର ବ୍ୟବସ୍ଥା କରିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏହାର ରିଫାଇନେରିରୁ ଅକ୍ସିଜେନ ଯୋଗାଣ କରୁଛି। ସେହିଭଳି ଜିନ୍ଦଲ ଷ୍ଟେନ୍‌ଲେସ, ଜେଏସ୍‌ପିଏଲ୍, ବେଦାନ୍ତ, ଆଦାନୀ ଗ୍ରୁପ୍ ଅକ୍ସିଜେନ ଯୋଗାଣ ଦିଗରେ କାମ କରୁଛନ୍ତି। ଆଇଟିସି ୨୪ କ୍ରାୟୋଜେନିକ କଣ୍ଟେନର ବ୍ୟବସ୍ଥା କରିଥିବା ବେଳେ ଅଲକାର୍ଗୋ ଲଜିଷ୍ଟିକ, ସାଓମି, ପେଟିଏମ୍ ଏବଂ ଜୋମାଟୋ ଭଳି କମ୍ପାନୀ ମଧ୍ୟ ନିଜର ଯୋଗଦାନ ରଖୁଛନ୍ତି।

### ହ୍ୟୁଣ୍ଡାଇ ଦେଲା ୨୦ କୋଟିର ରିଲିଫ୍ ପ୍ୟାକେଜ

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ପକ୍ଷରୁ ବୁଧବାର ୨୦ କୋଟି ଟଙ୍କାର ରିଲିଫ ପ୍ୟାକେଜ ସମ୍ପର୍କରେ ଘୋଷଣା କରାଯାଇଛି। କୋଭିଡ୍-୧୯ର ଦ୍ୱିତୀୟ ଲହର ଯୋଗୁ ଭାରତକୁ କମ୍ପାନୀ ପକ୍ଷରୁ ଏଭଳି ସହାୟତା କରାଯାଇଛି। ମହାରାଷ୍ଟ୍ର, ଦିଲ୍ଲୀ, ହରିୟାଣା, ତେଲଙ୍ଗାନା, ତାମିଲନାଡୁ ଭଳି ସବୁଠାରୁ ପ୍ରଭାବିତ ରାଜ୍ୟଗୁଡ଼ିକରେ ରିଲିଫ ସହାୟତା ଭାବେ କମ୍ପାନୀର ଏହି ଅର୍ଥ ଖର୍ଚ୍ଚ ହେବ। ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ, ଗୁରୁତର ରୋଗୀଙ୍କୁ ସହାୟତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଲାଗି ଏହି ଅର୍ଥ ଖର୍ଚ୍ଚ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ପେଟିଏମ୍ ଯୋଗାଇବ ୨୧ ହଜାର ଅକ୍ସିଜେନ କନ୍‌ସେନ୍‌ଟ୍ରେଟର

ଫାଇନାନ୍ସିଆଲ ସର୍ଭିସ କମ୍ପାନୀ ପେଟିଏମ୍ ୨୧ ହଜାର ଅକ୍ସିଜେନ କନ୍‌ସେନ୍‌ଟ୍ରେଟର(ଓସି) ଉପଲବ୍ଧ କରାଇବା ଲାଗି ଯୋଜନା ରଖିଛି। ମେ ମାସ ପ୍ରଥମ ସପ୍ତାହରୁ ଏହା ଉପଲବ୍ଧ ହେବ ବୋଲି ଜଣାପଡିଛି। କମ୍ପାନୀ ଏଥିଲାଗି ଲୋକଙ୍କ ନିକଟରୁ ୫ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଛି। ମୋଟ ୧୦ କୋଟି ଟଙ୍କାର ଓସି ଲାଗି ବର୍ତ୍ତମାନ ଅର୍ଡର ଦିଆଯାଇଛି। ଲୋକ ଦେଇଥିବା ଅର୍ଥ ବାବଦ ଅବଶିଷ୍ଟ ଅର୍ଥ କମ୍ପାନୀ ପ୍ରଦାନ କରିବ ବୋଲି କହିଛି। ଲୋକଙ୍କୁ ତ୍ୱରିତ ସହାୟତା କରିବା ଲାଗି ପେଟିଏମ୍ ଫାଉଣ୍ଡେଶନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଅର୍ଡର ପ୍ରଦାନ କରାଯାଇଥିବା କମ୍ପାନୀର ପ୍ରତିଷ୍ଠାତା ବିଜୟ ଶେଖର ଶର୍ମା କହିଛନ୍ତି।

## ଏଲ୍‌ଏନ୍‌ଜିକୁ ଏଲ୍‌ଏମ୍‌ଓ ଟ୍ୟାଙ୍କରରେ ପରିଣତ କଲା ଆଇଓସିଏଲ୍




**ଭୁବନେଶ୍ୱର,୨୮।୪:** ମେଡିକାଲ ଅକ୍ସିଜେନ ଯୋଗାଣକୁ ନଜରରେ ରଖି ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ଏହାର ଅବ୍ୟବହୃତ ଏଲ୍‌ଏନ୍‌ଜି ଟ୍ୟାଙ୍କରକୁ ମେଡିକାଲ ଅକ୍ସିଜେନ ଟ୍ୟାଙ୍କର ଭାବେ ରୂପାନ୍ତରିତ କରାଯାଇଛି। ମହାମାରୀ ଲଢ଼େଇରେ ସାମିଲ ହୋଇ ସହଯୋଗର ହାତ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ଏଲ୍‌ଏମ୍‌ଓ ଲୋଡ୍ ଯୁକ୍ତ ଏଲ୍‌ଏନ୍‌ଜି ଟ୍ୟାଙ୍କରକୁ ବୋକାରୋରୁ ବିହାରର ପାଟନାକୁ ପଠାଯାଇଛି। ଆଗାମୀ ଦିନରେ କମ୍ପାନୀ ଆଉ ୨୯ଟି ଅବ୍ୟବହୃତ ଏଲ୍‌ଏନ୍‌ଜି ଟ୍ୟାଙ୍କରକୁ ମେଡିକାଲ ଅକ୍ସିଜେନ ଟ୍ୟାଙ୍କର ଭାବେ ବ୍ୟବହାର କରିବ। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ଓଡ଼ିଶାର ୭ଟି ସ୍ଥାନ ସମେତ ଦେଶର ୯୩ଟି ସ୍ଥାନରେ ପ୍ରେସର ସ୍ୱିଙ୍ଗ ଆଜର୍ପସନ (ପିଏସ୍‌ଏ) ମେଡିକାଲ ଅକ୍ସିଜେନ୍ ଜେନେରେଶନ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ନିକଟରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଓଡ଼ିଶାରେ ଇଣ୍ଡିଆନ ଅଏଲ ପକ୍ଷରୁ ୩ଟି, ଏଚ୍‌ପିସିଏଲ୍ ଦ୍ୱାରା ୨ଟି ଏବଂ ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ଦ୍ୱାରା ୨ଟି ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି।

## ୟୁନିଟ ଆଗୁଆ ବନ୍ଦ କଲା ମାରୁତି

**ବାଙ୍ଗାଲୋର,୨୮।୪:** କୋଭିଡ୍ ସ୍ଥିତିକୁ ନଜରରେ ରଖି ମାରୁତି ସୁଜୁକି ପକ୍ଷରୁ ଏହାର ଗୋଟିଏ ୟୁନିଟକୁ ଆଗୁଆ ବନ୍ଦ କରାଯାଇଛି। କମ୍ପାନୀ ଏହାର ଫ୍ୟାକ୍ଟ୍ରି ମେଣ୍ଟେନାନ୍ସ ଲାଗି ଜୁନ୍‌ରେ କାମ ବନ୍ଦ କରିବାର ଥିଲା। ହେଲେ ସ୍ଥିତି ବିଗିଡ଼ିବାରୁ ହରିୟାଣା ସ୍ଥିତ ମାନୁଫାକଚରିଂ ପ୍ଲାଣ୍ଟକୁ କମ୍ପାନୀ ମେ ପହିଲାରୁ ୯ ତାରିଖ ଯାଏ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ ଏହାର ଗୁରୁଗ୍ରାମ ଏବଂ ମାନେଶ୍ୱରସ୍ଥିତ ଫ୍ୟାକ୍ଟ୍ରିକୁ ଜୁନ୍‌ରେ ବନ୍ଦ ରଖିବା ନେଇ ଯୋଜନା ରଖିଥିଲା। ଏହି ୟୁନିଟ୍‌ଗୁଡିକରୁ ଅକ୍ସିଜେନ ସଞ୍ଚୟକରି ମେଡିକାଲ ବ୍ୟବହାର ଲାଗି ଯୋଗାଇଦେବାକୁ କମ୍ପାନୀ ନିଷ୍ପତ୍ତି ନେଇଛି। ଉଲ୍ଲେଖଯୋଗ୍ୟ, ସୁଜୁକି ମୋଟର ମଧ୍ୟ ଗୁଜରାଟ ପ୍ଲାଣ୍ଟରେ ସମାନ ନିଷ୍ପତ୍ତି ଲାଗୁ କରିଛି।

# ସ୍ୱାସ୍ଥ୍ୟ ବୀମା ପଲିସି ନିଶ୍ଚିତ କିଣନ୍ତୁ

**ଅର୍ଥର ଅର୍ଥ**



Rupkumar Pradhan
**CERTIFIED FINANCIAL PLANNER CM ,CHARTERED WEALTH MANAGER**
"Director, SmartMantra Financial Services Pvt. Ltd.

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ସ୍ୱାସ୍ଥ୍ୟ ବୀମା ପଲିସି କିଣିବା ଦ୍ୱାରା କ'ଣ ସବୁ ସୁବିଧା ମିଳିବ?**

**—ମିନତି ବିଶ୍ୱାଳ, ସମ୍ବଲପୁର**

▶ ସବୁଠାରୁ ମୁଖ୍ୟ ଦିଗକୁ ଧ୍ୟାନ ଦିଅନ୍ତୁ। ସ୍ୱାସ୍ଥ୍ୟବୀମା ସୁରକ୍ଷା କିଣିବା ହେଉଛି ବ୍ୟାପକ ଆର୍ଥିକ ଯୋଜନାର ଅବିଚ୍ଛିନ୍ନ ଅଂଶ। ଆମ ଦେଶରେ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ଦିନକୁ ଦିନ ବଢ଼ିଚାଲିଛି ଏବଂ ଏହା ସହିତ ମଧ୍ୟ ନୂଆ ନୂଆ ରୋଗ ସବୁ ଆସୁଛି। କୋଭିଡ୍-୧୯ ଏକ ନୂଆ ରୋଗ ଓ ଘାତକ ରୋଗ ହିସାବରେ ଉଭା ହୋଇଛି। ଏସବୁ ପରିସ୍ଥିତିକୁ ଯଦି ଦୃଷ୍ଟିଦେବା ତେବେ ଆମକୁ ବୁଝିବାକୁ ପଡ଼ିବ ଯେ ସ୍ୱାସ୍ଥ୍ୟବୀମା ସୁରକ୍ଷା ପଲିସି ନିହାତି ଜରୁରୀ ଓ ଅପରିହାର୍ଯ୍ୟ। ଯେତେବେଳେ ଆପଣଙ୍କର ଜରୁରିକାଳୀନ ଚିକିତ୍ସାଗତ ଖର୍ଚ୍ଚ ଆବଶ୍ୟକତା ଆସିବ ସେତେବେଳେ ସ୍ୱାସ୍ଥ୍ୟବୀମା ପଲିସି ଆପଣଙ୍କ ପାଇଁ ବହୁତ କାମରେ ଆସିବ। ମନେରଖନ୍ତୁ, ଜଣେ କେବେହେଲେ ବି ଯୋଜନା କରି ରୋଗରେ ପଡ଼ିପାରିବ ନାହିଁ, କିନ୍ତୁ ଯୋଜନା କରି ଆର୍ଥିକ ସୁରକ୍ଷା ନେଇପାରିବ,ଯାହାକି ଏକ ସ୍ୱାସ୍ଥ୍ୟବୀମା ପଲିସି। ଜଣେ ବ୍ୟକ୍ତି ବା ପରିବାର ଆକସ୍ମିକ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚକୁ ତୁଲାଇବା ପାଇଁ ଏକମାତ୍ର ମାଧ୍ୟମ ହେଉଛି ସ୍ୱାସ୍ଥ୍ୟବୀମା ପଲିସି କିଣିବ।

ବଜାରରେ ଅନେକ କମ୍ପାନୀ ସ୍ୱାସ୍ଥ୍ୟବୀମା ପଲିସି ବିକ୍ରି କରୁଛନ୍ତି। ସ୍ୱାସ୍ଥ୍ୟବୀମା ପଲିସି ହିଁ ଆପଣଙ୍କୁ ଆକସ୍ମିକ ଚିକିତ୍ସା ଖର୍ଚ୍ଚ ପାଇଁ ସହାୟକ ହେବ। ଆପଣ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟବୀମା ପଲିସି ବିଷୟରେ ବୁଝିବା ନିହାତି ଜରୁରୀ।

**ସ୍ୱାସ୍ଥ୍ୟବୀମା ପଲିସି କିଣିବା ପାଇଁ ୫ଟି କାରଣ**

◆ ବୈବାହିକ ଜୀବନଶୈଳୀ ପରିବର୍ତ୍ତନ– ଆମର ଜୀବନଶୈଳୀ ପରିବର୍ତ୍ତନ, ଯଥା ଅତ୍ୟଧିକ କାର୍ଯ୍ୟ ସମୟ, ଭୁଲ୍ ଖାଦ୍ୟ ଖାଇବା ଅଭ୍ୟାସ, ବାୟୁ ପ୍ରଦୂଷଣ ଇତ୍ୟାଦିର ପ୍ରଭାବ କାରଣରୁ ନୂଆ ନୂଆ ରୋଗ ହେଉଛି।

◆ ଚିକିତ୍ସାଗତ ଖର୍ଚ୍ଚର ଅତ୍ୟଧିକ ବୃଦ୍ଧି– ଆଜିକାଲି ଚିକିତ୍ସାଗତ ଖର୍ଚ୍ଚ ନାଟକୀୟ ଭାବରେ ବୃଦ୍ଧି ହୋଇଚାଲିଛି।

◆ ଆୟକର ଛାଡ଼ ସୁବିଧା– ଆପଣ ସ୍ୱାସ୍ଥ୍ୟବୀମା ପଲିସି ପ୍ରିମିୟମ ପଇଠକରି ଆୟକର ନିୟମ u/s ୮୦ଡି ଅନୁଯାୟୀ ଆୟକର ଛାଡ଼ ସୁବିଧା ପାଇପାରିବେ।

◆ ପୂର୍ବ ଓ ପରବର୍ତ୍ତୀ ହସ୍ପିଟାଲ ଖର୍ଚ୍ଚ– ଆପଣ ହସ୍ପିଟାଲ ଚିକିତ୍ସା ଖର୍ଚ୍ଚ ବ୍ୟତୀତ ପୂର୍ବ ଓ ପରବର୍ତ୍ତୀ ହସ୍ପିଟାଲ ଖର୍ଚ୍ଚ ସହିତ ଅନେକ କିଛି ସୁବିଧା ପାଇପାରିବେ।

◆ ଅତିରିକ୍ତ ସୁବିଧା ସବୁ ପାଇପାରିବେ।

କୌଣସି କମ୍ପାନୀର ସ୍ୱାସ୍ଥ୍ୟବୀମା ପଲିସି କିଣିବା ପୂର୍ବରୁ କମ୍ପାନୀର ଚିକିତ୍ସାଗତ ଖର୍ଚ୍ଚ ଦାବି ରାଶି ପଇଠ ଅନୁପାତ (କ୍ଲେମ୍ ସେଟଲମେଣ୍ଟ ରେସିଓ) ଦେଖିବା, ନିହାତି ଜରୁରୀ। ପଲିସି ବିଷୟରେ ସମସ୍ତ ତଥ୍ୟ ଓ ସବୁ ବିଷୟରେ ବୁଝି କିଣିବା ଉଚିତ ହେବ। ଆମର ପରାମର୍ଶ ଆପଣ ନିଜର ଓ ପରିବାରର ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ସୁରକ୍ଷା ପାଇଁ ଏକ ସ୍ୱାସ୍ଥ୍ୟବୀମା ପଲିସି ନିଶ୍ଚିତ କିଣନ୍ତୁ। ଏହା ଆପଣ ଆର୍ଥିକ ଯୋଜନାର ସବୁଠାରୁ ବଡ଼ ଅଂଶ ଓ ଏହି ପଦକ୍ଷେପ ଆଜି ହିଁ ନିଅନ୍ତୁ।

**▶ କିଛି ଅର୍ଥ ନିବେଶ କରିବା ପାଇଁ ରଖିଛି କିନ୍ତୁ ମୋର ଜରୁରିକାଳୀନ ପାଣ୍ଠି କିଛି ବି ନାହିଁ। ମୁଁ ସ୍ଥାୟୀ ଜମା କରିବି କିମ୍ବା ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବି କିମ୍ବା ଜରୁରିକାଳୀନ ପାଇଁ ଖର୍ଚ୍ଚ ରଖିବି କ'ଣ କରିବା ଉଚିତ ହେବ ?**

**–ସୁବାସ ସିଂ, ବରଗଡ଼**

◆ ପ୍ରଥମତଃ ଜରୁରିକାଳୀନ ପାଣ୍ଠିର ଆବଶ୍ୟକତା ସମସ୍ତଙ୍କର ଅଛି ଓ ରହିବ ମଧ୍ୟ। ଯଦି ଆପଣ କୌଣସି ଜରୁରିକାଳୀନ ପାଣ୍ଠି ନାହିଁ ତେବେ ଆପଣ ପ୍ରଥମେ ଜରୁରିକାଳୀନ ପାଣ୍ଠି ଗଠନ ପାଇଁ ଧ୍ୟାନ ଦେବା ନିହାତି ଜରୁରୀ। ପ୍ରଥମତଃ ଜରୁରିକାଳୀନ ପାଣ୍ଠି ଗଠନ ପାଇଁ ପଦକ୍ଷେପ ନିଅନ୍ତୁ ଓ ସଞ୍ଚୟ କରନ୍ତୁ। ଯଦି ଜରୁରିକାଳୀନ ପାଣ୍ଠି ଅଛି ତେବେ ଆପଣ ବ୍ୟାଙ୍କ ସ୍ଥାୟୀ ଜମା କିମ୍ବା ମ୍ୟୁଚୁଆଲ ଫଣ୍ଡ ନିବେଶ ବିଷୟରେ ଚିନ୍ତା କରି ପାରିବେ। ଜରୁରିକାଳୀନ ପାଣ୍ଠି ଗଠନ କ୍ଷେତ୍ରରେ ଜମା ଅବହେଳା କରନ୍ତୁ ନାହିଁ।

**▶ ମୋର ସ୍ୱଳ୍ପ ରୋଜଗାର ଓ ବଡ ପରିବାର। ଅବସରକାଳୀନ ଖର୍ଚ୍ଚ ପାଇଁ କିଛି ବି ଏ ପର୍ଯ୍ୟନ୍ତ ସଞ୍ଚୟ କରିନାହିଁ। ଏକ ଛୋଟ ସ୍କିମ ବିଷୟରେ ପରାମର୍ଶ ଦେବାକୁ ଅନୁରୋଧ।**

◆ ଆପଣ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ' ଅଟଳ ପେନ୍‌ସନ ଯୋଜନା ସ୍କିମରେ ମାସିକ ସଞ୍ଚୟ ଆରମ୍ଭ କରନ୍ତୁ। ସ୍ୱଳ୍ପ ମାସିକ ସଞ୍ଚୟ କରି ଆପଣ ପେନ୍‌ସନ ପାଇପାରିବେ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି–୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

**ଫୁରସତ୍**

# ପ୍ରତାରକ ସ୍ୱାମୀଙ୍କୁ ନପୁଂସକ ଔଷଧ



**ବେଜିଂ:** ସ୍ୱାମୀଙ୍କ ଅଜାଣତରେ ସ୍ତ୍ରୀ ତାଙ୍କୁ ନପୁଂସକ ଔଷଧ ଦେଉଥିବା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ତେବେ ଚାଇନାର କେତେକ ମହିଳା ଗୁପ୍ତରେ ଏଭଳି କରୁଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସ୍ୱାମୀ ଯେଭଳି ଅନ୍ୟ କୌଣସି ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ନ ରଖି ପାରିବେ। ଏହା ଦ୍ୱାରା ସ୍ୱାମୀ ଆଉ ପ୍ରତାରଣା କରି ପାରିବେନି। ବାହାରେ ଅନ୍ୟ କେଉଁ ମହିଳାଙ୍କ ସହ ସେ ମିଶିବେନି। ଦାମ୍ପତ୍ୟ ଜୀବନରେ ବିଶୃଙ୍ଖଳା ସୃଷ୍ଟି ନ କରିବା କେତେକ ଚାଇନା ମହିଳାଙ୍କ ଏଭଳି କାର୍ଯ୍ୟ ବୁଦ୍ଧିଜୀବୀଙ୍କୁ ଚକିତ କରିଛି। ଚାଇନା ଖବର କାଗଜ ଗ୍ଲୋବାଲ ଟାଇମ୍ସ ଅନୁସାରେ କେତେକ ମହିଳା ସେମାନଙ୍କ ସ୍ୱାମୀଙ୍କ ଅଜାଣତରେ ଡାଇ-ଇଥାଇଲ୍‌ଷ୍ଟିଲବେଷ୍ଟ୍ରଲ ଔଷଧ ଦେଉଛନ୍ତି। ଏହାଦ୍ୱାରା ସେମାନଙ୍କର ଯୌନ ଲାଳସା କମି ଯିବ। ଏହା ଏକ ପ୍ରକାର ସିନ୍ଥେଟିକ ଏଷ୍ଟ୍ରୋଜେନ। ଏହାଦ୍ୱାରା ଶାରୀରିକ ସମ୍ପର୍କ ଲାଗି ଇଚ୍ଛାଶକ୍ତି କମି ଯାଇଥାଏ। ଏପରିକି ଅନେକ ସମୟରେ ଏହା ପୁରୁଷଙ୍କ ନପୁଂସକତାର କାରଣ ପାଲଟୁଛି। ଏବେ ଏହି ଖବର ଚାଇନା ସୋସିଆଲ ମିଡ଼ିଆରେ ବେଶ ଭାଇରାଲ ହେବାରେ ଲାଗିଛି। କେତେକ ମହିଳା ଏହି ଔଷଧକୁ ଅନ୍‌ଲାଇନରେ ମଗାଉଛନ୍ତି। ମାତ୍ର ଘଟଣା ସମ୍ପର୍କରେ ପ୍ରଚାର ହେବା ପରେ ଏବେ ଡାଇ-ଇଥାଇଲ୍‌ଷ୍ଟିଲବେଷ୍ଟ୍ରଲ ଔଷଧ ଅନ୍‌ଲାଇନ ପ୍ଲାଟଫର୍ମରୁ ଗାଏବ ହୋଇଯାଇଛି।

### ଲୁଚାଇ ମେଡିସିନ୍ କିଣୁଛନ୍ତି ମହିଳା

# ସାହାଯ୍ୟ କରିବାକୁ ଖୁସି ଲାଗୁଛି




**ମୁମ୍ବାଇ:** ଅଭିନେତା ସୋନୁ ସୁଦ କରୋନା ମହାମାରୀ ସମୟରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରୁଛନ୍ତି। ଯେଉଁ ଅସୁବିଧାରେ ପଡ଼ି ସହାୟତା ମାଗୁଥିବା ଲୋକଙ୍କୁ ସଙ୍ଗେ ସଙ୍ଗେ ସେ ସହାୟତାର ହାତ ବଢ଼ାଉଛନ୍ତି। ଏଥିପାଇଁ ସୋନୁଙ୍କୁ ଲୋକେ ଭଗବାନ ମନେ କରୁଛନ୍ତି। ଏବେ ସୋନୁ ଏମିତି ଏକ କଥା କହିଛନ୍ତି, ଯାହାକୁ ଲୋକେ ଖୁବ ପ୍ରଶଂସା କରୁଛନ୍ତି। ତାଙ୍କର ଏହି ଟୁଇଟ ଏବେ ବେଶ ଭାଇରାଲ ହେଉଛି। ସେ ତାଙ୍କ ଟୁଇଟର ପେଜ୍‌ରେ କହିଛନ୍ତି, 'ବିଳମ୍ବିତ ରାତିରେ ମୋ' ପାଖକୁ ସହାୟତା ପାଇଁ ଫୋନ୍ ଆସୁଛି। କରୋନା ରୋଗୀ ବିଛଣାରେ ପଡ଼ି ମୋତେ ଅକ୍ସିଜେନ ପାଇଁ ଅନୁରୋଧ କରୁଛନ୍ତି। ମୁଁ ସେମାନଙ୍କୁ ସାହାଯ୍ୟ କରିପାରିବା ଜାଣି ସେମାନେ ମୋତେ ଖୋଜୁଥିବାରୁ ବହୁତ ଖୁସି ଲାଗେ। ଫିଲ୍ମରୁ ୧୦୦ କୋଟି ଟଙ୍କା ମିଳିଲେ ବି ସେତିକି ଖୁସି ମିଳି ନ ଥାଏ ଯେତିକି ଗୋଟିଏ ଅକ୍ସିଜେନ ଦେବାରେ ମିଳୁଛି। ସୋନୁଙ୍କ ଏହି ଟୁଇଟ୍‌କୁ ବହୁମାତ୍ରାରେ ଲୋକେ ପସନ୍ଦ କରିଛନ୍ତି।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, ମାଲକାନଗିରି, କୋରାପୁଟ, ପୁରୀ, ଗଜପତି, ଗଞ୍ଜାମ ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ହ୍ରାସ ପାଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହ ଘଡ଼ଘଡ଼ି ବିଜୁଳି ମାରିପାରେ। ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୪ | ୨୬.୬ |
| ଚାନ୍ଦବାଲି | ୩୭.୭ | ୨୬.୬ |
| କଟକ | ୩୯.୮ | ୨୬.୨ |
| ପାରାଦୀପ | ୩୨.୫ | ୨୮.୧ |
| ଭୁବନେଶ୍ୱର | ୩୯.୫ | ୨୭.୭ |
| ଗୋପାଳପୁର | ୩୨.୫ | ୨୬.୫ |
| ପୁରୀ | ୩୩.୬ | ୨୮.୦ |
| ଅନୁଗୋଳ | ୪୨.୧ | ୨୬.୬ |
| ବାରିପଦା | ୩୯.୬ | ୨୬.୨ |
| ଝାରସୁଗୁଡ଼ା | ୪୨.୮ | ୨୨.୬ |
| କେନ୍ଦୁଝର | ୩୯.୦ | ୨୩.୨ |
| ସମ୍ବଲପୁର | ୪୨.୩ | ୨୩.୫ |
| ସୁନ୍ଦରଗଡ଼ | ୪୧.୫ | ୨୧.୦ |
| ହୀରାକୁଦ | ୪୨.୦ | ୨୨.୧ |
| ତାଳଚେର | ୪୧.୭ | ୨୫.୪ |
| ଭବାନୀପାଟଣା | ୪୧.୫ | ୨୩.୮ |
| ବଲାଙ୍ଗୀର | ୪୨.୫ | ୨୩.୮ |
| କୋରାପୁଟ | ୩୭.୫ | ୨୨.୪ |
| ଫୁଲବାଣୀ | ୪୦.୦ | ୧୭.୫ |
| ଟିଟିଲାଗଡ଼ | ୪୨.୦ | ୨୬.୮ |
| ମାଲକାନଗିରି | ୪୦.୫ | ୨୪.୦ |
| ସୋନପୁର | ୪୧.୦ | ୨୩.୬ |
| ଦାରିଙ୍ଗିବାଡ଼ି | ୩୬.୫ | ୨୧.୦ |
| ନୟାଗଡ଼ | ୪୧.୦ | ୨୬.୦ |
| ବୌଦ୍ଧ | ୪୩.୨ | ୨୩.୫ |
| ଛତ୍ରପୁର | ୩୩.୦ | ୨୬.୦ |
| ପାରଳାଖେମୁଣ୍ଡି | ୪୦.୦ | ୨୫.୦ |
| ରାୟଗଡ଼ା | ୩୮.୫ | ୨୪.୨ |

ଡିଗ୍ରୀ ସେଲ୍‌ସିୟସ୍

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ସ୍ୱର୍ଗତଃ ମୁଷି ମାର୍ଥା**
ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ - ୨୪.୦୬.୧୯୩୦
ତିରୋଧାନ - ୧୯.୦୪.୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ପୁତ୍ର -
ଶ୍ରୀଧର ମାର୍ଥା (ଫିଲ୍ମ ପ୍ରଡ୍ୟୁସର)
ରେଞ୍ଜ ରୟାଲ ସିନେଲ୍ୟବ
ଏବଂ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୭୦୫୯୪

**ଶ୍ରଦ୍ଧାଞ୍ଜଳି**

**ଂପୁରୁଷୋତ୍ତମ ଦାଶ**
ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୨୪।୦୨।୧୯୪୪
ତିରୋଧାନ: ୨୫।୦୪।୨୦୨୧
ଆପଣଙ୍କୁ ହରାଇବାର ଯନ୍ତ୍ରଣା ଅସୀମ। ଆପଣ ସବୁବେଳେ ଆମ ହୃଦୟରେ ରହିବେ। ଆମେ ଆପଣଙ୍କର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବୁ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ-୨୦୬୨୬

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**ଂ ପୁଷ୍ପାଞ୍ଜଳି ବେଉରିଆ**
ଆବିର୍ଭାବ: ୦୪।୦୧।୧୯୪୨
ତିରୋଧାନ: ୧୯।୦୪।୨୦୨୧
ମାମା! ତୁମର ସ୍ନେହ ଓ ଶ୍ରଦ୍ଧା ଆମ ପାଇଁ ସଦାସର୍ବଦା ଏକ ପ୍ରେରଣାର ଉତ୍ସ ହୋଇ ରହିବ ଏବଂ ଜୀବନର ଚଲାପଥରେ ଆଗେଇ ଯିବା ଲାଗି ବାଟ ଦେଖାଇବ। ଉପରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ଶୀତଳ ତରଙ୍ଗ ଓ ସରସ, ପୁତ୍ରବଧୂ: ରାଜଶ୍ରୀ ଓ ପରମିତା, ନାତି: ଅଙ୍କିତ ଓ ବନ୍ଧୁ ଏବଂ ପରିବାରବର୍ଗ ।
ଧ-୨୦୬୧୦

**ଶ୍ରଦ୍ଧାସୁମନ**

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।।"
**ଂ ଶାନ୍ତିଲତା ଜେନା**
ସ୍ୱାମୀ: ପିତବାସ ଜେନା
ଏଲ୍‌ଆଇଜି-୧୩୬, ଫେଜ୍-୪, ଦୁମୁଦୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୧୩.୦୬.୧୯୪୯। ତିରୋଧାନ: ୧୯.୦୪.୨୦୨୧
ମା, ଆଜକୁ ଏଗାର ଦିନ ହେଲା ତୁ ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲୁ। ଏ ତେଲଲୁଣ ସଂସାରକୁ ଯିଏ ଆସିଛି, ସେ ତ ଦିନେ ନା ଦିନେ ଏ ସଂସାର ତ୍ୟାଗ କରିଛି। କିନ୍ତୁ ତୁ ଚାଲିଗଲା ପରେ ସେ ଖାଲିସ୍ଥାନ କେହି ବି ପୂରଣ କରିପାରିବେ ନାହିଁ। ଆଜି ଏହି ଏକାଦଶ ଦିବସରେ ତୋର ଆତ୍ମା ପରମାତ୍ମାରେ ଲୀନ ହେଉ, ଏହା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚରଣାବିନ୍ଦରେ ପ୍ରାର୍ଥନା।
-: ଶୋକ ସନ୍ତପ୍ତ :-
ଡ଼ଃ. ପରେଶ ଜେନା, ଡ଼ଃ. ସୁଜାତା ସ୍ୱାଇଁ, ପ୍ରଭାସ ଜେନା, କୁଲି ଜେନା, ରୋଜୀ ସାମନ୍ତରାୟ, ପ୍ରଦୀପ ସାମନ୍ତରାୟ, ନାତି, ନାତୁଣୀ, ବନ୍ଧୁ ଓ ପରିବାର ବର୍ଗ।
ଧ-୨୦୬୨୫

**SRADHANJALI**

**Late SARAG**
Late Date: 18.04.2021 on Sunday
With profound grief and sorrow, We inform the sad demise of our friend Late Sarag who left for the heavenly adobe on date: 18.04.2021 (Sunday). May the Lord grant peace to his divine soul.
Yours Sincerely
Vanivihar - 90 Friends

# ଦୀପିକାଙ୍କ ନିଶା



**ଦୀ**ପିକା ପାଦୁକୋନ୍ ଏବେ ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ। ତାଙ୍କର ଏକ ଅଜବ ନିଶା ରହିଛି। ସେ ନିଶା ଏବେକାର ନୁହେଁ। ପିଲାଦିନ ହେଉ ଅବା ଷ୍ଟୁଡେଣ୍ଟ କ୍ୟାରିୟର ସେ ଗୋଟିଏ କଥା ଆଦୌ ମିସ୍ କରନ୍ତି ନାହିଁ। ତାହା କ'ଣ ଜାଣନ୍ତି ? ସିନେମା ଦେଖିବା। କୌଣସି ନୂଆ ସିନେମା ରିଲିଜ ହେଲେ ତାକୁ ଆରମ୍ଭରୁ ହିଁ ସେ ଯେମିତି ହେଲେ ଦେଖନ୍ତି। ଏଥିରେ ତାଙ୍କୁ ବେଶ୍ ଆନନ୍ଦ ମିଳିବା ସହ ଆକ୍ଟିଂ ବିଷୟରେ ଅନେକ କଥା ଜାଣି ହୋଇଥାଏ ବୋଲି କହନ୍ତି ଦୀପିକା। ଆକ୍ଟିଂ ଦୁନିଆରେ ପ୍ରବେଶ କରିବା ପୂର୍ବରୁ ସେ ବ୍ୟାଡମିଣ୍ଟନ ଖେଳୁଥିଲେ। ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳି ପ୍ରକାଶ ପାଦୁକୋନ୍‌ଙ୍କର ଏହି କନ୍ୟା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ଅଂଶଗ୍ରହଣ କରିଛନ୍ତି। ଅଭିନୟ କରିବା ପୂର୍ବରୁ ସେ ମଡେଲିଂ ସହ ଜଡ଼ିତ ଥିଲେ। ହେଲେ ମଡେଲିଂର ପ୍ରାରମ୍ଭରେ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା ଏବଂ ଆରମ୍ଭର ସେହି ଚାରି ବର୍ଷକୁ ଏବେ ମଧ୍ୟ ମନେ ପକାଇଥାଆନ୍ତି ଏହି ଅଭିନେତ୍ରୀ। ତାଙ୍କ ଅଭିନୀତ କୌଣସି ସିନେମା ଯଦି ଫ୍ଲପ ହେଲା ତେବେ ସେ ବ୍ୟତିବ୍ୟସ୍ତ ନ ହୋଇ ତାହାର କାରଣ ଖୋଜନ୍ତି ଏବଂ ସେପରି ଭୁଲ ଯେମିତି ପରବର୍ତ୍ତୀ ସିନେମାରେ ନ ହେବ ସେ ନେଇ ସତର୍କ ରହିଥାଆନ୍ତି।

## ନୂଆ ସିନେମା

# ୟାର୍ ଗଦ୍ଦାର

**ବ**ନ୍ଧୁତା ଏକ ପବିତ୍ର ଆଉ ମହାନ୍ ଶବ୍ଦ। ଯଦି ଏଥିରେ ଆବିଳତା ନ ଥାଏ ତେବେ ଏହା ଦୀର୍ଘସ୍ଥାୟୀ ହୋଇଥାଏ। ଏଥିରେ ଅବିଶ୍ୱାସର ଭାଇରସ ପ୍ରବେଶ କଲେ ତେବେ ଅନ୍ତରଙ୍ଗ ବନ୍ଧୁ ଦିନେ ଶତ୍ରୁ ପାଲଟି ଯାଇଥାଏ। ସେହିପରି ଦୁଇ ଜଣ ବନ୍ଧୁଙ୍କ ଭିତରେ ଥିବା ନିବିଡ଼ ବନ୍ଧୁତାର ମୀନାର ଧୂଳିସାତ ହୋଇଯାଉଛି। ତା'ପରେ ସମୟ ସହ ପାଦ ଦେଇ ଦୁହେଁ ପୁଣି ଥରେ ବନ୍ଧୁତ୍ୱର ଡୋରିରେ ବାନ୍ଧି ହେଉଛନ୍ତି କି ନାହିଁ, ତାହାକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ୟାର ଗଦ୍ଦାର'। ସାଇ ବିନାୟକ ଇଣ୍ଡଷ୍ଟ୍ରିଜ ଲିମିଟେଡ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଜଗତ ରଞ୍ଜନ ମହାକୁଡ଼। ବିରଞ୍ଚି ସାମଲ ସଂଳାପ ରଚନା କରିଛନ୍ତି। ବିଜୟ ମଲ୍ଲ, ବାପୁ ଗୋସ୍ୱାମୀ ଏବଂ ବିରଞ୍ଚି ସାମଲଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିକାଶ ଦାସ। ଚିତ୍ରଟିର ସହଯୋଗୀ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ ଆଶୁତୋଷ ଦାସ (ବାବୁ ଦା)। ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ରୋଶନ ନନ୍ଦ, ସସ୍ମିତ କୁମାର, ସୋନମ ଦାସ, ପ୍ରଜ୍ଞା ପ୍ରଧାନ, ଗୁଡଲି, ଅସୀତ ପତି, ଅଶୋକ ଦାସ, କୀର୍ତ୍ତି ମହାନ୍ତି ଏବଂ ଶିଶୁ କଳାକାର ପ୍ରିନ୍ସ ଓ ଲିପୁନଙ୍କୁ ଦେଖିବାକୁ ମିଳିବ।




# କାହାଣୀ ମିଶନ

**କ**ରୀନା କପୁର ଓରଫ ବେବୋଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏବେ ତ କରୋନା ପୁଣି ଯେମିତି ନିଜର କାୟା ବିସ୍ତାର କରିଛି ସେଥିପାଇଁ କେତେକ ସିନେମାର ଶୁଟିଂକୁ ବନ୍ଦ କରିଦିଆଯାଇଛି। ଯେହେତୁ ସେ ଏବେ ଘରେ ଅଛନ୍ତି ତେଣୁ ଗୋଟିଏ କାମରେ ମନୋନିବେଶ କରିଛନ୍ତି। ତାହା କ'ଣ ଜାଣନ୍ତି ? କାହାଣୀ ଖୋଜିବା। ଅର୍ଥାତ୍, ଏକ ନାରୀଭିତ୍ତିକ ଦମଦାର କାହାଣୀ ସନ୍ଧାନରେ ସେ ବ୍ୟସ୍ତ ଅଛନ୍ତି। ଏ ସମ୍ପର୍କରେ କରୀନା କହନ୍ତି, 'ଘରେ ରହି ପରିବାର ସହ ତ ସମୟ କଟୁଛି। ହେଲେ ଫାଙ୍କା ସମୟକୁ ମୁଁ ଅଯଥାରେ ଅପଚୟ କରିବାକୁ ଚାହୁଁନାହିଁ। ତେଣୁ ଏକ କାହାଣୀ ଖୋଜିବାରେ ବ୍ୟସ୍ତ ଅଛି, ଯାହା ଜଣେ ନାରୀର ସଂଘର୍ଷମୟ ଜୀବନ ଉପରେ ଆଧାରିତ ହୋଇଥିବ। ଏ ନେଇ କିଛି ବହି ପଢ଼ିବାକୁ ପଡୁଛି। ଆଶା ରଖିଛି ମୋର ଏହି କାହାଣୀ ମିଶନ ନିଶ୍ଚୟ ସଫଳ ହେବ। ମୋର ଏହି କାମରେ ମୋର ପତିଦେବ ସୈଫ ଯଥେଷ୍ଟ ସାହାଯ୍ୟ କରୁଛନ୍ତି। ମୋ ମନଲାଖି କାହାଣୀ ମିଳିଗଲା ପରେ ସେ ସମ୍ପର୍କରେ ନିଶ୍ଚୟ ସୂଚନ ଦେବି।' ସୂଚନାଯୋଗ୍ୟ ଆମୀର ଖାଁ ଏବଂ କରୀନା ଅଭିନୀତ 'ଲାଲ୍ ସିଂ ଚଢ଼ା' ରିଲିଜ ଅପେକ୍ଷାରେ ରହିଛି।

# ବଲିଉଡ୍ ହାଲ୍‌ଚାଲ୍

✓ ନିକଟରେ ରିଲିଜ ହୋଇଥିବା ହିନ୍ଦୀ ସିନେମା 'ଅଜିବ ଦସ୍ତାନ'ରେ ନୁସରତ ଭରୁଚାଙ୍କ ଭୂମିକା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିପାରିଛି।

✓ କରୋନା ପାଇଁ ଜନ୍ ଆବ୍ରାହମଙ୍କ ଅଭିନୀତ 'ସତ୍ୟମେବ ଜୟତେ-୨'ର ରିଲିଜ ଡେଟ୍‌କୁ ସ୍ଥଗିତ ରଖାଯାଇଛି। ଫିଲ୍ମଟି ଆସନ୍ତା ମାସ ୧୩ ତାରିଖରେ ମୁକ୍ତିଲାଭ କରିବାର ଯୋଜନା ଥିଲା। ନିଖିଲ ଆଧୱାନୀଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ମିଲାପ ଜାଭେରି।

✓ ନୂଆ ହିନ୍ଦୀ ସିନେମା 'ଭେଡ଼ିୟାଁ'ର ଶୁଟିଂ ଚାଲୁ ରହିଛି। ନିକଟରେ ଏହାର ୟୁନିଟ୍ ଅରୁଣାଚଳ ପ୍ରଦେଶରେ ଡେରା ପକାଇଥିଲା। ଏହି ଫିଲ୍ମର ନାୟକ ସାଜିଛନ୍ତି ବରୁଣ ଧାୱନ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି କ୍ରିତି ସାନନ୍। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଅମର କୌଶିକ।

✓ କରନ୍ ଜୋହରଙ୍କ ନିର୍ମାଣାଧୀନ ସିନେମା 'ଦୋସ୍ତାନା-୨'ରେ ଅକ୍ଷୟ କୁମାର ଅଭିନୟ କରିବାର ଯୋଜନା ରହିଛି। ଫିଲ୍ମର ନାୟିକା ଭୂମିକାରେ ଅଭିନୟ କରୁଛନ୍ତି ଜାହ୍ନବୀ କପୁର।

✓ ନିକଟରେ ରଣବୀର ସିଂ ଏକ ଅନଟାଇଟଲଡ୍ ଫିଲ୍ମ ସାଇନ୍ କରିଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଭିନୟ କରିବେ କିଆରା ଆଡୱାନୀ।







# ସମ୍ପର୍କ ମା-ପୁଅର

**ମା'** ଜନ୍ମଦାତ୍ରୀ। ପିଲାଟିକୁ ଜନ୍ମ ଦେବା ପରେ ତାହାର ଲାଳନ ପାଳନ ଦାୟିତ୍ୱ ବହନ କରିଥାଏ। ମା ଏବଂ ପୁଅର ସମ୍ପର୍କ କେତେ ଅନାବିଳ ତାହା କହିବା ବାହୁଲ୍ୟ। ଏପରି ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ଧନ ଧନ ଡାକି ଗେଲ କରିବାକୁ ମନ' ରିଲିଜ ଅପେକ୍ଷାରେ ରହିଛି। ଏହାବ୍ୟତୀତ ଏହି ଫିଲ୍ମରେ ଜଗନ୍ନାଥଙ୍କ ତତ୍ତ୍ୱ ମଧ୍ୟ ରହିଛି। ଏହାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମନ୍ମୟ କୁମାର ମହପାତ୍ର। ଏହାପୂର୍ବରୁ ସେ ବେଶ୍ କେତୋଟି ଆଲବମର ନିର୍ଦ୍ଦେଶନା ଦେବା ସହ କେତୋଟି ଓଡ଼ିଆ ସିନେମାରେ ସହ ନିର୍ଦ୍ଦେଶକ ଭାବରେ କାମ କରିସାରିଛନ୍ତି। ତେବେ ପ୍ରଥମ ଥର ପାଇଁ ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଉଛନ୍ତି। ମଞ୍ଜୁରାଣୀ ଫିଲ୍ମସ ବ୍ୟାନରର ଏହି ଚିତ୍ରର ପ୍ରଯୋଜନା କରିଛନ୍ତି ମଞ୍ଜୁରାଣୀ ପ୍ରଧାନ। ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ଜ୍ୟୋତି, ପ୍ରିୟଙ୍କା, ଭୂପତି ତ୍ରିପାଠୀ, ବ୍ରଜ ସିଂ, ଚକ୍ରଧର ଜେନା, ବଜ୍ରୁ ବଡଜେନା, ଲୋପାମୁଦ୍ରା, ଥିନ, ଅସୀତ ପତି, ବାବୁ ପ୍ରଧାନ, ପ୍ରିୟ ମିଶ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଖୁବ୍ ଶୀଘ୍ର ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରକାଶ।

# ବାୟ ବାୟ ଦିଲ୍


**ନୂ**ଆ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍'ର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରୁଷୀୟ ଲଳନା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା। ପ୍ରଥମ ଥର ପାଇଁ ଓଡ଼ିଆ ସିନେମାର ଅଭିନୟ କରୁଛନ୍ତି। ଏହାର ପ୍ରଯୋଜନା କରିଛନ୍ତି ନବାଗତା ଜୟଲକ୍ଷ୍ମୀ ମିଶ୍ର। କୁନାଲ ପଟ୍ଟନାୟକ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ଶୁଟିଂ ଶେଷ ହୋଇଥିବା ଏହି ଫିଲ୍ମରେ ସାସାଙ୍କ ନାୟକ ସାଜିଛନ୍ତି ରାଜ୍। ସାସା-ରାଜ୍ ଯୋଡ଼ି ବ୍ୟତୀତ ପଲ୍ଲବୀ, ଜୀବନ ପଣ୍ଡା, ଜୟଲକ୍ଷ୍ମୀ, ପ୍ରୀତିରାଜ, କୁନାଲ, ଟୁଲୁ, ଶମ୍ଭୁ, ରାମବାବୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

## ୮୫ବର୍ଷର ସ୍ମୃତି

# ସୀତା ବିବାହ

*"୧୨ ରିଲ୍ ବିଶିଷ୍ଟ 'ସୀତା ବିବାହ' ୧୯୩୬ ମସିହା ଏପ୍ରିଲ ୨୮ ତାରିଖରେ ମୁକ୍ତିଲାଭ କରିଥିଲା ପୁରୀର ଲକ୍ଷ୍ମୀ ଟକିଜଠାରେ। ସୀତା ବିବାହରେ ମୋଟ ୨୯ ହଜାର ୭୮୧ ଟଙ୍କା ଦଶଅଣା ଖର୍ଚ୍ଚ ହୋଇଥିଲା।"*

**ରା**ସ ସ୍ରଷ୍ଟା ସେ, ଆଧ୍ୟାତ୍ମିକତାର ମନ୍ତ୍ରରେ ଦୀକ୍ଷିତ ଜଣେ ଦିବ୍ୟପୁରୁଷ। କିନ୍ତୁ ସିନେମା ଭଳି ଆଧୁନିକ ଦୃଶ୍ୟକାବ୍ୟ ତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଓଡ଼ିଶାରେ, ଓଡ଼ିଆ ସିନେମା ଆକାରରେ, ସିଧାସଳଖ କହିଲେ ଓଡ଼ିଆ ଭାଷାର ସର୍ବପ୍ରଥମ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ନିର୍ମାଣ ସେ ଓଡ଼ିଶାରେ ଆରମ୍ଭ କରିଥିଲେ ଆଉ ନାଁ ଦେଇଥିଲେ 'ସୀତା ବିବାହ'। ତେଣୁ ଓଡ଼ିଆ ସିନେମା ଜଗତ ପାଇଁ ସେ ଜଣେ ପ୍ରାତଃ ସ୍ମରଣୀୟ ବ୍ୟକ୍ତିତ୍ୱ।
ସ୍ୱର୍ଗତ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀ କେବେ ସିନେମା ଦେଖନ୍ତି ନାହିଁ। କିନ୍ତୁ ସେଦିନ ଘର ପଛପଟ ପୁରୀର 'ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ'କୁ ସେ ଗଲେ ଭ୍ରାମ୍ୟମାଣ ସିନେମା ଦେଖିବା ପାଇଁ। ବିଖ୍ୟାତ ହାସ୍ୟ ଅଭିନେତା ଚାର୍ଲି ଚାପ୍‌ଲିନ୍‌ଙ୍କ ଅଭିନୟ ତାଙ୍କୁ ଏତେ ମୁଗ୍ଧ କଲା ଯେ ସେ ସେଇଦିନ ନିଷ୍ପତ୍ତି ନେଲେ ଫିଲ୍ମ ତିଆରି କରିବେ ଏବଂ ତା'ପରେ ଆରମ୍ଭ ହୋଇଗଲା ପ୍ରସ୍ତୁତି। ଏହା ୧୯୩୫ ମସିହା କଥା, ବାସ୍ ଏହାପରେ ମାତ୍ର ବର୍ଷକ ବ୍ୟବଧାନରେ ନିର୍ମାଣ ପାଇଁ ବାଟ ଦେଖିଲା 'ସୀତା ବିବାହ'। ସ୍ୱର୍ଗତ ଦେବ ଗୋସ୍ୱାମୀ ନିଜେ ଏହାକୁ ପ୍ରଯୋଜନା କରିଥିଲେ,



ମୋହନ ସୁନ୍ଦର ଦେବ ଗୋସ୍ୱାମୀ

ନିର୍ଦ୍ଦେଶନା ସହ ଅଭିନୟ ମଧ୍ୟ କରିଥିଲେ।
୧୨ ରିଲ୍ ବିଶିଷ୍ଟ 'ସୀତା ବିବାହ' ୧୯୩୬ ମସିହା ଏପ୍ରିଲ ୨୮ ତାରିଖରେ ମୁକ୍ତିଲାଭ କରିଥିଲା ପୁରୀର ଲକ୍ଷ୍ମୀ ଟକିଜଠାରେ। ସୀତା ବିବାହରେ ମୋଟ ୨୯ ହଜାର ୭୮୧ ଟଙ୍କା ଦଶଅଣା ଖର୍ଚ୍ଚ ହୋଇଥିଲା। ରାମ ଭୂମିକାରେ ଅଭିନୟ ପାଇଁ ମାଖନଲାଲ ବାନାର୍ଜୀ ୧୨୦ ଟଙ୍କା, ସୀତା ଭୂମିକାରେ ଅଭିନୟ ପାଇଁ ପ୍ରଭାବତୀ ଦେବୀ ୧୫୦ ଟଙ୍କା ନେଇଥିଲେ ଓ ଲକ୍ଷ୍ମଣ ଭୂମିକାରେ ଅଭିନୟ ପାଇଁ ଅଦ୍ୱୈତ ମହାନ୍ତି ୩୫ ଟଙ୍କା (କେବଳ ଯିବା ଆସିବା ଖର୍ଚ୍ଚ ବାବଦରେ ପାରିଶ୍ରମିକ ନେଇଥିଲେ)। ବେଙ୍ଗଲ ବୋର୍ଡ଼ ଅଫ୍ ଫିଲ୍ମ ସାର୍ଟିଫିକେଟ ପକ୍ଷରୁ କଲିକତା ଲାଲ ବଜାର ପୋଲିସ କମିଶନର ଏହାକୁ ସେନ୍‌ସର ସାର୍ଟିଫିକେଟ ପ୍ରଦାନ କରିଥିଲେ। ସେତେବେଳେ ଗୋଟିଏ ଶୋ ସମୟସୀମା ଥିଲା ୩ ଘଣ୍ଟା। ତେଣୁ 'ସୀତା ବିବାହ' ପ୍ରଦର୍ଶନ ସହ ଘଣ୍ଟାଏ ଲମ୍ବା ବଙ୍ଗଳା ସାମାଜିକ ଚିତ୍ର 'ମଣିକାଞ୍ଚନ' ମଧ୍ୟ ଦର୍ଶକମାନଙ୍କୁ ଦେଖାଯାଉଥିଲା। କଲିକତାରେ କାଳୀ ଫିଲ୍ମସ ପକ୍ଷରୁ ନୂଆ ପ୍ରିଣ୍ଟ 'ସୀତା ବିବାହ'ର ଭ୍ରାମ୍ୟମାଣ ସିନେମା ପ୍ରଦର୍ଶନ ସରିଲା ପରେ ଟେଣ୍ଟ ମଧ୍ୟରେ ପ୍ରିଣ୍ଟଟି ଥିଲା। ଆକସ୍ମିକ ଅଗ୍ନିକାଣ୍ଡ ଯୋଗୁ ତାହା ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଗଲା। ସର୍ବପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ'ର କୌଣସି ସନ୍ତକ ଏବେ ସୁରକ୍ଷିତ ନାହିଁ, କାହାନ୍ତି ବି ଅଭିନୟ କରିଥିବା କଳାକାର, କିନ୍ତୁ ଏ ସ୍ମୃତି ଭୁଲିବାର ନୁହେଁ। କାରଣ ଏହି ସିନେମା ହିଁ ଏକ ଆଞ୍ଚଳିକ ସିନେମା ଦୁନିଆର ମାର୍ଗଦର୍ଶକ ଥିଲା।

ଅଗ୍ରଣୀ ସିନେ ସଂଗଠକ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନକୁ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ନାତି ବଟରାଜ ଦେବ ଗୋସ୍ୱାମୀ 'ସୀତା ବିବାହ'ର ସମ୍ପୂର୍ଣ୍ଣ ଚିତ୍ରନାଟ୍ୟ ଓ ଗୀତକୁ ସଂରକ୍ଷିତ ରଖିବା ପାଇଁ ଚୁକ୍ତି କରିଥିଲେ। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏହି ଚିତ୍ରନାଟ୍ୟ ପୁସ୍ତକକୁ ଆନୁଷ୍ଠାନିକ ଭାବରେ ଉନ୍ମୋଚନ କରିସାରିଛନ୍ତି। ୧୯୩୬ ମସିହା ଏପ୍ରିଲ ୨୮ ତାରିଖ ଉତ୍କଳ ଗୌରବ ମଧୁସୂଦନଙ୍କ ଶୁଭ ଜନ୍ମଦିବସ ଏବଂ ଏହାକୁ ସଂକଳ୍ପ ଦିବସ ଭାବେ ପାଳନ କରାଯାଉଛି। ସେହିଦିନ ସୀତା ବିବାହ ଦିବସ ପାଳନ ସେହି ସଂକଳ୍ପକୁ ଆଉ ପାଦେ ଆଗେଇ ନେବ ଓଡ଼ିଆ କଳା, ସଂସ୍କୃତି ଓ ସିନେମା କ୍ଷେତ୍ରରେ। ମୂଳ ହିଁ ଗଛର ସବୁକିଛି। ଠିକ୍ ସେମିତି 'ସୀତା ବିବାହ' ଓଡ଼ିଆ ସିନେମାର ପରିଚୟ। ଏହା ଯେତେ ସ୍ମରଣରେ ରହିବ ଓଡ଼ିଆ ସିନେମାର ଗୌରବଗାଥା ସେତିକି ସ୍ପଷ୍ଟ ହେବ।

**-ଦିଲ୍ଲୀପ ହାଲି, ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ ଆସୋସିଏଶନ, ବଡ଼ଗଡ଼, ଭୁବନେଶ୍ୱର**
**ମୋ : ୯୮୬୧୦୦୯୨୫୨**

# ଲାଗେ ପ୍ରେମ ନଜର

**ଏ**କ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଲାଗେ ପ୍ରେମ ନଜର'। ବ୍ଲୁଆଇଜ ଏଣ୍ଟରଟେନମେଣ୍ଟ ବ୍ୟାନର ଚିତ୍ରଟିର ପ୍ରଯୋଜନା କରିଛନ୍ତି ମିଷ୍ଟର ବ୍ୟୋମକେଶ। ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଏସ୍. ଦିଲୀପ ପଣ୍ଡା। ଏହାପୂର୍ବରୁ ସେ 'ରସିକ ନାଗର', 'କ୍ରିମିନାଲ୍', 'ହିରୋ', 'ଦିଲ୍ କା ରାଜା', 'ମେଣ୍ଟାଲ', 'ତୁ ମୋ ହିରୋ' ଆଦି ହିଟ୍ ସିନେମାର ନିର୍ଦ୍ଦେଶନା ଦେଇସାରିଛନ୍ତି। ଉକ୍ତ ସିନେମାର ଶୁଟିଂ ଏବଂ ପୋଷ୍ଟ ପ୍ରଡକ୍ସନ କାମ ଶେଷ ହେବା ସହ ଚିତ୍ରଟି ସେନସର ଅପେକ୍ଷାରେ ରହିଛି। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଅମ୍ଲାନ କୁମାର, ରିୟା, ପ୍ରିୟା ଚୌଧୁରୀ, ରାଗିଣୀ, ବବି ମିଶ୍ର ଏବଂ ପପୁ ସନ୍ତୁକା ପ୍ରମୁଖ କଳାକାର। ଉକ୍ତ ସିନେମାର ଲାଇନ୍ ପ୍ରଡ୍ୟୁସର ତଥା କମେଡିଆନ୍ ଅମର ମହାପାତ୍ର ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଦେବେ। ଏଥିରେ ସଂଯୋଜିତ ୫ଟି ଗୀତକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ଚଳଚ୍ଚିତ୍ର ସମ୍ପର୍କରେ ନିର୍ଦ୍ଦେଶକ ଦିଲୀପ କହନ୍ତି, 'ଏହାର କାହାଣୀରେ କେବଳ ଲଭ୍ ନୁହେଁ, ଇମୋଶନ, ଆକ୍ସନ ଏବଂ କମେଡି ରହିଛି। କାହାଣୀର ଉପସ୍ଥାପନା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଛି। ଫିଲ୍ମଟି ସବୁ ଦୃଷ୍ଟି କୋଣରୁ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଏହାର ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସ ପଟ୍ଟନାୟକ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଗୁରୁବାର, ଏପ୍ରିଲ ୨୯/୨୦୨୧ Berhampur, Thursday, April 29/ 2021

# ୱାର୍ନର-ମନୀଷଙ୍କ ଶତକୀୟ ଭାଗୀଦାରି

ନୂଆଦିଲ୍ଲୀ, ୨୮।୪

ଅଧିନାୟକ ଡେଭିଡ ୱାର୍ନର ଓ ମନୀଷ ପାଣ୍ଡେଙ୍କ ଶତକୀୟ ଭାଗୀଦାରି ବଳରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚରେ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଛି। ମ୍ୟାଚର ଅଧିକାଂଶ ସମୟ ଚେନ୍ନାଇ ସୁପରକିଙ୍ଗ୍ସ ବୋଲରମାନେ ପ୍ରଭାବୀ ହୋଇଥିଲେ ହେଁ ଶେଷଭାଗରେ ବିସ୍ଫୋରକ ବ୍ୟାଟିଂ କରି ସନ୍‌ରାଇଜର୍ସ ୨୦ ଓଭରରେ ୩ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରିଛି।

ଟସ୍ ଜିତି ଅଧିନାୟକ ଡେଭିଡ ୱାର୍ନର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୨୨ ରନରେ ଓପନର ଜନି ବେୟାରଷ୍ଟୋ (୭ରନ)ଙ୍କ ଉଇକେଟ ହରାଇ ସନ୍‌ରାଇଜର୍ସ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ୱାର୍ନର ଓ ମନୀଷ ପାଣ୍ଡେ ୮୭ ବଲ୍‌ରୁ ୧୦୬ ରନର ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। ନିଜ ସ୍ୱାଭାବିକ ବ୍ୟାଟିଂରୁ ଦୂରେଇ ରହି ଅପେକ୍ଷାକୃତ ଧିମା ଖେଳିଥିବା ୱାର୍ନର ୫୫ ବଲ୍‌ରୁ ୫୭ (୩ ଚୌକା, ୨ ଛକା)ରନ କରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ମନୀଷ ୪୬ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୧ ଛକା ସହିତ ସର୍ବାଧିକ ୬୧ ରନ କରିଥିଲେ। ୧୮ ଓଭର ବେଳକୁ ହାଇଦ୍ରାବାଦ ସ୍କୋର ୧୩୮/୩ ଥିଲା। ମାତ୍ର କେନ୍ ୱିଲିୟମସନ ଓ କେଦାର ଯାଦବ ୧୯ତମ ଓଭରରେ ୨୦ ଏବଂ ଅନ୍ତିମ ଓଭରରେ ୧୩ ରନ ସଂଗ୍ରହ କରିବାରୁ ସନ୍‌ରାଇଜର୍ସ ୧୭୧ ରନରେ ପହଞ୍ଚି ପାରିଥିଲା। ୱିଲିୟମସନ ୧୦ ବଲ୍‌ରୁ ୪ ଚୌକା ଓ ୧ ଛକା ସହ ୨୬ ଏବଂ କେଦାର ୪ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହିତ ୧୨ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ ଦୁହେଁ ୧୩ ବଲ୍‌ରୁ ୩୭ ରନ ସଂଗ୍ରହ କରିଥିଲେ। ଚେନ୍ନାଇ ପକ୍ଷରୁ ଲୁନ୍‌ଗି ଏନ୍‌ଗିଡ଼ି ୨ଟି ଏବଂ ସାମ୍ କୁରାନ ଗୋଟିଏ ଉଇକେଟ ନେଇଥିଲେ।


ଶତକୀୟ ଭାଗୀଦାରି ଅବସରରେ ଡେଭିଡ୍ ୱାର୍ନର ଓ ମନୀଷ ପାଣ୍ଡେ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୭୧/୩(ମନୀଷ ପାଣ୍ଡେ-୬୧, ଡେଭିଡ ୱାର୍ନର-୫୭, କେନ୍ ୱିଲିୟମସନ-୨୬*, ଲୁନ୍‌ଗି ଏନ୍‌ଗିଡି-୨/୩୫, ସାମ୍ କୁରାନ-୧/୩୦)।

## ଉତ୍କଣ୍ଠାପୂର୍ଣ୍ଣ ବିଜୟ

**ଅହମଦାବାଦ, ୨୮।୪:** ଆଇପିଏଲର ମଙ୍ଗଳବାର ଅନୁଷ୍ଠିତ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ୧ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିଛି। ଆରସିବି ୨୦ ଓଭରରେ ୫ ଉଇକେଟ ହରାଇ ୧୭୧ ରନ କରିଥିବାବେଳେ ଦିଲ୍ଲୀ ୨୦ ଓଭରରେ ୪ ଉଇକେଟ ହରାଇ ୧୭୦ ରନ କରି ପାରିଥିଲା। ଶେଷ ବଲ୍‌ରୁ ବିଜୟ ପାଇଁ ଛକା ଆବଶ୍ୟକ ହେଉଥିବାବେଳେ ଅଧିନାୟକ ରିଷଭ ପନ୍ତ ଚୌକା ମାରିବାକୁ ସକ୍ଷମ ହୋଇଥିଲେ। ଏହି ବିଜୟ ଫଳରେ ଆରସିବି ୬ ମ୍ୟାଚରୁ ୫ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୭୧/୫ (ଏବି ଡି'ଭିଲର୍ସ-୭୫*, ରଜତ ପଟିଦାର-୩୧, ଗ୍ଲେନ ମ୍ୟାକ୍ସୱେଲ-୨୫, ଆଭେଶ ଖାଁ-୧/୨୪, ଅମିତ ମିଶ୍ର-୧/୨୭, ଅକ୍ଷର ପଟେଲ-୧/୩୩, ଇଶାନ୍ତ ଶର୍ମା-୧/୨୬, କାଗିସୋ ରାବାଡ଼ା-୧/୩୮) ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୭୦/୪ (ରିଷଭ ପନ୍ତ-୫୮*, ଶିମରନ ହେଟମେର-୫୩*, ହର୍ଷଲ ପଟେଲ-୨/୩୭, ମହମ୍ମଦ ସିରାଜ-୧/୪୪, କାଏଲ ଜେମିସନ-୧/୩୨)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୫ | ୧ | ୧୦ | +୦.୦୮୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୫ | ୪ | ୧ | ୮ | +୧.୬୧୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୪ | ୨ | ୮ | +୦.୨୬୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୨ | ୩ | ୪ | -୦.୦୩୨ |
| ନାଇଟ ରାଇଡର୍ସ | ୬ | ୨ | ୪ | ୪ | -୦.୩୦୫ |
| ପଞ୍ଜାବ କିଙ୍ଗ୍ସ | ୬ | ୨ | ୪ | ୪ | -୦.୬୦୮ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୬୮୧ |
| ସନ୍‌ରାଇଜର୍ସ | ୫ | ୧ | ୪ | ୨ | -୦.୧୮୦ |

### ଆଜିର ମ୍ୟାଚ



| | |
|---|---|
| ମୁମ୍ବାଇ ଇଣ୍ଡିଆନ୍ସ ବନାମ ରାଜସ୍ଥାନ ରୟାଲ୍ସ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ନାଇଟ ରାଇଡର୍ସ |
| ସ୍ଥାନ : ଦିଲ୍ଲୀ | ସ୍ଥାନ : ଅହମଦାବାଦ |
| ସମୟ: ଅପରାହ୍ଣ ୩.୩୦ | ସମୟ: ସନ୍ଧ୍ୟା ୭.୩୦ |

ପ୍ରସାରଣ
ଷ୍ଟାର ସ୍ପୋର୍ଟ୍ସ

# ୱାର୍ଲ୍ଡ ରିଲେରୁ ଓହରିବାକୁ ଭାରତ ବାଧ୍ୟ ହେଲା

ନୂଆଦିଲ୍ଲୀ, ୨୮।୪(ପି.ଟି.)

ପୋଲାଣ୍ଡରେ ମେ' ୧ ଓ ୨ରେ ହେବାକୁଥିବା ଅଲିମ୍ପିକ୍ କ୍ୱାଲିଫାଇଂ ୱାର୍ଲ୍ଡ ରିଲେରୁ ଓହରିବାକୁ ଭାରତୀୟ ଦଳ ବାଧ୍ୟ ହୋଇଛି। ଦେଶରେ କୋଭିଡ୍-୧୯ ସଂକ୍ରମଣ ରେକର୍ଡ ସଂଖ୍ୟାରେ ବଢୁଥିବାରୁ ଭାରତୀୟ ଦଳର ଆମଷ୍ଟରଡାମ୍‌କୁ ସଂଯୋଗ କରୁଥିବା ବିମାନ ସସ୍‌ପେଣ୍ଡ ହୋଇଥିବାରୁ ଏପରି ସ୍ଥିତି ଉପୁଜିଛି। ଭାରତୀୟ ମହିଳା ୪x୧୦୦ ମିଟର ଏବଂ ପୁରୁଷ ୪x୪୦୦ ମିଟର ରିଲେ ଦଳ ଗୁରୁବାର ଏକ କେଏଲଏମ୍ ବିମାନରେ ଆମଷ୍ଟରଡାମ୍ ଯିବାକଥା। ମାତ୍ର ଡଚ୍ ସରକାର ସୋମବାର ସନ୍ଧ୍ୟାରୁ ଭାରତରୁ ସମସ୍ତ ବିମାନ ସସ୍‌ପେଣ୍ଡ କରିଛନ୍ତି। ପୋଲାଣ୍ଡକୁ ଯିବା ପାଇଁ ଭାରତରୁ ସିଧା କୌଣସି ବିମାନ ନାହିଁ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଅନ୍ୟ କୌଣସି ୟୁରୋପିଆନ ସହର ବାଟଦେଇ ପୋଲାଣ୍ଡର ସିଲେସିଆକୁ ଦଳ ପଠାଇବାକୁ ଚେଷ୍ଟା କରିଥିଲେ ହେଁ ସମ୍ଭବ ହୋଇନାହିଁ।

''ସାମ୍ପ୍ରତିକ ପରିସ୍ଥିତିରେ ଆମେ ଅତ୍ୟନ୍ତ ଦୁଃଖିତ। ଭାରତୀୟ ବିମାନ ବନ୍ଦରରୁ ପୋଲାଣ୍ଡର ୱାର୍‌ସକୁ ସିଧା କୌଣସି ବିମାନ ନାହିଁ। ଏହାର ଅର୍ଥ ଆମେ ଯଥାସାଧ୍ୟ ଉଦ୍ୟମ କରିଥିଲେ ହେଁ ଅନ୍ୟ କୌଣସି ରୁଟ୍‌ରେ ବିମାନ ପାଇଲୁ ନାହିଁ'' ବୋଲି ଏଏଫ୍‌ଆଇ ସଭାପତି ଆଡିଲ ସୁମାରିୱାଲା ପ୍ରକାଶ କରିଛନ୍ତି। ଗତ ୨୪ ଘଣ୍ଟାଧରି ଆମେ ବିକଳ୍ପ ସନ୍ଧାନରେ ଥିଲୁ। ଟୁର୍ନାମେଣ୍ଟ ଆୟୋଜକ ଏବଂ ଦି ୱାର୍ଲ୍ଡ ଆଥ୍‌ଲେଟିକ୍ସ ସହିତ ଅନ୍ୟ କୌଣସି ରୁଟ୍‌ରେ ବିମାନ ସୁଯୋଗ ଦେବାପାଇଁ ଯୋଗାଯୋଗରେ ଥିଲୁ। ମାତ୍ର ବର୍ତ୍ତମାନ ସ୍ଥିତିରେ କାହାକୁ ଦାୟୀ କରାଯାଇପାରିବ ନାହିଁ'' ବୋଲି ସେ କହିଛନ୍ତି।

ପ୍ରକାଶଯୋଗ୍ୟ ଯେ, ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳରେ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ, ତାରକା ସ୍ପ୍ରିଣ୍ଟର ହିମା ଦାସ, ଗତ ଫେଡେରେଶନ କପ୍‌ରେ ୧୦୦ ମିଟର ଚାମ୍ପିୟନ ଏସ. ଧନଲକ୍ଷ୍ମୀ, ଅର୍ଚ୍ଚନା ସୁସେନ୍ଦ୍ରନ, ହିମାଶ୍ରୀ ରୟ ଓ ଏ.ଟି. ଧନେଶ୍ୱରୀ ସ୍ଥାନ ପାଇଥିଲେ। ୱାର୍ଲ୍ଡ ଆଥ୍‌ଲେଟିକ୍ସ ରିଲେର ଶ୍ରେଷ୍ଠ ୮ ଦଳ ସ୍ୱାଭାବିକ ଭାବେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ୨ ସଦସ୍ୟା ଅନ୍‌ଫିଟ୍ ହେବାରୁ ଭାରତୀୟ ମହିଳା ଦଳ ୪x୪୦୦ ମିଟର ରିଲେ ଇଭେଣ୍ଟରୁ ଓହରିଯାଇଛି। ଦୋହାରେ ଅନୁଷ୍ଠିତ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ଭାରତୀୟ ମିକ୍ସଡ ୪x୪୦୦ ମିଟର ରିଲେ ଦଳ ଅଲିମ୍ପିକ୍ସ ଯୋଗ୍ୟତା ପାଇ ସାରିଛି। ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳ ଟୋକିଓ ଟିକେଟ ପାଇପାରିବ ବୋଲି ଏଏଫ୍‌ଆଇ ଆଶାବାଦୀ ଥିଲା। ୨୦୧୯ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପରେ ୱାର୍ଲ୍ଡ ରିଲେ ଥିଲା ଭାରତୀୟ ଆଥ୍‌ଲେଟଙ୍କ ପାଇଁ ପ୍ରଥମ ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟ।

**କୋଭିଡ୍ ସ୍ଥିତି ଯୋଗୁ ବିମାନ ବାତିଲ ମୁଖ୍ୟ କାରଣ**

WORLD ATHLETICS RELAYS
SILESIA 21
1-2.05.2021



## ମାନସିକ ଚାପ ବଢ଼ିଛି: ଦୂତୀ

ଭାରତୀୟ ଦଳ ୱାର୍ଲ୍ଡ ରିଲେରୁ ଓହରିଥିବାରୁ ସ୍ୱାଭାବିକ ଭାବେ ଦୁଃଖିତ ହୋଇଛନ୍ତି ପଟିଆଲା 'ସାଇ' ସ୍ଥିତ ଏନ୍‌ଆଇଏସ୍ କ୍ୟାମ୍ପରେ ଥିବା ଓଡ଼ିଶାର ଦୂତୀ ଚାନ୍ଦ। ଭାରତୀୟ ଦଳ ଓହରିଯିବା ସମ୍ପର୍କରେ ସେ ସ୍ପଷ୍ଟଭାବେ ଜାଣି ନ ଥିଲେ ହେଁ ଏହା ବହୁତ ଭଲ ପ୍ରତିଯୋଗିତା ଥିଲା ଏବଂ ଭାରତୀୟ ଦଳର ପ୍ରସ୍ତୁତି ଖୁବ୍ ଭଲ ରହିଥିଲା ବୋଲି କହିଛନ୍ତି। କୋଭିଡ୍ ସ୍ଥିତି ପାଇଁ ଯଦି ବୁଧବାର ବିମାନ ବାତିଲ ହୋଇ ନ ଥାନ୍ତା ତେବେ ଆମେ ପୋଲାଣ୍ଡ ଅଭିମୁଖେ ଯାତ୍ରା କରିସାରିଥାନ୍ତୁ। ମାତ୍ର ଶେଷ ମୁହୂର୍ତ୍ତରେ ସବୁକିଛି ଏପଟ ସେପଟ ହୋଇଗଲା। ଅନ୍ୟ କୌଣସି ୟୁରୋପିଆନ ସହର ବାଟଦେଇ ଆମକୁ ପୋଲାଣ୍ଡ ପଠାଇବାକୁ ଏଏଫଆଇ ଚେଷ୍ଟା କରିଥିଲା। ଭଲଭାବେ ପ୍ରସ୍ତୁତି ସତ୍ତ୍ୱେ ଏପରି ସ୍ଥିତି ଆମର ମାନସିକ ଚାପ ବଢ଼ାଇଛି ବୋଲି ଦୂତୀ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପାଇଁ ଟାଇମିଂ ଦୃଷ୍ଟିରୁ ୮ ଦଳ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ପୋଲାଣ୍ଡରେ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରୁ ଆଉ ୮ଟି ଦଳ ଯୋଗ୍ୟତା ପାଇବେ। ୱାର୍ଲ୍ଡ ରିଲେରେ ମୋଟ ୧୯ଟି ଦଳ ଭାଗ ନେବେ। ତେବେ ବ୍ୟକ୍ତିଗତ ଟାଇମିଂ ଦୃଷ୍ଟିରୁ ଆମେ ଅଲିମ୍ପିକ୍ସ ଯୋଗ୍ୟତା ପାଇବାନେଇ ଶତ ପ୍ରତିଶତ ଆଶାବାଦୀ ଥିଲୁ ବୋଲି ଦୂତୀ କହିଛନ୍ତି।

## ସ୍ୱତନ୍ତ୍ର ବିମାନରେ ଅଷ୍ଟ୍ରେଲୀୟ ଖେଳାଳି ଘରକୁ ଯିବେ

ମେଲବୋର୍ନ,୨୮।୪(ପି.ଟି.)

ଆଇପିଏଲ୍ ପରେ ଅଷ୍ଟ୍ରେଲୀୟ ଖେଳାଳିମାନଙ୍କୁ ସ୍ୱତନ୍ତ୍ର ଅର୍ଥାତ୍ ଚାର୍ଟାର୍ଡ ବିମାନରେ ଘରକୁ ନିଆଯିବା ନେଇ ବିଚାରବିମର୍ଶ ଚାଲିଛି। ଏ ନେଇ ଅଷ୍ଟ୍ରେଲିଆ ପ୍ଲେୟାର୍ସ ୟୁନିୟନ ତରଫରୁ ବୁଧବାର ସୂଚନା ଦିଆଯାଇଛି। ଅବଶ୍ୟ ଏ ନେଇ ଅଷ୍ଟ୍ରେଲିଆ କ୍ରୀଡ଼ାମନ୍ତ୍ରୀ ଆନୁଷ୍ଠାନିକ ଭାବେ ଅନୁମତି ପ୍ରଦାନ କରିନାହାନ୍ତି। ଏ ନେଇ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଆଇପିଏଲ୍ ଫ୍ରାଞ୍ଚାଇଜ୍ ମାଲିକମାନଙ୍କ ସହ କଥା ହେବ ବୋଲି ଅଷ୍ଟ୍ରେଲିଆ କ୍ରିକେଟର୍ସ ଆସୋସିଏଶନ (ଏସିଏ) ମୁଖ୍ୟ ଟୋଡ୍ ଗ୍ରୀନବେର୍ଗ କହିଛନ୍ତି। ତେବେ ଏହା ଏକ ସାଧାରଣ କଥା ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ପୂର୍ବରୁ ମଧ୍ୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏ ନେଇ ସଫେଇ ଦେଇସାରିଛି। ବିଦେଶୀ ଖେଳାଳିମାନଙ୍କୁ ପୂରା ନିରାପତ୍ତା ବ୍ୟବସ୍ଥା ମଧ୍ୟରେ ସେମାନଙ୍କ ଦେଶକୁ ଫେରିଯିବାର ବ୍ୟବସ୍ଥା କରାଯିବ ବୋଲି ବିସିସିଆଇ କହିଛି। ତେମେ ମେ' ୩୦ରେ ଟୁର୍ନାମେଣ୍ଟ ଶେଷ ହେବା ପରେ ଏ ନେଇ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଭାରତରେ ଏବେ କରୋନା ମହାମାରୀର ବିସ୍ଫୋରଣ ହୋଇଛି। ପ୍ରତ୍ୟେକ ଦିନ କୋଭିଡ୍-୧୯ର ଲକ୍ଷଲକ୍ଷ କେସ୍ ଦେଖିବାକୁ ମିଳୁଛି। ପ୍ରତ୍ୟେକ ବିଦେଶୀ ଖେଳାଳିଙ୍କୁ ପୂରା ସୁରକ୍ଷାର ସହ ଘରକୁ ପଠାଯିବ ବୋଲି ବିସିସିଆଇ ସିଓଓ ହେମାଙ୍ଗ ଅମିନ କହିଛନ୍ତି। ଚାର୍ଟାର୍ଡ ଫ୍ଲାଇଟ୍ ପାଇଁ ଅଷ୍ଟ୍ରେଲିଆ ସରକାରଙ୍କ ଅନୁମତି ଆବଶ୍ୟକ। ତେବେ ସରକାର ଏ ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି। ପୂର୍ବରୁ କରୋନା ପାଇଁ ଅଷ୍ଟ୍ରେଲିଆ ଭାରତକୁ ଯିବାକୁ ଥିବା ସବୁ ବିମାନଯାତ୍ରାକୁ ବାତିଲ କରିଛି। କରୋନା ଭୟରେ ଆଣ୍ଡ୍ର୍ୟୁ ଟାଏ, କେନ୍ ରିଚାର୍ଡସନ ଓ ଆଡାମ ଜାମ୍ପାଙ୍କ ଭଳି ଅଷ୍ଟ୍ରେଲୀୟ ଖେଳାଳି ଘରକୁ ପ୍ରତ୍ୟାବର୍ତ୍ତନ କରିସାରିଛନ୍ତି। ଏବେ ମଧ୍ୟ ୧୪ଜଣ ଅଷ୍ଟ୍ରେଲିଆ ଖେଳାଳି ବିଭିନ୍ନ ଦଳ ତରଫରୁ ଆଇପିଏଲରେ ଖେଳ ଜାରି ରଖିଛନ୍ତି। ସେମାନଙ୍କ ମଧ୍ୟରେ କ୍ରିସ ଲିନ୍, ଷ୍ଟିଭ ସ୍ମିଥ୍, ଡେଭିଡ ୱାର୍ନର, ପ୍ୟାଟ୍ କମିନ୍ସଙ୍କ ଭଳି ଖେଳାଳି ସାମିଲ ରହିଛନ୍ତି।

# ବାତିଲ ହୋଇପାରେ ମହିଳା ଟି୨୦ ଚ୍ୟାଲେଞ୍ଜ



ନୂଆଦିଲ୍ଲୀ, ୨୮।୪(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସମୟରେ ହେଉଥିବା ୩ ଦଳ ବିଶିଷ୍ଟ ମହିଳା ଟି୨୦ ଚ୍ୟାଲେଞ୍ଜ ଏଥର ବାତିଲ ହେବା ସମ୍ଭାବନା ଦେଖାଦେଇଛି। ଭାରତରେ କୋଭିଡ୍-୧୯ ସଂକ୍ରମଣ ବଢୁଥିବାରୁ ଅନେକ ଦେଶ ବିମାନ ଯାତ୍ରାରେ କଟକଣା ଲଗାଇଥିବାରୁ ଏହି ସ୍ଥିତି ଉପୁଜିଛି। ଅସ୍ୱାଭାବିକ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇଥିବାରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା କିମ୍ବା ୱେଷ୍ଟଇଣ୍ଡିଜ ଖେଳାଳିମାନେ ଭାରତକୁ ଆସିପାରିବେ ନାହିଁ। ତେଣୁ ଏହି ପ୍ରତିଯୋଗିତା ଆଶଙ୍କା ଘେରକୁ ଚାଲିଯାଇଛି। ଏବେ ମଧ୍ୟ ଭାରତୀୟ ଖେଳାଳିଙ୍କ କ୍ୱାରାଣ୍ଟାଇନ୍‌କୁ ନେଇ କୌଣସି ସମସ୍ୟା ନାହିଁ। ମାତ୍ର ବର୍ତ୍ତମାନ ଏଠାକାର ପରିବେଶକୁ କୌଣସି ବିଦେଶୀ ଖେଳାଳି ଆସିବାକୁ ଆଗ୍ରହୀ ନାହାନ୍ତି। ସ୍ଥିତିରେ ସୁଧାର ଆସିଲେ ଟୁର୍ନାମେଣ୍ଟ ପାଇଁ ପରେ ଏକ ୱିଣ୍ଡୋ ବାହାର କରାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ କର୍ମକର୍ତ୍ତା ନିଜ ନାମ ଗୋପନ ସର୍ତ୍ତରେ ପ୍ରକାଶ କରିଛନ୍ତି। ଗତବର୍ଷ ଆଇପିଏଲ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)କୁ ସ୍ଥାନାନ୍ତର ହୋଇଥିଲା। ମାତ୍ର ସେତେବେଳେ ବିଗ୍ ବାଶ୍ ଲିଗ୍ ଚାଲିଥିବାରୁ କୌଣସି ଅଷ୍ଟ୍ରେଲିଆ ଖେଳାଳି ମହିଳା ଟି୨୦ ଚ୍ୟାଲେଞ୍ଜରେ ସାମିଲ ହୋଇପାରି ନ ଥିଲେ। ମହାମାରୀ ଯୋଗୁ ୟୁକେ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭାରତକୁ ବିମାନ ଚଳାଚଳ ବନ୍ଦ କରି ଦେଇଛନ୍ତି। ତେଣୁ ଆଗାମୀ ଟୁର୍ନାମେଣ୍ଟ ଆୟୋଜନ ଅସମ୍ଭବ ହୋଇପଡ଼ିବା ସୂଚନା ମିଳୁଛି। ଏହି ପ୍ରତିଯୋଗିତାରେ ୩ ଦଳ ସୁପରନୋଭାସ, ଭେଲୋସିଟି ଓ ଟ୍ରେଲବ୍ଲେଜର୍ସ ଭାଗ ନେଇଥାନ୍ତି। ''ମହିଳା ଟି୨୦ ଚ୍ୟାଲେଞ୍ଜର ସମସ୍ତ ମ୍ୟାଚ ଦିଲ୍ଲୀରେ ହେବାର ଥିଲା। ମାତ୍ର ବର୍ତ୍ତମାନ ସ୍ଥିତିରେ କେହି ଦିଲ୍ଲୀ ଆସିବାକୁ ପସନ୍ଦ କରୁନାହାନ୍ତି। ଏଥିପାଇଁ ଦାୟୀ ମଧ୍ୟ କାହାକୁ କରାଯାଇ ପାରିବ ନାହିଁ'' ବୋଲି ଅନ୍ୟ ଏକ ସୂତ୍ରରୁ ପ୍ରକାଶ କରାଯାଇଛି।

## ଆଇଓସି ଉପସଭାପତି ଜନାର୍ଦ୍ଦନଙ୍କ ପରଲୋକ

**ନୂଆଦିଲ୍ଲୀ, ୨୮।୪(ପି.ଟି.):** ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଉପସଭାପତି ଜନାର୍ଦ୍ଦନ ସିଂ ଗେହଲଟ ବୁଧବାର ଜୟପୁରରେ ପ୍ରାଣ ହରାଇଛନ୍ତି। ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ଜନାର୍ଦ୍ଦନ ୭୦ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି ବୋଲି କୁହାଯାଇଛି। ପୂର୍ବତନ ରାଜସ୍ଥାନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ଏହି କ୍ରୀଡ଼ା ପ୍ରଶାସକ ଜଣେ



କ ଅନ୍ତର୍ଜାତୀୟ କବାଡି ଫେଡେରେଶନର ପ୍ରତିଷ୍ଠାତା ଅଧ୍ୟକ୍ଷ ଥିଲେ। ୨୦୧୩ ପର୍ଯ୍ୟନ୍ତ ସେ ୨୮ ବର୍ଷ ଧରି ଆମେଚର କବାଡ଼ି ଫେଡେରେଶନ ଅଫ୍ ଇଣ୍ଡିଆ ମୁଖ୍ୟ ରହିଥିଲେ। ମୃତ୍ୟୁ ବେଳକୁ ସେ ମଧ୍ୟ ରାଜସ୍ଥାନ ଅଲିମ୍ପିକ ଆସୋସିଏଶନର ଅଧ୍ୟକ୍ଷ ରହିଥିଲେ। ତାଙ୍କ ଦେହାନ୍ତରେ ଆଇଓସି ଅଧ୍ୟକ୍ଷ ନରିନ୍ଦର ବାତ୍ରା ଶୋକପ୍ରକାଶ କରିଛନ୍ତି। ୨୦୧୭ ନିର୍ବାଚନରେ ସେ ଅନ୍ୟ ୯ ଜଣଙ୍କ ସମେତ ଆଇଓସି ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ରାଜସ୍ଥାନ ରାଜ୍ୟପାଳ କଲରାଜ ମିଶ୍ର ଓ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ମଧ୍ୟ ଶୋକ ପ୍ରକାଶ କରିଛନ୍ତି। ରାଜନୀତି ଓ କ୍ରୀଡ଼ା ପ୍ରତି ଜନାର୍ଦ୍ଦନଙ୍କ ବିଶେଷ ଯୋଗଦାନ ଥିଲା ବୋଲି ଗେହଲଟ କହିଛନ୍ତି।

# ମ୍ୟାଚ୍ ଫିକ୍ସିଂ: ଜୋୟସା ୬ ବର୍ଷ ବାସନ୍ଦ

ଦୁବାଇ,୨୮।୪(ପି.ଟି.)

ଶ୍ରୀଲଙ୍କା ପୂର୍ବତନ ଦ୍ରୁତ ବୋଲର ତଥା କୋଚ୍ ନୂଆନ ଜୋୟସା ସବୁପ୍ରକାର କ୍ରିକେଟରୁ ୬ ବର୍ଷ ବାସନ୍ଦ ହୋଇଛନ୍ତି। ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ତାଙ୍କୁ ବୁଧବାର ବାସନ୍ଦ କରାଯାଇଛି ବୋଲି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଜେନେରାଲ ମ୍ୟାନେଜର-ଇଣ୍ଟିଗ୍ରିଟି ୟୁନିଟ୍ ଆଲେକ୍ସ ମାର୍ଶାଲ କହିଛନ୍ତି। କ୍ରିକେଟରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯିବ ଓ କୌଣସି ପ୍ରକାର ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଜଣେ ଭାରତୀୟ ବୁକିଙ୍କଠାରୁ ସେ ଦୁର୍ନୀତି ପ୍ରସ୍ତାବ ପାଇଥିଲେ ମଧ୍ୟ ସେ ଏହାକୁ ସାର୍ବଜନୀନ କରି ନ ଥିଲେ। ସେ ମଧ୍ୟ ପୂର୍ବରୁ ୨୦୧୮ ଅକ୍ଟୋବର ୩୧ ତାରିଖରେ ସାମୟିକ ଭାବେ ବାସନ୍ଦ ହୋଇଥିଲେ। ସେ ମଧ୍ୟ ଶ୍ରୀଲଙ୍କା ଜାତୀୟ ଦଳରେ କୋଚ୍ ରହିଛନ୍ତି। ଦୁର୍ନୀତି କରିବା ବଦଳରେ ସେ ସମସ୍ତଙ୍କର ରୋଲ ମଡେଲ ଭାବେ ପରିଚିତ ହେବା ଆବଶ୍ୟକ। ତେବେ ତାଙ୍କ କାର୍ଯ୍ୟକଳାପକୁ ଗ୍ରହଣ କରାଯାଇନାହିଁ ବୋଲି ମାର୍ଶାଲ କହିଛନ୍ତି।


ନୂଆନ ଜୋୟସା

୪୨ ବର୍ଷୀୟ ଜୋୟସା ୩୦ ଟେଷ୍ଟ ଓ ୯୫ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ୟୁଏଇରେ ଅନୁଷ୍ଠିତ ଏକ ଟି୧୦ ଟୁର୍ନାମେଣ୍ଟରେ ତାଙ୍କ ବିରୋଧରେ ଦୁର୍ନୀତ ଅଭିଯୋଗ ଆସିଥିଲା। ସେତେବେଳେ ସେ ଶ୍ରୀଲଙ୍କା ଦଳର ବୋଲିଂ କୋଚ୍ ଭାବେ ଦାୟିତ୍ୱରେ ଥିଲେ। ସେ ମଧ୍ୟ ଶ୍ରୀଲଙ୍କା ଏ' ଦଳର ବୋଲିଂ କୋଚ୍ ରୂପେ କାର୍ଯ୍ୟ କରିଛନ୍ତି। ଜୋୟସାଙ୍କ ପୂର୍ବରୁ ଚଳିତ ମାସରେ ପୂର୍ବତନ ଦ୍ରୁତ ବୋଲର ଦିଲହରା ଲୋକୁହେଟିଗଙ୍କୁ ମଧ୍ୟ ସମ କାରଣ ପାଇଁ ସବୁ ପ୍ରକାର କ୍ରିକେଟରୁ ୮ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା। ସେହିପରି ୨୦୧୯ରେ ସନତ ଜୟସୂରିୟାଙ୍କୁ ବାସନ୍ଦ କରାଯାଇଥିଲା। ୨୦୧୬ରେ ପୂର୍ବତନ ଶ୍ରୀଲଙ୍କା ଅଫ୍ ସ୍ପିନର ଜୟାନନ୍ଦ ୱାରନାବୀରାଙ୍କୁ ମଧ୍ୟ ବାସନ୍ଦ କରାଯାଇଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ